# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-350 ◆BHUBANESWAR ◆WEDNESDAY ◆18 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୫୦ ◆ଭୁବନେଶ୍ୱର ◆ବୁଧବାର ◆୧୮ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




‘ରାମାୟଣ’କୁ ନା କରିଥିଲେ ପ୍ରିୟଙ୍କା

▶ପୃଷ୍ଠା ୧୧ ଦେଖନ୍ତୁ...

**ମଧ୍ୟପ୍ରାଚ୍ୟରେ ମହାଲଢ଼େଇ**

# ଯୁଦ୍ଧକୁ ଡେଇଁବ ଆମେରିକା

## ▶▶ ଲଢ଼ୁଆ ବିମାନ ପଠାଇଲା ଆମେରିକା
## ▶▶ ତେହରାନ ଖାଲି କରିବାକୁ କହିଲେ ଟ୍ରମ୍ପ
## ▶▶ ଖାମନେଇଙ୍କୁ ବି ହତ୍ୟା କରାଯିବ: ଇସ୍ରାଏଲ

■ **ତେହରାନ, ୧୭।୬ (ଏଜେନ୍ସି):** ଇରାନ-ଇସ୍ରାଏଲ ମଧ୍ୟରେ ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଯୁଦ୍ଧ ଆଜି ପଞ୍ଚମ ଦିନରେ ପହଞ୍ଚିଛି । ଉଭୟ ଇରାନ ଏବଂ ଇସ୍ରାଏଲ ପରସ୍ପର ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିବା ସହିତ ଏବେ ଜନବସତି ଅଞ୍ଚଳକୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଶତାଧିକ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି । ଯୁଦ୍ଧ ଥମିବାର ନାଁ ଧରୁ ନ ଥିବା ବେଳେ ଇରାନ ରାଜଧାନୀ ତେହରାନ ଉପରେ ବଡ଼ଧରଣର ଆକ୍ରମଣ କରିବା ଲାଗି ଆମେରିକା ଯୋଜନା କରୁଛି । ତୁରନ୍ତ ତେହରାନ ଖାଲି କରିବା ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନବାସୀଙ୍କୁ ପରାମର୍ଶ ଦେବାପରେ ଏଭଳି ଆଭାସ ମିଳିଛି । କେବଳ ଏତିକି ନୁହେଁ, ଇରାନ ତୁରନ୍ତ ଆତ୍ମସମର୍ପଣ କରୁ ବୋଲି କହିଛନ୍ତି ଟ୍ରମ୍ପ ।

ଇତିମଧ୍ୟରେ ଆମେରିକା ଲଢ଼ୁଆ ବିମାନ ପଠାଇବା ପରେ ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧର ଆଶଙ୍କା ଘନେଇଛି । ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଲଢ଼େଇକୁ ଆମେରିକା ଖୁବ୍‌ଶୀଘ୍ର ଲମ୍ଫ ମାରିପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି ।


ଅନ୍ୟପକ୍ଷରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇଙ୍କୁ ହତ୍ୟା କରାଯିବ ବୋଲି ଇସ୍ରାଏଲ୍ ଚେତାବନୀ ଦେଇଛି । ଇରାନ-ଇସ୍ରାଏଲ ଯୁଦ୍ଧର ଅବସାନ ପାଇଁ ଆନ୍ତର୍ଜାତିକ ସ୍ତରରେ ସେମିତି ଆଖିଦୃଶିଆ ଉଦ୍ୟମ ହେଉନଥିବା ବେଳେ ଟ୍ରମ୍ପ ଆଜି ଧମକ ▶ପୃଷ୍ଠା-୭



## ଯୁଦ୍ଧରୁ ବେପାର

### ହୋଟେଲ୍ ମେନୁରେ ‘ସ୍କାଏ ମିସାଇଲ୍ ଭ୍ୟୁ’ ଫିଚର୍

■ **ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି):** ଇରାନ-ଇସ୍ରାଏଲ ମଧ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧକୁ ନେଇ ବିଶ୍ୱ ଚିନ୍ତିତ ଥିବା ବେଳେ ଲେବାନନ୍ ଏହି ଯୁଦ୍ଧକୁ ଆୟର ଉତ୍ସ କରିଛି । ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଲେବାନନ୍‌ର ହୋଟେଲଗୁଡ଼ିକ ସେମାନଙ୍କର ମେନୁରେ ‘ସ୍କାଏ ମିସାଇଲ୍ ଭ୍ୟୁ’ ପ୍ରିମିୟମ୍ ଫିଚର ଯୋଡ଼ିଛନ୍ତି । ରାଜଧାନୀ ବେରୁତ୍‌ର ଏକ ବାର୍ ଛାତ ଉପରୁ ଗ୍ରାହକମାନେ ଇସ୍ରାଏଲ୍ ଉପରେ ଇରାନ୍ ପକ୍ଷରୁ କରାଯାଉଥିବା ମିସାଇଲ ମାଡ଼ ଦେଖିବା ସହ ସେଲ୍‌ଫି ମଧ୍ୟ ନେଉଛନ୍ତି ।



ଏଥିରେ ସ୍ୱତନ୍ତ୍ର ସିଟ୍ ପାଇଁ ଅଲଗା ଫି’ ରଖାଯାଇଛି । ଏପରି ଏକ ହୋଟେଲର ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।

# ପାଣି ଦୂଷିତ-ମଦ ବିଷାକ୍ତ-ନାରୀ ଅସୁରକ୍ଷିତ

**ଡେଉଁଛି ଡାଇରିଆ**

## ଦିନକରେ ୫ ଜିଲ୍ଲାରେ ୩୦୦ ନୂଆ ଆକ୍ରାନ୍ତ

■ **ଭୁବନେଶ୍ୱର/ଯାଜପୁର/କେନ୍ଦ୍ରାପଡ଼ା, ୧୭।୬ (ସମିସ):** ଗତ ୬ ତାରିଖରୁ ଯାଜପୁରରେ ବ୍ୟାପିଥିବା ଡାଇରିଆ ଡେଇଁଡେଇଁ ମାଡ଼ୁଛି । ଦୈନିକ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ବଦଳରେ ବଢ଼ିଚାଲିଛି । ୧୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି । ଯାଜପୁରରେ ହଇଜା ନିୟନ୍ତ୍ରଣ ହୋଇ ନ ଥିବାବେଳେ ଝାଡ଼ାବାନ୍ତି ୯ ଜିଲ୍ଲାକୁ ବ୍ୟାପିଛି । ଯାଜପୁର ପରେ କଟକ, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ପରେ ଆଜି ବାଲେଶ୍ୱରକୁ ଡାଇରିଆ ମାଡ଼ିଗଲାଣି । ଯାଜପୁର ଜିଲ୍ଲାର କୋରେଇ, ବଡ଼ଚଣା, ଧର୍ମଶାଳାରେ ସ୍ଥିତିରେ ସାମାନ୍ୟ ଉନ୍ନତି ଘଟିଥିବାବେଳେ ଯାଜପୁର ଓ ବରୀ ବ୍ଲକରେ ଝାଡ଼ାବାନ୍ତି ଭୟଙ୍କର ରୂପ ନେଇଛି । ସୁକିନ୍ଦା ବ୍ଲକ କାଙ୍କଡ଼ପାଳ ପଞ୍ଚାୟତ ଗରାମିଆଁ ଗାଁରେ ଜଣଙ୍କର ମୃତ୍ୟୁ ଘଟିଛି । ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ମଧ୍ୟରେ ଅର୍ଦ୍ଧାଧିକ ଶିଶୁ ରୋଗୀ ଥିବା ଜଣାପଡ଼ିଛି । ଆଜି ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୮୫ ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୧୫ ଜଣଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଛି । କେନ୍ଦ୍ରୀୟ ଟିମ୍ ମଧ୍ୟ ତିନି ଦିନ ଧରି ଯାଜପୁରରେ ସ୍ଥିତି ଅନୁଧ୍ୟାନ କରୁଥିଲେ ହେଁ ଏଯାବତ୍ ଝାଡ଼ାବାନ୍ତିର ମୂଳ ଉତ୍ସ ଖୋଜି ପାଉନାହାନ୍ତି । ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ▶ପୃଷ୍ଠା-୭



### ରାଜ୍ୟର ମୋଟ ୯ ଜିଲ୍ଲା ସଂକ୍ରମିତ
### ୧୨ ଦିନରେ ଗଡ଼ିଲାଣି ୨୦ ମୁଣ୍ଡ
### ୩୦ ଜିଲ୍ଲା ପାଇଁ ସତର୍କତା ଜାରି

## ରାଜଧାନୀରେ ମଦମୃତ୍ୟୁ

■ **ଭୁବନେଶ୍ୱର, ୧୭।୬ (ସମିସ):** ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଥିବାବେଳେ ରାଜଧାନୀରେ ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟିଛି । ଗତବର୍ଷ ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ମୃତ୍ୟୁ ଘଟଣାର ତଦନ୍ତ ଏଯାଏ ଆରମ୍ଭ ହୋଇ ନ ଥିବାବେଳେ ଖୋଦ୍ ରାଜଧାନୀରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । କଟକ-ପୁରୀ ରୋଡ୍‌ର ଷ୍ଟେସନବଜାର ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରୁ ବିଷାକ୍ତ ମଦ ପିଇ ଲକ୍ଷ୍ମୀସାଗର ଉପର ସାହିର ୨ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତ୍ୟୁବରଣ କରିଥିବା ଦୁଇ ଯୁବକ ହେଲେ ସନ୍ତୋଷ କୁମାର ପଟ୍ଟନାୟକ ଏବଂ ବିଶ୍ୱଜିତ ବେହେରା । ବିଷାକ୍ତ ମଦ ପିଇ ୩ଜଣ ଗୁରୁତର ଭାବରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀ ମଦ ଦୋକାନ ଆଗରେ ହୋ ହାଲ୍ଲା କରିଥିଲେ । ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା । ଅବକାରୀ ବିଭାଗ କର୍ମଚାରୀ ଉକ୍ତ ଦୋକାନରୁ ମଦ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି । ▶ପୃଷ୍ଠା-୭

**୨ ମୃତ, ୩ ଗୁରୁତର**

**ଗୋପାଳପୁର ଗଣଦୁଷ୍କର୍ମ**

## ରାଜ୍ୟକୁ ଲଜ୍ଜା

### ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ରିପୋର୍ଟ ତଲବ
### କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେଲେ ପୁଲିସ ଡିଜି
### ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ କଂଗ୍ରେସ



■ **ଭୁବନେଶ୍ୱର/ ବ୍ରହ୍ମପୁର, ୧୭।୬ (ସମିସ):** ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ତାଙ୍କ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି । ବିଳମ୍ବରେ ହେଲେ ମଧ୍ୟ ପୁଲିସ ଏହି ଘଟଣାରେ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ । ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବା ଅନ୍ୟ ଯୁବକମାନଙ୍କୁ ଏହି ନାବାଳକମାନେ ସହଯୋଗ କରିଥିବା ଅଭିଯୋଗ ହୋଇଛି । ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ୩ ଦିନ ମଧ୍ୟରେ ରିପୋର୍ଟ ▶ପୃଷ୍ଠା-୭

### ନିନ୍ଦାକଲେ ମୁଖ୍ୟମନ୍ତ୍ରୀ ମୋହନ

■ **ଭୁବନେଶ୍ୱର, ୧୭।୬ (ସମିସ):** ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହା ସହ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ▶ପୃଷ୍ଠା-୭

### ନବୀନଙ୍କ କ୍ଷୋଭ



**ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ପର୍ଶକାତର**

**ମହିଳାଙ୍କ ସୁରକ୍ଷା ଅଭାବ ଚିନ୍ତାଜନକ**

■ **ଭୁବନେଶ୍ୱର, ୧୭।୬ (ସମିସ):** ଗୋପାଳପୁରରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ସାଂଘାତିକ ସ୍ଥିତିକୁ ପଦାରେ ପକାଇ ଦେଇଛି । ଏପରି ସ୍ପର୍ଶକାତର ଘଟଣାକୁ ରାଜ୍ୟବ୍ୟାପୀ କଡ଼ା ନିନ୍ଦା କରାଯାଉଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଦୃଢ଼ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପ୍ରତିକ୍ରିୟା ରଖି ରାଜ୍ୟରେ ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ▶ପୃଷ୍ଠା-୭

## ଆଦିବାସୀ ନାବାଳିକାକୁ ଦୁଷ୍କର୍ମ, ହତ୍ୟା !

### ସଜନାଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର
### କେନ୍ଦୁଝରରେ ଆଲୋଡ଼ନ

■ **କେନ୍ଦୁଝର, ୧୭।୬ (ସମିସ):** ରାଜ୍ୟରେ ସୀମା ଟପିଛି ନାରୀ ବିରୋଧୀ ହିଂସା । ଦୈନିକ ରାଜ୍ୟରେ ହାରାହାରି ୧୫ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ପଞ୍ଜିକୃତ ହେଉଛି । ଦିନକ ତଳେ ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଗଣଦୁଷ୍କର୍ମ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଆଜି ଜଣେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ହରିଚନ୍ଦନପୁର ବ୍ଲକ୍ ପଣ୍ଡାପଡ଼ା ଥାନା ଅଞ୍ଚଳରେ ଏକ ସଜନା ଗଛରେ ନାବାଳିକାର ଝୁଲନ୍ତା ଶବ ଉଦ୍ଧାର କରାଯାଇଛି । ଗଛରେ ଝୁଲୁଥିବା ନାବାଳିକାର ଶବ ପାଦ ତଳେ ଲାଗିଛି ଓ ପୋଷାକରେ ରକ୍ତସ୍ରାବର ଚିହ୍ନ ରହିଛି । ନିକଟରେ ବିଲରେ ଏକ ମସିଣା ଓ ଆଉ କିଛି ଲୁଗାପଟା ମଧ୍ୟ ପଡ଼ିଥିବା ଦେଖାଯାଇଛି । ରାତିରେ ଦୁର୍ବୃତ୍ତମାନେ ଦୁଷ୍କର୍ମ ପରେ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି ।

ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଧରିବାକୁ ଦାବିକରି ସ୍ଥାନୀୟ ଜନସାଧାରଣ ନୁଦୁରପଡ଼ା-କାଳିଆହତା ରାସ୍ତାକୁ ଅବରୋଧ କରିଛନ୍ତି । ଘଟଣାସ୍ଥଳରେ ପଣ୍ଡାପଡ଼ା ପୁଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ▶ପୃଷ୍ଠା-୭


SIKSHA ‘O’ ANUSANDHAN

SAAT-2025

Empowering students for a brighter future

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 09th Best in Law Category
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


**ପୁଣି ଯାନ୍ତ୍ରିକ ତ୍ରୁଟି**

## ଦିନକରେ ୭ ଏୟାର୍ ଇଣ୍ଡିଆ ବିମାନ ବାତିଲ

### ସାନଫ୍ରାନସିସ୍କୋ-ମୁମ୍ବାଇ ବିମାନରୁ ଓହ୍ଲାଇଗଲେ ଯାତ୍ରୀ
### ଏୟାର୍ ଇଣ୍ଡିଆର ଇଞ୍ଜିନିୟରିଂ ମୁଖ୍ୟଙ୍କୁ ଡିଜିସିଏର ସମନ



■ **ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି):** ଏୟାର ଇଣ୍ଡିଆ ମଙ୍ଗଳବାର ତା’ର ଏକାଧିକ ଅନ୍ତର୍ଜାତୀୟ ବିମାନ ଉଡାଣକୁ ବାତିଲ କର । ଅହମଦାବାଦ ବିମାନ ଦୁର୍ଘଟଣା ପରେ ବୋଇଂର ପ୍ରମୁଖ ବିମାନଗୁଡିକର ଯାଞ୍ଚ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି । ବୋଇଂର ୭୮୭-୮ ଡ୍ରିମ୍‌ଲାଇନର ବିମାନର ଏହି ୭ଟି ଅନ୍ତର୍ଜାତୀୟ ଉଡାଣକୁ ବାତିଲ କରାଯାଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି । ବାତିଲ ହୋଇଥିବା ବିମାନଗୁଡିକର ହେଲା ଏଆଇ ୯୧୫ (ଦିଲ୍ଲୀ- ଦୁବାଇ), ଏଆଇ ୧୫୩ (ଦିଲ୍ଲୀ- ଭିଏନା), ଏଆଇ ୧୪୩ (ଦିଲ୍ଲୀ-ପ୍ୟାରିସ୍), ଏଆଇ ୧୫୯ (ଅହମ୍ମଦାବାଦ୍-ଲଣ୍ଡନ), ଏଆଇ୧୭୦ (ଲଣ୍ଡନ-ଅମ୍ରିତଶର) ଏଆଇ ୧୩୩ (ବେଙ୍ଗାଲୁରୁ- ଲଣ୍ଡନ) ଓ ଏଆଇ ୧୭୯ (ସାନଫ୍ରାନସିସ୍କୋ-ମୁମ୍ବାଇ) । ସେହିପରି ବୈଷୟିକ କାରଣ ଦୃଷ୍ଟିରୁ ଦିଲ୍ଲୀ ଆସୁଥିବା ଏଆଇ ୩୧୫ ବିମାନକୁ ପାଇଲଟ ପୁଣି ହଂକଂକୁ ଫେରାଇ ନେବାକୁ ବାଧ୍ୟ ହୋଇଛନ୍ତି । ଅନ୍ୟପଟେ ମଙ୍ଗଳବାର ସାନ୍ ଫ୍ରାନ୍‌ସିସ୍କୋରୁ ମୁମ୍ବାଇ ଆସୁଥିବା ବିମାନରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା । ଫଳରେ ଯାତ୍ରୀମାନଙ୍କୁ କୋଲକାତା ବିମାନବନ୍ଦରରେ ଓହ୍ଲାଇ ଦିଆଯାଇଥିଲା । ସେହିପରି ଲୁଫ୍‌ଥାନ୍‌ସା ଓ ବ୍ରିଟିଶ ଏୟାରୱେଜ୍‌ର ଦୁଇଟି ଡ୍ରିମ୍‌ଲାଇନର ବିମାନକୁ ଯାତ୍ରା ଆରମ୍ଭ କରିଥିବା ଏୟାରପୋର୍ଟକୁ ଫେରିବାକୁ ପଡ଼ିଥିଲା । ଏହି ଦୁଇଟି ବିମାନ ଫ୍ରାଙ୍କଫର୍ଟ ଓ ଲଣ୍ଡନରୁ ଯଥାକ୍ରମେ ହାଇଦରାବାଦ ଓ ଲଣ୍ଡନ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା ।

ଅହମଦାବାଦ ଦୁର୍ଘଟଣା ପରେ ଗତ ୫ ଦିନମଧ୍ୟରେ ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଦ୍ୱିତୀୟ ଫ୍ଲାଇଟ୍‌କୁ ବାତିଲ କରାଯାଇଛି । ଏବେ ଏହି ବିମାନ ବୁଧବାର ଲଣ୍ଡନ ଯାତ୍ରା କରିବ ବୋଲି କୁହାଯାଇଛି । ସେହିପରି ଗୋଟିଏ ଦିନ ପୂର୍ବରୁ ଅର୍ଥାତ ସୋମବାର ଅହମଦାବାଦରୁ ଲଣ୍ଡନ ଯିବାକୁଥିବା ଫ୍ଲାଇଟ୍‌କୁ ମଧ୍ୟ ବାତିଲ କରାଯାଇଥିଲା । ତେବେ ବୈଷୟିକ ତ୍ରୁଟି ନୁହଁ; ଆବଶ୍ୟକ ସଂଖ୍ୟକ ବିମାନ ନଥିବାରୁ ଉଡାଣ ବାତିଲ ହୋଇଛି ବୋଲି ଏୟାର ଇଣ୍ଡିଆ କହିଛି । ଗତ ୧୨ ତାରିଖ ଅହମଦାବାଦ ଦୁର୍ଘଟଣା ପରେ ଏୟାର ଇଣ୍ଡିଆ ୬୬ଟି ଆନ୍ତର୍ଜାତିକ ବିମାନ ସେବାକୁ ବାତିଲ କଲାଣି । ସମସ୍ତ ଡ୍ରିମଲାଇନର ବିମାନର ଯାଞ୍ଚ ଚାଲିଛି ଏବଂ ୨୪ଟିକୁ କ୍ଲିୟରାନ୍ସ ମିଳିଛି । ଅନ୍ୟପକ୍ଷରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ପାଇଁ ଏୟାର୍ ଇଣ୍ଡିଆର ଇଞ୍ଜିନିୟରିଂ ମୁଖ୍ୟଙ୍କୁ ଡିଜିସିଏ ପକ୍ଷରୁ ସମନ କରାଯାଇଛି ।






## ଆମେରିକାରେ ପାକିସ୍ତାନ ସେନାମୁଖ୍ୟଙ୍କୁ ବିରୋଧ

ୱାଶିଂଟନ୍, ୧୭।୬(ଏଜେନ୍ସି): ଆମେରିକା ଗସ୍ତରେ ଯାଇଥିବା ପାକିସ୍ତାନ ସେନାଧକ୍ଷ ଅସିମ ମୁନିରଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏକ ସରକାରୀ ଗସ୍ତରେ ଆମେରିକାର ଯାଇଥିବା ମୁନିରଙ୍କୁ ୱାଶିଂଟନ ଡିସିରେ ପାକିସ୍ତାନ ନାଗରିକ ଓ ପାକିସ୍ତାନ



ବଂଶୋଦ୍ଭବ ଲୋକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏମାନେ ଏକାଠି ହୋଇ ମୁନିରଙ୍କ ହୋଟେଲ ନିକଟରେ ତାଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ। ପାକିସ୍ତାନରେ ଗଣତନ୍ତ୍ରକୁ ପୁଣି ଥରେ ନିରପେକ୍ଷ ଓ ସ୍ୱଚ୍ଛ ଭାବେ ପ୍ରତିଷ୍ଠା କରିବାକୁ ସେମାନେ ଦାବି କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ହୋଟେଲ ନିକଟ୍‌ରେ ଏକ ମୋବାଇଲ୍ ଇଲେକଟ୍ରୋନିକ୍ ବିଲ୍‌ବୋର୍ଡ ଦେଖିବାକୁ ମିଳିଥିଲା। ଏଥିରେ ଅସିମ ମୁନିର, ଗଣହତ୍ୟାକାରୀ। ଯେବେ ବନ୍ଧୁକ ଗର୍ଜିବ, ତେବେ ଲୋକତନ୍ତ୍ରର ହତ୍ୟା ହେବ' ବୋଲି ଦେଖିବାକୁ ମିଳିଥିଲା। ସେହିପରି ଏମାନେ 'ଶେମ୍ ଅନ୍ ୟୁ, ଶେମ୍ ଫ୍ରି ପାକିସ୍ତାନ' ଭଳି ସ୍ଲୋଗନ ଦେଇଥିଲେ। ଏମାନେ ସବୁ ଇମ୍ରାନ ଖାନ୍‌ଙ୍କ 'ତହରିକ-ଇ- ଇନ୍‌ସାଫ୍' ପାର୍ଟିର ସମର୍ଥକ ଓ ଏମାନେ ଏହି ବିରୋଧ ପ୍ରଦର୍ଶନ ଆୟୋଜନ କରୁଛନ୍ତି ବୋଲି କୁହାଯାଇଛି। ପାକିସ୍ତାନରେ ଅଧିଷ୍ଠିତ ଏବେକାର ସରକାରଙ୍କୁ ଏମାନେ ଦୀର୍ଘ ବର୍ଷ ଧରି ବିରୋଧ କରିଆସୁଛନ୍ତି।

## ସୋନିଆ ଗାନ୍ଧୀଙ୍କ ପାକସ୍ଥଳୀ ସଂକ୍ରମଣ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଦିଲ୍ଲୀର ସାର୍ ଗଙ୍ଗା ରାମ ହସ୍ପିଟାଲରେ ରବିବାରଠାରୁ ଭର୍ତ୍ତି ହୋଇଥିବା କଂଗ୍ରେସର ସଂସଦୀୟ ଦଳ ମୁଖ୍ୟ




ସୋନିଆ ଗାନ୍ଧୀଙ୍କ ପାକସ୍ଥଳୀ ସଂକ୍ରମଣ ହୋଇଛି। ଏବେ ସେ ଡାକ୍ତରଙ୍କ ପର୍ଯ୍ୟବେକ୍ଷଣରେ ଅଛନ୍ତି। ଧିରେ ଧିରେ ସୁସ୍ଥ ହେଉଛନ୍ତି ବୋଲି ହସ୍ପିଟାଲର ଅଧକ୍ଷ ଡ଼. ଅଜୟ ସ୍ୱରୂପ କହିଛନ୍ତି। ତେବେ ସେ କେଉଁ ଦିନ ମେଡିକାଲରୁ ଛାଡ଼ ପାଇବେ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ତାଙ୍କ ଖାଦ୍ୟପଦାର୍ଥ ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ଡ. ଏସ ନଣ୍ଡି ଏବଂ ଡ. ଅମିତାଭ ଯାଦବ ତୀକ୍ଷଣ ଦୃଷ୍ଟି ରଖିଛନ୍ତି। ରବିବାର ତାଙ୍କୁ ଗ୍ୟାଷ୍ଟ୍ରୋ ବିଭାଗରେ ଭର୍ତ୍ତି କରାଯାଇଥିଲା।

## ୟୁକ୍ରେନର ୨୭ ଠିକଣାରେ ରୁଷ୍ ଆକ୍ରମଣ: ୧୫ ମୃତ

ମସ୍କୋ, ୧୭।୬ (ଏଜେନ୍ସି): ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷ୍ ଜୋରଦାର ଆକ୍ରମଣ କରିଛି। ମଙ୍ଗଳବାର ସକାଳେ ଅନେକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି। ୪୪ ଜଣ ଆହତ ହୋଇଛନ୍ତି ବୋଲି ୟୁକ୍ରେନ ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ୟୁକ୍ରେନ ଗୃହମନ୍ତ୍ରୀ ଇହୋର କ୍ଲିମେଂକୋ କହିଛନ୍ତି ଯେ କିଭ୍‌ର ୨୭ ସ୍ଥାନରେ ଆକ୍ରମଣ କରାଯାଇଛି। ଏଥିରେ ଜନବହୁଳ କୋଠା, ସ୍କୁଲ୍ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଯୁଦ୍ଧ ପରେ ଏହା ସବୁଠାରୁ ବଡ଼ ଆକ୍ରମଣ ଥିଲା ବୋଲି କୁହାଯାଇଛି। ଏହା ପରେ କିଭ୍‌ରେ ୭ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଆକ୍ରମଣ ପାଇଁ ଚେତାବନୀ ଜାରି ହୋଇଥିଲା।

## ଜୁଲାଇ ୧ରୁ ଅମରନାଥ ଯାତ୍ରା ମାର୍ଗରେ ନୋ ଫ୍ଲାଇଂ ଜୋନ୍



ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ଅମରନାଥ ଯାତ୍ରାର ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ଏହି କ୍ରମରେ ଜମ୍ମୁ- କଶ୍ମୀର ସରକାର ପୂରା ଯାତ୍ରା ମାର୍ଗକୁ 'ନୋ ଫ୍ଲାଇଂ ଜୋନ୍' ଘୋଷଣା କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି। ଜୁଲାଇ ୧ରୁ ୧୦ ଅଗଷ୍ଟ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇ ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବ। ଏହିକ୍ରମରେ ଯାତ୍ରାପଥରେ ଡ୍ରୋନ୍, ୟୁଏଭି, ବେଲୁନ୍ ଉଡାଇବାକୁ ବାରଣ କରାଯାଇଛି। ତେବେ ଏହି ନିୟମ ସ୍ୱାସ୍ଥ୍ୟଗତ କାର୍ଯ୍ୟକ୍ରମ, ଆପାଦକାଳୀନ ସ୍ଥିତି ଓ ନିରାପତ୍ତାରକ୍ଷୀଙ୍କ ପାଇଁ କୋହଳ କରାଯିବ। ଏଥିପାଇଁ ଭିନ୍ନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡୋର (ଏସ୍‌ଓପି) ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଏହି ଯାତ୍ର ପହଲଗାମ ଓ ବାଲଟାଲ ପଥରେ ଦେଇ ଯିବାକୁ ହୋଇଥାଏ।

ଅହମଦାବାଦ ବିମାନ ଦୁର୍ଘଟଣାର ନୂଆ ଭିଡିଓ

# ଦୁର୍ଘଟଣା ପୂର୍ବରୁ ଖୋଲିଥିଲା 'ରାଟ୍'

## ଉଭୟ ଇଞ୍ଜିନ ଫେଲ୍, ବିଦ୍ୟୁତ ପ୍ରବାହ ବନ୍ଦ ନା ହାଇଡ୍ରୋଲିକ ଫେଲ୍ ?

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଗତ ୧୨ ତାରିଖରେ ଭାରତକୁ ସ୍ତବ୍ଧ କରି ଦେଇଥିବା ଅହମଦାବାଦ ବିମାନ ଦୁର୍ଘଟଣାରେ କ୍ରୁ ସଦସ୍ୟ ଏବଂ ଯାତ୍ରୀଙ୍କ ସମେତ ୨୭୫ ଜଣଙ୍କ ଜୀବନ ଯାଇଛି। ଏହା ଭାରତର ସବୁଠୁ ହୃଦୟ ବିଦାରକ ବିମାନ ଦୁର୍ଘଟଣା ଥିଲା। ତେବେ ଏ ପର୍ଯ୍ୟନ୍ତ ଏହି ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ଦୁର୍ଘଟଣା କାହିଁକି ଘଟିଲା? ଉଡ଼ାଣର ୩୨ ସେକେଣ୍ଡ ମଧ୍ୟରେ କାହିଁକି ବିମାନ ଉପରକୁ ନ ଉଠି ଖସି ପଡ଼ିଲା ତାହା ଜାଣିବା ପାଇଁ ଯାଞ୍ଚ ଜାରି ରହିଛି। ୯ଟି ଜାତୀୟ ଏବଂ ଅନ୍ତର୍ଜାତୀୟ ଏଜେନ୍ସି ମାମଲାର ତଦନ୍ତ କରୁଛନ୍ତି। ଏପରି ସମୟରେ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଜଣେ କିଶୋର ୧୯ ସେକେଣ୍ଡର ଏହି ଭିଡିଓ ରେକର୍ଡ କିରିଛି। ଏହା ଯାଞ୍ଚରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। କାରଣ ଏହି ଭିଡିଓରେ ବିମାନରେ କିଛି ଅଜବ ଦୃଶ୍ୟ ଦେଖିବାକୁ ମିଳୁଛି। ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ବୋଇଂ ଡ୍ରିମଲାଇନର ୭୮୭-୮ରୁ ରାମ ଏୟାର ଟର୍ବାଇନ (ରାଟ୍) ବାହାରିଥିବା ଦେଖାଯାଉଛି। ସ୍ୱୟଂଚାଳିତ ଭାବେ ମୁତୟନ ହେଉଥିବା ଏହା ଏକ କ୍ଷୁଦ୍ର ପ୍ରୋପେଲର ଡିଭାଇସ। ଜରୁରୀକାଳୀନ ସ୍ଥିତି ସୃଷ୍ଟି ହେଲେ ହିଁ ଏହା ବାହାରକୁ ବାହାରିଥାଏ। ଏହା ତିନୋଟି କାରଣକୁ ସଙ୍କେତ ଦେଉଛି। ବିମାନର ଦୁଇଟି ଯାକ ଇଞ୍ଜିନ ଫେଲ୍ ହୋଇଥାଇପାରେ, ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଣ କଟି ଯାଇଥାଇପାରେ କିମ୍ବା ହାଇଡ୍ରୋଲିକ୍ ଖରାପ ହୋଇଥାଇପାରେ।

ନୂଆ ଭିଡିଓରୁ ବିମାନର ଶବ୍ଦ ଏବଂ ଦୃଶ୍ୟ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ବିମାନର ଇଞ୍ଜିନରୁ ଶବ୍ଦ ବାହାରୁ ନ ଥିବାବେଳେ ରାଟ୍ ତୀବ୍ର ଗର୍ଜନ କରୁଛି। ଏହା ସ୍ୱୟଂଚାଳିତ ଭାବେ ବାହାରକୁ ଆସୁଥିବା ସ୍ପଷ୍ଟ ଦେଖାଯାଉଛି। ଏହି ସମୟରେ ବିମାନ ନିର୍ଦ୍ଧାରିତ ଉଚ୍ଚତାକୁ ଯିବା ପାଇଁ ସଂଘର୍ଷ କରୁଛି ଏବଂ ପରେ ତଳକୁ ଖସି ଆସୁଛି। ରାଟ୍ ପବନକୁ ବ୍ୟବହାର କରି ଜରୁରୀକାଳୀନ ସ୍ଥିତିରେ ବିଦ୍ୟୁତ ଶକ୍ତି ସୃଷ୍ଟି କରିଥାଏ। ବିମାନ ଦୁର୍ଘଟଣାକୁ ନେଇ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ ପଦରୁ ଅବସରଗ୍ରହଣ କରିଥିବା ତଥା ଏବେ ଭିଭିଆଇପିଙ୍କ ବିମାନ ଉଡ଼ାଣରେ ସାମିଲ ଗ୍ରୁପ୍ କ୍ୟାପ୍ଟେନ ମୋହିତ ଚତୁର୍ବେଦୀ କହିଛନ୍ତି ଯେ ବିମାନ ଦୁର୍ଘଟଣାର ୩ ସେକେଣ୍ଡ ପୂର୍ବରୁ ସେ ଅଜବ ଦୃଶ୍ୟ ଦେଖିବାକୁ ପାଇଛନ୍ତି। ରାଟ୍ ବାହାରକୁ ଆସିଯାଉଥିବା ଦେଖାଯାଉଛି। ଏହା ବିମାନର ସବୁ ଇଞ୍ଜିନ ଫେଲ୍




ହୋଇଥିବାକୁ ଦର୍ଶାଉଛି। ବିମାନର ସବୁ ସିଷ୍ଟମ ଫେଲ୍ ହୋଇଗଲା ପରେ ଯାଇ କ୍ରାସ ଲାଣ୍ଡିଂ ହୋଇଥାଏ। ସେ କହିଛନ୍ତି ଯେ ବାଣିଜ୍ୟିକ ବିମାନରେ ବିଦ୍ୟୁତ୍ ଶକ୍ତି ପାଇଁ ଦୁଇଟି ଇଲେକ୍ଟ୍ରିକ ଜେନେରେଟର ରହିଥାଏ। ଏହାକୁ ଇଣ୍ଟିଗ୍ରେଟେଡ ଡ୍ରାଇଭ ଜେନେରେଟର (ଆଇଡିଜି) କୁହାଯାଇଥାଏ। ତୃତୀୟ ଜେନେରେଟର ବିମାନର ପଛ ଭାଗ ଟେଲ୍ (ଲାଞ୍ଜ) ରେ ଲାଗିଥାଏ। ଏହାକୁ ଅକ୍ସିଲାରି ପାୱାର ୟୁନିଟ (ଏପିୟୁ) କୁହାଯାଏ। ଯଦି ଦୁଇଟି ମୁଖ୍ୟ ଦୁଇଟି ଜେନେରେଟର ଖରାପ ହୋଇଯାଏ ତେବେ ଏପିୟୁ ଚାଲୁ ହୋଇଥାଏ। ଯଦି ଏହି ତିନୋଟି ମଧ୍ୟରୁ କୌଣସି ଗୋଟିଏ ଜେନେରେଟର ବି ଚାଲେ ତେବେ ବିମାନକୁ ବିଦ୍ୟୁତ ଶକ୍ତି ମିଳିପାରିବ। ଯଦି ତିନୋଟି ଯାକ ଜେନେରେଟର ଖରାପ ହୋଇଯାଏ ତେବେ ବି ଜୀବନ ବଞ୍ଚିବାର ସମ୍ଭାବନା ରହିଛି। କାରଣ ସବୁ ଇଞ୍ଜିନରେ ବ୍ୟାକ୍‌ଅପ୍ ଜେନେରେଟର ରହିଥାଏ। ଏହା ବିମାନକୁ ଅଲଟରନେଟିଂ କରେଣ୍ଟ ଦେଇଥାଏ। ଏହା ଦ୍ୱାରା ଇଞ୍ଜିନ ଚାଲିଥାଏ।

ବିମାନରେ ସମସ୍ତ ପ୍ରକାରର ଶକ୍ତି ପରିଚାଳନା ପାଇଁ ଏକ କମ୍ପ୍ୟୁଟର-ଆଧାରିତ ବୈଦ୍ୟୁତିକ ଲୋଡ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଇଏଲଏମଏସ) ରହିଛି। ଏହା କେଉଁ ସମୟରେ କେଉଁ ଜେନେରେଟର ଚାଲୁ କରାଯିବ ତାହାର ନିଷ୍ପତ୍ତି ନେଇଥାଏ। କିନ୍ତୁ ଯଦି ଦୁର୍ଭାଗ୍ୟବଶତଃ ତିନୋଟି ମୁଖ୍ୟ ଜେନେରେଟର ଏବଂ ଦୁଇଟି ବ୍ୟାକଅପ୍ ଜେନେରେଟର ମଧ୍ୟ କାମ କରିବା ବନ୍ଦ କରିଦିଏ ତେବେ ସମ୍ପୂର୍ଣ୍ଣ ଭାର ବିମାନର ଦୁଇଟି ସ୍ଥାୟୀ ଚୁମ୍ବକୀୟ ଜେନେରେଟର (ପିଏମ୍‌ଜି) ଉପରେ ପଡ଼ିବ। ଏହା ଚକଗୁଡ଼ିକର ଗତି ସହିତ ଛୋଟ ହେଡଲାଇଟକୁ ଆଲୋକିତ କରିଥାଏ। ଯଦି ପିଏମ୍‌ଜି ବିଫଳ ହୋଇଯାଏ ତେବେ ରାଟ୍ ଶେଷ ବିକଳ୍ପ ହୋଇଥାଏ। ବିମାନର ଲ୍ୟାଣ୍ଡିଂ ଗିୟରର ଟିକେ ପଛରେ ଏହା ଲାଗିଥାଏ। ପବନକୁ ଉପଯୋଗ କରି ଏହା ବିଦ୍ୟୁତ ଶକ୍ତି ପ୍ରସ୍ତୁତ କରିଥାଏ। ଯଦି ସମସ୍ତ ସିଷ୍ଟମ୍ ବିଫଳ ହୁଏ ତେବେ ରାଟ ସ୍ୱୟଂଚାଳିତ ଭାବରେ ବାହାରକୁ ଆସିଥାଏ। ଏହା ଶକ୍ତି ଉତ୍ପାଦନ କରି ସିଷ୍ଟମକୁ ପଠାଏ। କିନ୍ତୁ ଯଦି କୌଣସି କାରଣରୁ ରାଟ ସିଷ୍ଟମ୍ ମଧ୍ୟ ବିଫଳ ହୁଏ ତେବେ ବିମାନକୁ ଦୁର୍ଘଟଣାରୁ ରକ୍ଷା କରିବାର କୌଣସି ବିକଳ୍ପ ବାକି ନଥାଏ। ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନରୁ ରାଟ୍ ବାହାରୁଥିବା ଦେଖାଯାଉଛି। ଏହା ଉଡ଼ାଣ ସମୟରେ ସବୁ ଜେନେରେଟର ଫେଲ ହୋଇଥିବାକୁ ଦର୍ଶାଉଛି। ତେବେ ଫ୍ଲାଇଟ ଡାଟା ରେକର୍ଡର ଯାଞ୍ଚରୁ ଏ ନେଇ ଅଧିକ ସୂଚନା ମିଳିପାରିବ। ସେହିପରି ପକ୍ଷୀ ମାଡ଼ ହେବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିବ ନାହିଁ ବୋଲି ବିଶେଷଜ୍ଞ କ୍ୟାପ୍ଟେନ ଏହସାନ ଖଲିଦ କହିଛନ୍ତି।

## ଦୁର୍ଘଟଣା ସ୍ଥଳରୁ ମିଳିଲା ୮୦୦ ଗ୍ରାମ୍ ସୁନା, ୮୦ ହଜାର ଟଙ୍କା

ଅହମଦାବାଦ୍, ୧୭।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସ୍ଥଳରୁ ୮୦ ତୋଳା ଅର୍ଥାତ ୮୦୦ ଗ୍ରାମ୍ ସୁନା, ୮୦ ହଜାର ନଗଦ ଟଙ୍କା, ଗୋଟିଏ ମୋବାଇଲ ଫୋନ୍, ଭଗବଦ ଗୀତା, ୯ଟି ପାସପୋର୍ଟ ଓ ଅନ୍ୟାନ ଜିନିଷ ମିଳିଛି। ଦୁର୍ଘଟଣା ସ୍ଥଳରେ ପହଞ୍ଚିବା ପରେ ରାଜେଶ ପଟେଲଙ୍କ କହିବା ଅନୁଯାୟୀ ବିମାନ ଧ୍ୱଂସାବଶେଷ ତଳୁ ଗୋଟିଏ ମୋବାଇଲ ଫୋନ୍, ଏକ ଲାପ୍‌ଟପ୍ ମିଳିଥିଲା। ଏହାକୁ ବାଦ୍ ଦେଲେ ସୁନାଗହଣା, ନଗଦ ଟଙ୍କା ଓ ପାର୍ସପୋର୍ଟ ମିଳିଥିଲା ବୋଲି ସେ କହିଛନ୍ତି। ଏହି ଜିନିଷଗୁଡିକ ସମେତ ୪-୫ଟି ବ୍ୟାଗ୍‌ଗୁଡିକୁ ମଧ୍ୟ ସରକାରୀ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ଜିନିଷଗୁଡିକର ଡକ୍ୟୁମେଣ୍ଟସନ ପ୍ରକ୍ରିୟା ଚାଲୁ ରହିଛି ଓ ଜିନିଷଗୁଡିକୁ ମୃତାହତଙ୍କ ପରିବାର ଲୋକଙ୍କୁ ଫେରାଇ ଦିଆଯିବବୋଲି ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସିଂଘବୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୨ରେ ତାରିଖରେ ଅହମ୍ମଦାବାଦରୁ ଲଣ୍ଡନ ଯିବାକୁ ଯାତ୍ରା ଆରମ୍ଭ କରିଥିବା ଏଆଇ-୧୭୧ ବିମାନ (ବୋଇଂ ୭୮୭-୮ ଡ୍ରିମ୍‌ଲାଇନର) ଟେକ୍ ଅଫ୍ କରିବାର ମାତ୍ର କିଛି ସେକେଣ୍ଡ ମଧ୍ୟରେ ବିଜେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ହଷ୍ଟେଲ ବିଲ୍ଡିଂ ଉପରେ ତଳକୁ ଖସିପଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏଥିରେ ୨୨୯ ଯାତ୍ରୀଙ୍କ ସମେତ ୧୦ କ୍ରୁ ଓ ୨ ପାଇଲଟଙ୍କ ମୃତ୍ୟୁବରଣ କରିଥିଲେ। ତେବେ ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ। ସେହିପରି ହଷ୍ଟେଲ୍‌ରେ ଥିବା ୩୪ ଜଣ ଲୋକ ମଧ୍ୟ ପ୍ରାଣ ହରାଇଥିଲେ। ଏମାନଙ୍କ ମଧ୍ୟରେ କେତେଜଣ ସ୍ଥାନୀୟ ଲୋକ ସାମିଲ ଥିଲେ।



## ହଷ୍ଟେଲରୁ ଡେଇଁଥିଲେ ଛାତ୍ର

ଅହମଦାବାଦ, ୧୭।୬ (ଏଜେନ୍ସି): ବିମାନ ଦୁର୍ଘଟଣା ସମୟର ଏକ ନୂଆ ଭିଡିଓ ସାମ୍‌ନାକୁ ଆସିଛି। ଏହି ଭିଡିଓରେ ମେଡିକାଲ କଲେଜ ଛାତ୍ରମାନେ ହଷ୍ଟେଲ କୋଠାର ତୃତୀୟ ଏବଂ ଚତୁର୍ଥ ମହଲାରୁ ଡେଉଁଥିବା ଦେଖାଯାଉଛି। ଏୟାର ଇଣ୍ଡିଆ ବିମାନ ମେସ୍ କୋଠା ସହିତ ଧକ୍କା ଖାଇଥିଲା। ହଷ୍ଟେଲ କୋଠାରେ ନିଆଁ ଲାଗିଯାଇଥିଲା। ଯେଉଁ କୋଠାର ବାଲକୋନିରୁ ଛାତ୍ରମାନେ ତଳକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି, ସେହି କୋଠାର ଉଭୟ ପାର୍ଶ୍ୱରେ ନିଆଁ ଲାଗିଛି। ଛାତ୍ରମାନେ ଚାଦର ସାହାଯ୍ୟରେ ଚତୁର୍ଥ ମହଲାରୁ ତୃତୀୟ ମହଲାକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି।

ମୁକ୍ତିଲାଭ କରିବ 'ଠଗ୍ ଅଫ୍ ଲାଇଫ୍'

## କର୍ଣ୍ଣାଟକ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'କୁ କର୍ଣ୍ଣାଟକରେ ମୁକ୍ତିଲାଭ ହୋଇପାରି ନାହିଁ। ଏଥିପାଇଁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରକୁ ଭର୍ତ୍ସନା କରିବା ସହ ଅସନ୍ତୋଷ ଜାହିର କରିଛନ୍ତି। କୌଣସି ଲୋକଙ୍କ ମୁଣ୍ଡରେ ବନ୍ଧୁକ ରଖି ଫିଲ୍ମ ଦେଖିବାକୁ ବାରଣ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଫଳରେ କର୍ଣ୍ଣାଟକରେ ଏହି ସିନେମା ମୁକ୍ତିଲାଭ କରିବା ନେଇ ସ୍ଥିତି ସ୍ପଷ୍ଟ ହୋଇଛି। କନ୍ନଡ ଭାଷା ନେଇ କମଲ ହାସନ ଦେଇଥିବା ବିବାଦୀୟ ମନ୍ତବ୍ୟ କାରଣରୁ ଏହି ସିନେମାକୁ କର୍ଣ୍ଣାଟକରେ ରିଲିଜ କରାଯାଇନାହିଁ। ବିଚାରପତି ଉଜ୍ଜଳ ଭୂୟାଁ ଓ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ସରକାରଙ୍କୁ କଡ଼ା



ସମାଲୋଚନା କରିଛନ୍ତି। ଯେତେବେଳେ କୌଣସି ସିନେମାକୁ ସେନସରବୋର୍ଡଠାରୁ ପ୍ରମାଣପତ୍ର ମିଳିଛି, ସେତେବେଳେ ଏହାକୁ ଦେଶରେ କୌଣସି ସ୍ଥାନରେ ମୁକ୍ତିଲାଭ କରାଇବାରେ କୌଣସି ଅସୁବିଧା ନାହିଁ ବୋଲି ସୁପ୍ରିମ କୋର୍ଟ କହିଛନ୍ତି। ତେଣୁ ଏହି ସିନେମାକୁ କର୍ଣ୍ଣାଟକରେ ରିଲିଜ କରାଇବାକୁ ସରକାରଙ୍କୁ ସବୁ ବ୍ୟବସ୍ଥା ଅପଣାଇବାର ଥିଲା। ସିନେମାର ରିଲିଜ୍ ନେଇ ସ୍ଥିତି ସ୍ପଷ୍ଟ କରିବାକୁ ସରକାରଙ୍କୁ କୋର୍ଟ ଗୋଟିଏ ଦିନ ସମୟ ଦେଇଛନ୍ତି। ପୂର୍ବରୁ କମଲ ଯେପର୍ଯ୍ୟନ୍ତ କ୍ଷମା ମାଗି ନାହାନ୍ତି, ସେପର୍ଯ୍ୟନ୍ତ ସିନେମାକୁ ରିଲିଜ କରାଯିବ ନାହିଁ ବୋଲି କର୍ଣ୍ଣାଟକ ଫିଲ୍ମ ଚାମ୍ବର୍ସ ଅଫ୍ କମର୍ସ (କେଏଫ୍‌ସିସି) କହିଥିଲା। ଏ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କଠାରୁ ଜବାବ ମାଗିଛି। ସୁପ୍ରିମକୋର୍ଟ ଏହି ମାମଲାକୁ ନିଜ ଆଡକୁ ସ୍ଥାନାନ୍ତର କରିଛନ୍ତି। ଏ ନେଇ ପରବର୍ତ୍ତୀ ଶୁଣାଣି ଜୁନ୍ ୧୯ରେ ହେବ। ଉଲ୍ଲେଖିଥାଉ କି, କନ୍ନଡ ତାମିଲ ଭାଷାରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ।

## ପାଇଲଟ୍‌ଙ୍କ ଟ୍ରେନିଂ ରେକର୍ଡ ମାଗିଲା ଡିଜିସିଏ

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ଭାରତର ଆଭିଏସନ ରେଗୁଲେଟର ଅର୍ଥାତ ବିମାନଗୁଡିକର ସୁରକ୍ଷା ଉପରେ ନଜର ରଖୁଥିବା ସଂସ୍ଥା ଭାବେ ଜଣାଶୁଣା ଥିବା ଡାଇକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଅଭିଏସନ (ଡିଜିସିଏ) ଏବେ ଏକ ନୂଆ ପଦକ୍ଷେପ ନେବାକୁ ଏୟାର ଇଣ୍ଡିଆକୁ କହିଛି। ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇ ପାଇଲଟ୍ ଓ ଫ୍ଲାଇଟ୍ ଡିସପାଚରଙ୍କ ଟ୍ରେନିଂ ରେକର୍ଡ ଡାଟା ଦେବାକୁ ଡିଜିସିଏ ଏୟାର ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛି। ବିମାନ ଉଡାଣର ଯୋଜନା କରୁଥିବା ବ୍ୟକ୍ତିଙ୍କୁ ଡିସ୍‌ପାଚର କୁହାଯାଇଥାଏ। ଏଥିସହ ପାଇଲଟ୍‌ଙ୍କ ଟ୍ରେନିଂ ଡିଟେଲ ସମେତ ସହାୟକ କାଗଜପତ୍ର ମଧ୍ୟ ମଗାଯାଇଛି। ଡିଜିସିଏ ମଧ୍ୟ ଏହି ବିମାନ ଦୁର୍ଘଟଣାର ତଦନ୍ତ କରୁଛି। ଏହି ବିମାନ ଦୁର୍ଘଟଣା ସଂକ୍ରାନ୍ତରେ ଜଣାଶୁଣା ନ୍ୟୁଜ ଏଜେନ୍ସି ରଏଟର୍ସ ଗୋପନୀୟ ମେମୋ ମିଳିଥିବା ଦାବି କରିଛି। ଏହାକୁ ଭିତ୍ତି କରି ଡିଜିସିଏ ଏହି ଟ୍ରେନିଂ ଡିଟେଲ ମାଗିଛି। ଏହି କ୍ରମରେ ପାଇଲଟ୍‌ମାନଙ୍କର ଟ୍ରେନିଂ, ଯୋଗ୍ୟତା, ଫ୍ଲାଇଟ୍ ହିଷ୍ଟ୍ରି, ମେଡିକାଲ ରେକର୍ଡ ଏବଂ ତାଙ୍କ ବିରୋଧରେ ପୂର୍ବରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ରେକର୍ଡକୁ ମଧ୍ୟ ଡିଜିସିଏ ମାଗିଛି। ଉଲ୍ଲେଖଥାଉ କି, ଏହି ବିମାନର କମାଣ୍ଡିଂ ପାଇଲଟ୍ ସୁମିତ ସବରୱାଲ୍‌ଙ୍କର ୮, ୦୦୦ ଘଣ୍ଟା ବିମାନ ଉଡାଇବାର ଅଭିଜ୍ଞତା ରହିଥିଲା ଓ ସେ ମଧ୍ୟ ଇନ୍‌ଷ୍ଟ୍ରକ୍‌ଟର ରହିଥିଲେ। ତାଙ୍କ ସହ ପାଇଲଟ୍ କ୍ଲାଇଭ କୁନ୍ଦରଙ୍କର ୧, ୧୦୦ ଘଣ୍ଟା ବିମାନ ଚଳାଇବାର ଅଭିଜ୍ଞତା ରହିଥିଲା।

## ସୋନମର ଗୁମର ଖୋଲୁଛି



ସିଲଂ, ୧୭।୬ (ଏଜେନ୍ସି): ସିଲଂରେ ହନିମୁନ୍ ହତ୍ୟାକାଣ୍ଡକୁ ନେଇ ନୂଆ ନୂଆ ତଥ୍ୟ ସାମ୍‌ନାକୁ ଆସୁଥିବାବେଳେ ଆଜି ମେଘାଳୟ ପୁଲିସ କ୍ରାଇମ ସିନ୍ ରିକ୍ରିଏଟ କରିଛି। ରାଜା ରଘୁବଂଶୀ ହତ୍ୟାକାଣ୍ଡର ସମସ୍ତ ଅଭିଯୁକ୍ତଙ୍କୁ ନେଇ ସୋହରାର ୱେଇ ସାଭଡୋଙ୍ଗ ଝରଣାରେ ପହଞ୍ଚିଛି। ପୂର୍ବ ଖାସି ହିଲ୍ସର ଏସ୍‌ପି ବିବେକ କହିଛନ୍ତି ଯେ ରାଜାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିଲା। ରାଜାଙ୍କ ଉପରେ ଆକ୍ରମଣ କରିବା ପାଇଁ ସୋନମ ନିର୍ଦ୍ଦେଶ ଦେଇଥିଲେ। ସଙ୍କେତ ମିଳିବା ପରେ ବିଶାଳ ଓରଫ ଭିକି ତାଙ୍କୁ ଆକ୍ରମଣ କରିଥିଲା। ଏହା ପରେ ରାଜାଙ୍କ ମୁଣ୍ଡରୁ ରକ୍ତ ବାହାରିବାରେ ଲାଗିଥିଲା। ଏହି ସମୟରେ ସୋନମ ରାଜାଙ୍କ ସାମ୍‌ନାରେ ଥିଲା। କିନ୍ତୁ ରକ୍ତ ବାହାରିବା ଦେଖି ସୋନମ ସେଠାରୁ ଚାଲି ଯାଇଥିଲା। କାମ ସାରିଦିଅ ବୋଲି କହିଥିଲା। ଏହା ଶୁଣି ଆନନ୍ଦ ଏବଂ ଆକାଶ ପୁଣି ଆକ୍ରମଣ କରି ତିନି ଅଭିଯୁକ୍ତ ମୃତଦେହକୁ ତଳେ ପକାଇ ଦେଇଥିଲେ।

### ରାଜାଙ୍କ ରକ୍ତ ଦେଖି ପଳାଇଥିଲା ସୋନମ

ଏହି ସମୟରେ ବିଶାଳ ରାଜାଙ୍କ ଡାହାଣ ପାଖରେ ଏବଂ ଆକାଶ ଓ ଆନନ୍ଦ ବାମ ପଟେ ଛିଡା ହୋଇଥିଲା। ପରେ ବିଶାଳ ରାଜାଙ୍କ ମୁଣ୍ଡ ଉପରେ ଆକ୍ରମଣ କରିଥିଲା।

ସୂଚନା ଅନୁଯାୟୀ କ୍ରାଇମ ସିନ୍ ରିକ୍ରିଏସନ ସମୟରେ ଫୋରେନସିକ୍ ବିଭାଗ ଏବଂ ଏସ୍‌ଡିଆରଏଫର ଟିମ୍ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ଏସ୍‌ପି କହିଛନ୍ତି ଯେ ରାଜାଙ୍କ ଫୋନକୁ ନଷ୍ଟ କରିଦିଆଯାଇଛି। ପ୍ରଥମେ ସୋନମ ଏବଂ ପରେ ବିଶାଳ ଏହାକୁ ଭାଙ୍ଗି ଦେଇଥିଲା। ଅନ୍ୟପକ୍ଷରେ ସିଲଂ ପୁଲିସର ଏକ ଦଳ ଆଜି ଇନ୍ଦୋରରେ ପହଞ୍ଚିଥିଲା। ଦଳ ଦେବାସ ନାକା ଅଞ୍ଚଳରେ ଥିବା ଫ୍ଲାଟର ତଲାସୀ ନେଇଥିଲା। ବିଶାଳ ଏଠାରେ ଏକ ଫ୍ଲାଟ ଭଡା ନେଇଥିଲା। ଏଠାରେ ସୋନମ ୮ ଦିନ ପାଇଁ ରହିଥିଲେ। ଏହା ମଧ୍ୟରେ ସୋନମ ଗୁଣିଗାରେଡି କରୁଥିଲା ବୋଲି ରାଜାଙ୍କ ବାପା ଅଭିଯୋଗ କରିଛନ୍ତି।

## ବିବାହ ପରେ ସ୍ୱାମୀଙ୍କୁ ହତ୍ୟା

ରାଞ୍ଚି, ୧୭।୬ (ଏଜେନ୍ସି): ହନିମୁନ ହତ୍ୟାକାଣ୍ଡ ମାମଲା ମନରୁ ଯାଇ ନ ଥିବାବେଳେ ଝାଡ଼ଖଣ୍ଡ ଗରୱା ଜିଲ୍ଲା ବୋହୁକୁନ୍ଦର ଗ୍ରାମରୁ ଏଭଳି ଏକ ମାମଲା ସାମ୍‌ନାକୁ ଆସିଛି। ପୁଣି ଏକ ନିରୀହର ଜୀବନ ଯାଇଛି। ବିବାହର ୩୬ ଦିନ ପରେ ସ୍ୱାମୀଙ୍କୁ ବିଷ ଦେଇ ସ୍ତ୍ରୀ ହତ୍ୟା କରିଛି। ଏହି ମାମଲାରେ ପୁଲିସ ସ୍ତ୍ରୀ ସୁନିତାଙ୍କୁ ସୋମବାର ସନ୍ଧ୍ୟାରେ ଗିରଫ କରିଛି। ଏବେ ସେ ନ୍ୟାୟିକ ହେପାଜତରେ ଅଛନ୍ତି। ପୀଡ଼ିତ ବୁଦ୍ଧନାଥ ସିଂହଙ୍କ ମାଆ ବୋହୂ ବିରୋଧରେ ହତ୍ୟା ନେଇ ଏତଲା ଦେବା ପରେ ଏହା ସାମ୍‌ନାକୁ ଆସିଥିଲା। ଛତିଶଗଡ଼ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ରଘୁନାଥ ସିଂହଙ୍କ କନ୍ୟା ସୁନିତାଙ୍କୁ ମେ' ୧୧ ତାରିଖରେ ବୁଦ୍ଧନାଥ ବିବାହ କରିଥିଲେ। କିନ୍ତୁ ବିବାହର ଦିନକ ପରେ ସମସ୍ୟା ସୃଷ୍ଟି ହୋଇଥିଲା। ବୋହୂ ଶଶୁର ଘରେ ନ ରହି ବାପଘରକୁ ଚାଲି ଯାଇଥିଲା। ସେ ବିବାହରେ ଖୁସି ନ ଥିବା କହିଥିଲେ। ବୁଦ୍ଧନାଥଙ୍କୁ ପସନ୍ଦ କରୁ ନାହାନ୍ତି। ତେଣୁ ତାଙ୍କ ସହ ରହିବେ ନାହିଁ ବୋଲି କହିଥିଲେ। ତେବେ ପରିବାର ସଦସ୍ୟ ଏବଂ ପଞ୍ଚାୟତ ବସି ବୁଝାସୁଝା କରିବାରୁ ଗତ ୫ ତାରିଖରେ ବୁଦ୍ଧନାଥଙ୍କ ସହ ସୁନିତା ଘରକୁ ଫେରିଥିଲେ। ଗତ ୧୪ ତାରିଖରେ ଦମ୍ପତି ଛତିଶଗଡ଼ର ରାମନୁଜଗଞ୍ଜ ବୁଲିବାକୁ ଯାଇଥିଲେ। ଏହି ସମୟରେ କ୍ଷେତରେ ପକାଇବାକୁ ପାଇଁ କୀଟନାଶକ ଆଣିବାକୁ ସ୍ୱାମୀଙ୍କୁ କହିଥିଲେ। ଏହାର ଦିନକ ପରେ ଗତ ୧୫ ତାରିଖରେ ରାତିରେ ସୁନିତା ଖାଦ୍ୟରେ କୀଟନାଶକ ମିଶାଇ ସ୍ୱାମୀଙ୍କୁ ଖାଇବାକୁ ଦେଇଥିଲେ। ତା ପରଦିନ ସକାଳକୁ ବୁଦ୍ଧନାଥଙ୍କ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ବିଷ ଦେଇଥିବା ଜଣାପଡ଼ିଥିଲା।

## ସିନ୍ଧୁ ଚୁକ୍ତି: ପାକିସ୍ତାନରେ ଚେନାବ ନଦୀର ଜଳସ୍ତର ୯୨% ହ୍ରାସ

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ଦୁଇ ଦିନ ପରେ ଅର୍ଥାତ ଏପ୍ରିଲ ୨୪ରେ ପାକିସ୍ତାନ ସହ ହୋଇଥିବା ସିନ୍ଧୁ ଚୁକ୍ତିକୁ ଭାରତ ସ୍ଥଗିତ ରଖିଥିଲା। ଏବେ ଏହାର ଜବରଦସ୍ତ ପ୍ରଭାବ ପାକିସ୍ତାନରେ ଦେଖିବାକୁ ମିଳିଛି। ପାକିସ୍ତାନରେ ଚେନାବ ନଦୀର ଜଳ ପ୍ରବାହରେ ୯୨ ପ୍ରତିଶତ ହ୍ରାସ ପାଇଛି। ଗତ ମେ ୨୯ରେ ନଦୀରେ ଜଳ ପ୍ରବାହ ୯୮ ହଜାର



୨୦୦ କ୍ୟୁସେକ ଥିଲା। ଏବେ ଏଥିରେ ଅବନତି ହୋଇଛି ଏହା ଏବେ ୭୨୦୦ କ୍ୟୁସେକ୍‌ରେ ପହଞ୍ଚିଛି। ଜଳସ୍ତର ଏବେ ୩୦୦୦ କ୍ୟୁସେକ ଅର୍ଥାତ 'ଡେଡ୍ ଲେବଲ' ତଳକୁ ଯିବାର ଆଶଙ୍କା ସୃଷ୍ଟି ହୋଇଛି। ପାକିସ୍ତାନର ଦୁଇ ରାଜ୍ୟ ପଞ୍ଜାବ ଓ ସିନ୍ଧ୍‌ର ୬.୫ କୋଟି କୃଷକ ଜଳସେଚନ ନାଇଁ ଚେନାବ ଉପରେ ନିର୍ଭର କରିଥାନ୍ତି। ଜଳସ୍ତର କମିଥିବାରୁ ଏବେ ୪୦ ପ୍ରତିଶତର ଅଧିକ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସିନ୍ଧୁ ନଦୀ ଉପରେ ନିର୍ମିତ ତାରବେଲ ବନ୍ଧ ଓ ଝେଲମ ନଦୀ ଉପରେ ନିର୍ମିତ ମଙ୍ଗଲା ବନ୍ଧରେ ଜଳସ୍ତରରେ ବହୁତ ଅବନତି ହୋଇଛି। ଏହାକୁ ପାକିସ୍ତାନର କୃଷି ମନ୍ତ୍ରଣାଳୟ ମଧ୍ୟ ସ୍ୱୀକାର କରିଛି। ଏଥିଯୋଗୁଁ ଖରିପ ଫସଲ ଅମଳ ସବୁଠାରୁ ଖରାପ ହେବ ବୋଲି ଅନୁମାନ କରାଯାଉଛି। ଏପର୍ଯ୍ୟନ୍ତ ଏହି ଘଟଣାକ୍ରମରେ ପାକିସ୍ତାନରେ ୨୨୦୦ ଶହ କୋଟି ଟଙ୍କାର କ୍ଷତି ହୋଇଛି ବୋଲି କୁହାଯାଇଛି। ପୂର୍ବରୁ ପାକିସ୍ତାନ ଭାରତକୁ ୪ଥର ଚିଠି ଲେଖି ପାଣି ଦେବାକୁ ଅନୁରୋଧ କରିସାରିଛି।

# ଓଷୁଅ ଲାଗିହେଲେ ମହାପ୍ରଭୁ

**ପୁରୀ,୧୭।୬(ସମିସ):** ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ । ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା । ଭିତରଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି । ଏହି ଗୁପ୍ତ ସେବାରେ ସୋମବାର ଫୁଲୁରୀ ତେଲ ଲାଗି ହେବା ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି ମହାପ୍ରଭୁ । ମଙ୍ଗଳବାର ଦାରୁଦିଅଁଙ୍କୁ ଓଷୁଅ ଲାଗି କରାଯାଇଛି । ସୂଚନାଥାଉ କି, ଅଣସର ସମୟରେ ମହାପ୍ରଭୁଙ୍କୁ ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷୁଅ ଲାଗି କରାଯାଇଥାଏ । ଏହି ଚାରିଦିନ ମଧ୍ୟାହ୍ନ ଧୂପ ସରିବା ପରେ ଅଣସର ଘର ଖୋଲିଥାଏ । ଅଣ ଶୁଦ୍ଧସୁଆର ଝୁଣା, ରାଶି ତେଲରେ ପ୍ରସ୍ତୁତ କରିଥିବା ଓଷୁଅ ଦଇତାପତିମାନେ ନେଇ ଶ୍ରୀଅଙ୍ଗରେ ଲେପ ଦିଅନ୍ତି । ଏହାପରେ ଠାକୁରଙ୍କ ପାଖରେ ଚକଟା ଭୋଗ, ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି କରାଯାଇଥାଏ ।


# ୨୭ରେ ସୀମିତ ରହିବ ଜମି କିସମ

**ଭୁବନେଶ୍ୱର,୧୭।୬(ସମିସ):** ଜମିର କିସମ ସଂଖ୍ୟା ହ୍ରାସ ହେବ । ବର୍ତ୍ତମାନ ରାଜ୍ୟରେ ୭ ହଜାର କିସମ ପ୍ରଚଳିତ ହେଉଛି । ଏହାକୁ ୨୭ଟି କିସମରେ ସୀମିତ ରଖିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଅନେ ବ୍ରିଟିଶ ଅମଳର ଜମି କିସମ ଚାଲିଛି । ତଇଲା, ପାଳ, ଘରବାରି, ବଗାୟତ ଭଳି ରାଜ୍ୟରେ ୭ ହଜାର ଜମି କିସମ ପ୍ରଚଳନ ରହିଛି । ଜମିର ଏଭଳି କିସମକୁ ନେଇ ସାଧାରଣ ଲୋକ ଦ୍ୱନ୍ଦ୍ୱରେ ପଡୁଛନ୍ତି । ସମାନ ଚରିତ୍ର ଜମିର ଭିନ୍ନ ଭିନ୍ନ ନାଁ ଅର୍ଥାତ କିସମ ରହିଛି । ଏହାକୁ ସଂକୁଚିତ କରାଯିବ ଓ ୨୭ଟି କିସମରେ ସୀମିତ ରଖିବାକୁ ନିଷ୍ପତ୍ତି ହୋଇଛି । ଏହାର ଚୂଡ଼ାନ୍ତ ରୂପରେଖ ହୋଇଛି ଓ ଏନେଇ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ସେହିଭଳି ଜମି ସତ୍ତ୍ୱ ବା ମାଲିକାନାର ପରିବର୍ତ୍ତନ ଉପରେ ରାଜ୍ୟ ସରକାର ବର୍ତ୍ତମାନ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ସବୁ ପଞ୍ଚାୟତକୁ ତହସିଲ୍‌ଦାର ଓ ଅତିରିକ୍ତ ତହସିଲଦାର ଗସ୍ତ କରିବେ । ଅତି କମ୍‌ରେ ଦୁଇ ମାସରେ ଥରେ ତହସିଲ୍ ଅଫିସ୍ ଲୋକଙ୍କ ପାଖକୁ ଯିବ । ଲୋକେ ଘରେ ବସି କିପରି ସୁବିଧା ସୁଯୋଗ ପାଇବେ ସେନେଇ ବ୍ୟବସ୍ଥା କରାଯାଉଛି । ସେହିପରି ଲୋକେ ଘରେ ବସି ମୋବାଇଲ୍ ଆପ୍‌ରେ କିପରି ସେବା ପାଇପାରିବେ ସେନେଇ ମଧ୍ୟ କାର୍ଯ୍ୟ ଜାରି ରହିଛି । ଏଥିପାଇଁ ମୋବାଇଲ୍‌ରେ ୧୮ଟି ରାଜସ୍ୱ ସୁବିଧା ମିଳିବ । ରାଜସ୍ୱ ସେବା ଲୋକଙ୍କୁ ପାଖକୁ ଯିବା ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଏଭଳି କାର୍ଯ୍ୟ ପାଇଁ ଅଭିଜ୍ଞ ଲୋକ, ବିଧାୟକ, ସାଂସଦ, ଜମି ମାଲିକ ଓ ବିଶେଷଜ୍ଞମାନଙ୍କ ସହିତ ବିଚାର ବିମର୍ଶ କରାଯାଇ ସରକାର ନିଷ୍ପତ୍ତି ନେଉଛନ୍ତି ବୋଲି ସେ କହିଛନ୍ତି ।

# ୯ ମାସ ବିତିଲା; ଗଠନ ହେଲାନି ଶ୍ରୀମନ୍ଦିର ପରିଚାଳନା କମିଟି

## ସରକାରଙ୍କୁ ନୈତିକତାର ପାଠ ପଢ଼ାଇଲେ ଗଜପତି

**ପୁରୀ,୧୭।୬(ସମିସ):** ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କୁ ନେଇ ରାଜନୀତି କରିଆସିଛି ବିଜେପି । ନିର୍ବାଚନୀ ପ୍ରଚାରରେ ବଡ଼ଦେଉଳ ଏବଂ ମହାପ୍ରଭୁଙ୍କୁ ଲୋକଙ୍କ ସାମ୍ନାକୁ ଆଣି ଅନେକ ମିଛି କଥା କହିଛି । ନିର୍ବାଚନ ଜିତିବା ପରେ ବି ଶ୍ରୀମନ୍ଦିରକୁ ନେଇ ବଡ଼ ବଡ଼ କଥା କହିଛନ୍ତି ବିଜେପି ନେତା । ରାଜ୍ୟରେ ସରକାର ଗଢିବାର ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି । ହେଲେ ଏହି ବର୍ଷେ ଭିତରେ ପରିକ୍ରମା ପ୍ରକଳ୍ପ ପାଇଁ କିଛି କଲେ ନାହିଁ । ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିରର କିଛି ଦ୍ୱାର ବନ୍ଦ ଥିଲା ବୋଲି କହି ରାଜ୍ୟ ସରକାରଙ୍କୁ ନୈତିକତାର ପାଠ ପଢ଼ାଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ । ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଗଜପତି ମହାରାଜା ସରକାରଙ୍କ ଶ୍ରୀମନ୍ଦିର ପ୍ରୀତି କେତେ ତାହା ପଦାରେ ପକାଇ ଦେଇଛନ୍ତି ।



ଗଜପତି ମହାରାଜା କହିଛନ୍ତି, ପରିକ୍ରମା ପ୍ରକଳ୍ପରେ ଆହୁରି କିଛି କାମ କରିବାର ଅଛି । ସରକାର ବଦଳିଲେ ଏବଂ ନୂଆ ସରକାର ଆସିଲେ । ଇତିମଧ୍ୟରେ ବର୍ଷ ପୂରିଥିଲେ ବି ପ୍ରକଳ୍ପ କାମରେ କିଛି ଅଗ୍ରଗତି ହୋଇନାହିଁ । ଚାରିଦ୍ୱାରକୁ କେହି କେବେ ବନ୍ଦ କରିଦେଇ ନ ଥାନ୍ତେ । ପ୍ରକଳ୍ପ କାମ ଚାଲୁଥିବାରୁ ଏହାକୁ ବନ୍ଦ କରାଯାଇଥିଲା । ପ୍ରକଳ୍ପ କାମ ପରେ ଦ୍ୱାର ଖୋଲିଲା । ଦୁର୍ଭାଗ୍ୟର ବିଷୟ ଦ୍ୱାର ଖୋଲିଥିଲେ ମଧ୍ୟ ଦର୍ଶନ ବ୍ୟବସ୍ଥାକୁ ଠିକ୍ କରାଯାଇ ପାରିନାହିଁ । କେଉଁ ଦ୍ୱାରରେ ଭକ୍ତ ପ୍ରବେଶ କରିବେ ଏବଂ କେଉଁ ଦ୍ୱାରରେ ବାହାରକୁ ବାହାରିବେ ତାହା ସ୍ଥିର ହୋଇନାହିଁ । ନାଟମଣ୍ଡପ ଏବଂ ଜଗମୋହନରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି । କୋଭିଡ୍ ପରେ ଭକ୍ତଙ୍କ ସଂଖ୍ୟା

- **ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିରର କିଛି ଦ୍ୱାର ବନ୍ଦ ଥିଲା**
- **କାମ ସରିଲା ପରେ ଦ୍ୱାର ଖୋଲିବା ସ୍ୱାଭାବିକ ପ୍ରକ୍ରିୟା**
- **ଦର୍ଶନ ଅବ୍ୟବସ୍ଥା ସୁଧୁରିଲା ନାହିଁ, ହଇରାଣ ହେଉଛନ୍ତି ଭକ୍ତ**

ଯଥେଷ୍ଟ ବଢ଼ିଛି । ପୂର୍ବଭଳି ଶନିବାର କି ରବିବାର ଅବା ପର୍ବପର୍ବାଣିରେ କେବଳ ଭିଡ଼ ହେଉନାହିଁ, ଏବେ ପ୍ରାୟ ସବୁଦିନ ଭକ୍ତଙ୍କ ଭିଡ଼ ରହୁଛି । କିନ୍ତୁ ଦର୍ଶନ ବ୍ୟବସ୍ଥା ଏ ଯାଏ ଶୃଙ୍ଖଳିତ ହୋଇପାରିନି, ଯାହାକୁ ନେଇ ଦୁଃଖପ୍ରକାଶ କରିଛନ୍ତି ଗଜପତି ମହାରାଜା ।

ଗଜପତି ମହାରାଜା କହିଛନ୍ତି, ରାଜ୍ୟରେ ନୂଆ ସରକାର ଯେତେବେଳେ ଆସିଲେ ଭାବିଲୁ କାମ ଦ୍ରୁତଗତିରେ ଚାଲିବ । ହେଲେ ବର୍ଷେ ଭିତରେ ସେମିତି କିଛି ପ୍ରଗତି ଦେଖି ପାରିନାହୁଁ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରାୟ ଶେଷ ହୋଇଛି । କିନ୍ତୁ ଏହି ବର୍ଷେ ଭିତରେ ଆଉ କୌଣସି ପ୍ରଗତି ହୋଇନାହିଁ । ଚାରିଦ୍ୱାର ଖୋଲା ହୋଇଥାନ୍ତା, ବନ୍ଦ ହେବାର ପ୍ରଶ୍ନ ନାହିଁ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଯେ ହେତୁ ଚାଲୁଥିଲା, କେତୋଟି ଦ୍ୱାର ବନ୍ଦ କରିବାକୁ ବାଧ ହୋଇଥିଲେ ପ୍ରଶାସନ । ବନ୍ଦ ନ ହୋଇଥିଲେ ପ୍ରକଳ୍ପ କାମ ହୋଇପାରି ନ ଥାନ୍ତା । ପ୍ରକଳ୍ପ କାମ ସରିଲା, ଦ୍ୱାର ଖୋଲିବା ସ୍ୱାଭାବିକ ।

ସେହିପରି ୯ ମାସରୁ ଉର୍ଦ୍ଧ୍ୱ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରି ନାହିଁ । ଫଳରେ ଶ୍ରୀମନ୍ଦିର ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସମସ୍ୟା ହେଉଛି । ତେଣୁ ପରିଚାଳନା କମିଟି ଗଠନ ନ ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା । ସେ କହିଛନ୍ତି, ପରିଚାଳନା କମିଟି ଭାଙ୍ଗିବାର ୯ ମାସ ପୂରିଗଲାଣି । ହେଲେ ସରକାର ଏ ଯାଏ ନୂଆ କମିଟି ଗଠନ କରିପାରିଲେ ନାହିଁ । ଏଭଳି ବିଳମ୍ବ ଇତିହାସରେ ପ୍ରଥମ । ପରିଚାଳନା କମିଟିରେ ୧୦ ଜଣ ମନୋନୀତ ସଦସ୍ୟ ରୁହନ୍ତି । ସେମାନଙ୍କର କାର୍ଯ୍ୟକାଳ ୩ ବର୍ଷ ରହୁଛି । ଅବଧି ସରିବା ପୂର୍ବରୁ କମିଟି ସଦସ୍ୟଙ୍କ ମନୋନୟନ ହେବା କଥା । ଏହାଦ୍ୱାରା ଶ୍ରୀମନ୍ଦିର ପରିଚାଳନା ସୂଚାରୁ ରୂପେ ହୋଇପାରିବ । ଶ୍ରୀମନ୍ଦିର ଆଇନ କହୁଛି ୨ଟି ବୈଠକ ମଧ୍ୟରେ ବ୍ୟବଧାନ ୨ ମାସରୁ ଅଧିକ ହୋଇପାରିବ ନାହିଁ । ଅର୍ଥାତ୍ ପ୍ରତ୍ୟେକ ୨ ମାସରେ ବୈଠକ ବସିବା କଥା । କିନ୍ତୁ ୯ ମାସ ହୋଇଗଲାଣି, ପରିଚାଳନା କମିଟି ବସିପାରି ନାହିଁ । ଏହିଭଳି ଇତିହାସରେ କେବେ ହୋଇନାହିଁ । ଆଗରୁ ବିଳମ୍ବ ହୋଇଛି କିନ୍ତୁ ଏତେ ବିଳମ୍ବ ହୋଇନାହିଁ, ଯାହାକି ହେବା ଅନୁଚିତ । ଗତବର୍ଷ ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲୁ । ସେତେବେଳେ ଏହି ପ୍ରସଙ୍ଗ ଉଠାଇଥିଲୁ । ଆଉ ମାସେ, ଦୁଇମାସ ମଧ୍ୟରେ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେଉଛି । ଶୀଘ୍ର ଆପଣ ପ୍ରକ୍ରିୟା ଆରମ୍ଭ କରି ସଦସ୍ୟଙ୍କୁ ମନୋନୀତ କରନ୍ତୁ । ଯାହାଦ୍ୱାରା ପରିଚାଳନା କମିଟିର ବୈଠକ ସ୍ୱାଭାବିକ ହୋଇପାରିବ । ଏହାପରେ ବାରମ୍ବାର ଚିଠି ଲେଖି ଏବଂ ବ୍ୟକ୍ତିଗତ ସାକ୍ଷାତ୍ କରି ମଧ୍ୟ ଜଣାଇଛୁ । କିନ୍ତୁ କୌଣସି କାରଣରୁ ତାହା ଅଟକି ରହିଯାଇଛି ବୋଲି କହିଛନ୍ତି ଗଜପତି ମହାରାଜା ।

# ରଥଯାତ୍ରା ପାଇଁ ନବୀନଙ୍କୁ ଆମନ୍ତ୍ରଣ

**ଭୁବନେଶ୍ୱର,୧୭।୬(ସମିସ):** ପୁରୀ ଛତିଶା ନିଯୋଗ ସେବାୟତ ମାନଙ୍କର ଏକ ପ୍ରତିନିଧି ଦଳ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ ଏହି ସାକ୍ଷାତ

- **ନବୀନ ନିବାସରେ ଭେଟିଲେ ଛତିଶା ନିଯୋଗ ସେବାୟତ**
- **ପୁରୀର ବିକାଶ ପାଇଁ ନବୀନଙ୍କ କାର୍ଯ୍ୟକୁ ପ୍ରଶଂସା**



ସମୟରେ ସେମାନେ ଶ୍ରୀମନ୍ଦିରର ତଥା ପୁରୀ ସହରର ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ହୋଇଥିବା ବିଭିନ୍ନ କାର୍ଯ୍ୟ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ସେବାୟତମାନେ 'ପୁରୀ ଆପଣ ବହୁତ କିଛି କରିଛନ୍ତି । ରଥଯାତ୍ରାକୁ ନିଶ୍ଚୟ ଆସିବେ' ବୋଲି କହି ଶ୍ରୀ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରିଛନ୍ତି । ଜୁନ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଶ୍ରୀ ପଟ୍ଟନାୟକ ସେବାୟତ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସାକ୍ଷାତ ସମୟରେ ସାଂସଦ ଶୁଭାଶୀଷ ଖୁଣ୍ଟିଆ ଉପସ୍ଥିତ ଥିଲେ । ଅନମାନଙ୍କ ମଧ୍ୟରେ ସର୍ବଶ୍ରୀ ସାଇନା ଖୁଣ୍ଟିଆ, ଗୌରହରି ପ୍ରଧାନ, ଲୋକନାଥ ମହାସୁଆର, ରବିଶଙ୍କର ପଢିଆରୀ, କାଶୀନାଥ ମହାସୁଆର, ଦାମୋଦର ପ୍ରତିହାରୀ, ହରିଆ ସୁଆର, ଅସିତ୍ ମେକାପ, କୃଷ୍ଣଚନ୍ଦ୍ର ଗୋଚ୍ଛିକାର ଓ ଜମେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଖୋଲିଲା ଉଚ୍ଚଶିକ୍ଷାନୁଷ୍ଠାନ

# ଛାତ୍ରସଂସଦ ନିର୍ବାଚନ ପାଇଁ କ୍ୟାମ୍ପସ୍ ଚଳଚଞ୍ଚଳ

**ଭୁବନେଶ୍ୱର,୧୭।୬(ସମିସ):** ଖରାଛୁଟି ସରିବା ପରେ ମଙ୍ଗଳବାର ଖୋଲିଛି ଉଚ୍ଚଶିକ୍ଷାନୁଷ୍ଠାନ । ପ୍ରଥମ ଦିନରେ ଉପସ୍ଥାନ କମ୍ ରହିଥିଲେ ମଧ୍ୟ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ଚାଲୁଥିବାରୁ କ୍ୟାମ୍ପସ୍ ଚଳଚଞ୍ଚଳ ରହିଛି । ନାମଲେଖା ପାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବା ପାଇଁ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ହେଲ୍ପ ଡେସ୍କ ଖୋଲାଯାଇଛି । ନବାଗତ ପିଲାଙ୍କ ତଥ୍ୟ ସଂଗ୍ରହ କରିବା ସହ ନାମଲେଖାରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ।

ଗତବର୍ଷ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ କରିବାକୁ ସରକାର ବିଚାର କରୁଥିବା କହିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ନିର୍ବାଚନ କରାଇ ନ ଥିଲେ । ସମୟ ଅଭାବ ଓ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ସୁଦୃଢ଼ କରିବାକୁ ପ୍ରାଥମିକତା ଦିଆଯାଉଥିବା କହି ନିର୍ବାଚନ ଏଡ଼ାଇ ଯାଇଥିଲେ । ହେଲେ ଚଳିତ ଶିକ୍ଷା ବର୍ଷରୁ ପୁଣିଥରେ ଛାତ୍ରସଂସଦ ନିର୍ବାଚନ ହେବ ବୋଲି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାରୁ ଦୀର୍ଘ ୭ ବର୍ଷ ପରେ ରାଜ୍ୟରେ ପୁଣି ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସମ୍ଭାବନା ଉଜ୍ଜ୍ୱଳ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଛାତ୍ର ସଂଗଠନମାନେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି । ପ୍ରଥମ ଦିନରୁ ହିଁ ନବାଗତ ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ଯୋଡ଼ିବା ଓ ସହଯୋଗ ପାଇଁ ହେଲ୍ପ ଡେସ୍କ ଖୋଲିଛନ୍ତି । ସ୍ୱାଗତ କରିବା ବେଳେ ସଂଗଠନର ପୁସିଂ କାର୍ଡ ପ୍ରଦାନ କରୁଛନ୍ତି । ଆଗକୁ ଚାରାରୋପଣ, ବନ୍ଧୁମିଳନ ପରି ବିଭିନ୍ନ କାର୍ଯ୍ୟକ୍ରମ କରି ଶିକ୍ଷାର୍ଥୀଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନା କରିଛନ୍ତି ।

ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସରକାରୀ ଭାବେ ନିର୍ଦ୍ଦିଷ୍ଟ ଘୋଷଣା ହୋଇନାହିଁ । ଏପରିକି ବାର୍ଷିକ ଶୈକ୍ଷିକ କ୍ୟାଲେଣ୍ଡର ମଧ୍ୟ ପ୍ରକାଶ ପାଇନାହିଁ । ହେଲେ ପୂର୍ବପରି ଦୁର୍ଗାପୂଜା ଛୁଟି ପୂର୍ବରୁ ଏକ ସମୟରେ ଛାତ୍ର ସଂସଦ ନିର୍ବାଚନ ହୋଇପାରେ ବୋଲି ଜଣାପଡ଼ିଛି ।

## ଗୋପାଳପୁର ଗଣଦୁଷ୍କର୍ମକୁ ନେଇ ଘେରିଲେ ବିରୋଧୀ

# ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି

**ଭୁବନେଶ୍ୱର,୧୭।୬(ସମିସ):** ଗୋପାଳପୁର କଲେଜ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ସରକାରଙ୍କୁ କଟୁ ସମାଲୋଚନା କରିଛି ବିଜୁ ଜନତା ଦଳ । ଗୋପାଳପୁର ଭଳି ଏକ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ପର୍ଯ୍ୟଟନସ୍ଥଳୀରେ ଏହି ଭଳି ଘୃଣ୍ୟ ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି । ରାଜ୍ୟ ବିଜେପି ସରକାର ଆତ୍ମପ୍ରଚାର ଓ ଉତ୍ସବ ପାଳନରେ ବିଭୋର ଥିଲା ବେଳେ ରାଜ୍ୟବାସୀଙ୍କ ସୁରକ୍ଷା ପ୍ରତି ସମ୍ବେଦନହୀନ ହୋଇପଡିଛନ୍ତି । ଫଳରେ ପବିତ୍ର ରଜ ପର୍ବରେ ବେଳାଭୂମିକୁ ଖୁସି ମନାଇବା ପାଇଁ ଆସିଥିବା ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମର ଶିକାର ହେବାକୁ ପଡିଛି । ଘଟଣାରେ ନୈତିକ ଦାୟିତ୍ୱ ନେଇ ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ପ୍ରଦାନ କରନ୍ତୁ ବୋଲି ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ଦାବି କରିଛନ୍ତି ।



ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଛନ୍ତି ଯେ ଯେ ବିଜେପି ସରକାରକୁ ଆସିଲା ପରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ଅପରାଧ କ୍ଷେତ୍ରରେ ଓଡିଶା ସର୍ବଭାରତୀୟ ସ୍ତରରେ ୮ମ ସ୍ଥାନରେ ପହଞ୍ଚି ଯାଇଛି । ଗତ ଏକ ବର୍ଷ ମଧ୍ୟରେ ୩୩ ପ୍ରତିଶତ ଫୌଜଦାରୀ ମକଦ୍ଦମା ବୃଦ୍ଧି ପାଇବା ସହ ଦୁଷ୍କର୍ମ ହାର ୮ ପ୍ରତିଶତ ବଢିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ତେଣୁ ନିଜ ଉପରକୁ ନୈତିକ ଦାୟିତ୍ୱ ନେଇ ରାଜ୍ୟର ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ।

ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଥିଲେ ଯେ ପର୍ଯ୍ୟଟନରେ ବିକାଶ ପାଇଁ ଡିଣ୍ଡିମ୍ ପିଟୁଥିବା ବିଜେପି ସରକାର ଏଭଳି ସମ୍ବେଦନଶୀଳ ଘଟଣାକୁ ଅଣଦେଖା କରି ସାରା ଦେଶରେ ଓଡ଼ିଶାକୁ ଲଜ୍ଜିତ କରିଛନ୍ତି । ଗୋପାଳପୁର ବେଳାଭୂମିର ଗରିମାକୁ ସରକାର କ୍ଷୁର୍ଣ୍ଣ କରିଛନ୍ତି । ଏ ସରକାରରେ ଘରୁ ମହିଳାଟିଏ ଗୋଡ କାଢ଼ିଲେ ସୁରକ୍ଷିତ ଫେରିବା ପାଇଁ ନିଶ୍ଚିତ ହୋଇପାରୁନାହିଁ । ପୁଲିସ ବ୍ୟବସ୍ଥାକୁ ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଦ୍ୱାରା ଅପରାଧୀଙ୍କର ଆଉ ଭୟ ରହୁନାହିଁ ଏବଂ ଏଭଳି ବେଧଡକ ଜଘନ୍ୟକାଣ୍ଡ ଭିଆଉଛନ୍ତି ବୋଲି ସେ ଅଭିଯୋଗ କରଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

**ଭୁବନେଶ୍ୱର,୧୭।୬(ସମିସ):** ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ରାଜ୍ୟ କଂଗ୍ରେସ । ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ମହିଳା ହିଂସା ଦୃତ ଗତିରେ ବଢ଼ି ଚାଲିଛି । ଗଣ ଦୁଷ୍କର୍ମ ଘଟଣାରେ ସାମିଲ ଥିବା ସମସ୍ତ ଅଭିଯୁକ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି । ସରକାର ସେମାନଙ୍କୁ ତୁରନ୍ତ ଗିରଫ କରି ଏଭଳି ଘଟଣା କିପରି ଆଗକୁ ନ ଘଟିବ ତାହା ସୁନିଶ୍ଚିତ କରନ୍ତୁ । ଅନ୍ୟପଟେ ଯଦି ଆଗକୁ ଏଭଳି ଘଟଣା ଘଟେ, ତେବ ରାଜ୍ୟର ସମସ୍ତ ଜନସାଧାରଣ ଜାଗ୍ରତ ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ସେହିପରି କଂଗ୍ରେସ ଦଳର ଏକମାତ୍ର ମହିଳା ବିଧାୟିକା ସୋଫିଆ ଫିର୍‌ଦୋସ୍ ମଧ୍ୟ ଏହି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ଗଣପର୍ବ ରଜ ପାଳନ କରାଯାଇ ନାରୀତ୍ୱକୁ ସମ୍ମାନ ଓ ନାରୀ ସଶକ୍ତକରଣର ବାର୍ତ୍ତା ଦେବା କଥା କହୁଯାଉଛି । ହେଲେ ଗୋପାଳପୁର ବିଚ୍‌ରେ ଜଣେ କଲେଜ ଛାତ୍ରୀଙ୍କୁ ଗଣ ବଳାତ୍କାର ଅତ୍ୟନ୍ତ ଲଜ୍ଜାଜନକ ଓ ଲୋମହର୍ଷଣକାରୀ । ପୁରୁଷ ବନ୍ଧୁଙ୍କୁ ବାନ୍ଧି ଦେଇ ମହିଳାଙ୍କୁ ଦଶ ଜଣ ଗଣ

**ପର୍ଯ୍ୟଟନସ୍ଥଳୀରେ ମଧ୍ୟ ମହିଳା ଅସୁରକ୍ଷିତ: ସୋଫିଆ**

ବଳାତ୍କାର କରିବା ହୃଦୟ ବିଦାରକ । କୌଣସି ନିସ୍ତବ୍ଧ ସ୍ଥାନ ନୁହେଁ, ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ମହିଳା ସୁରକ୍ଷିତ ନୁହନ୍ତି । ଏହା ନିଶ୍ଚୟ ଦୁଃଖଦାୟକ ଓ ନାରୀ ସୁରକ୍ଷା ଦିଗରେ ଚିନ୍ତାର ବିଷୟ ବୋଲି ସୋଫିଆ ନିଜ ଏକ୍ସ ମାଧ୍ୟମରେ କହିଛନ୍ତି ।

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି । ସେ କହିଛନ୍ତି ଯେ ଗୋପାଳପୁର ବେଳାଭୂମିକୁ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ଆମ ସମସ୍ତଙ୍କୁ ପୁଣିଥରେ ବିବ୍ରତ କରିଦେଇଛି । ଏହି ଦୁଃଖଦ ସମୟରେ ତାଙ୍କ ପରିବାର ପ୍ରତି ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇବା ସହ ଆମର ମା' ଏବଂ ଝିଅଙ୍କୁ ସୁରକ୍ଷା ଦେବା ପାଇଁ ବିଜେପି ସରକାର ଅସମର୍ଥ ବୋଲି ପ୍ରମାଣ କରିଦେଇଛନ୍ତି ବୋଲି ନିରଞ୍ଜନ କହିଛନ୍ତି । କୋରାପୁଟ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଦାବି କରିଛନ୍ତି । ସେ କହିଛନ୍ତି ଯେ ଓଡିଶାରେ ଆଇନ ଶୃଙ୍ଖଳାର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତତ ହୋଇପଡ଼ିଛି । ରାଜ୍ୟରେ ବଢୁଥିବା ଅପରାଧ, ଅନିୟନ୍ତ୍ରିତ ଅତ୍ୟାଚାର ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ନେବାରେ ସରକାର ନିଖୋଜ ଅଛନ୍ତି । ବାରମ୍ବାର ଚେତାବନୀ ସତ୍ତ୍ୱେ ସରକାର କୌଣସି ଉତ୍ତରଦାୟିତ୍ୱ ନେଉନାହାନ୍ତି । ମୁଖ୍ୟମନ୍ତ୍ରୀ ଏହି ବିଫଳତାକୁ ସ୍ୱୀକାର କରି ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି ।

**■ ନକ୍ସଲଙ୍କ ନରସଂହାର**

# ୩ ଜଣଙ୍କୁ ହତ୍ୟା, ୧୨ ଜଣଙ୍କୁ ଅପହରଣ

**ମାଲକାନଗିରି, ୧୭।୬(ସମିସ):** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲମାନେ ଜଣେ ଆତ୍ମସମର୍ପଣକାରୀ ନକ୍ସଲ ନେତାଙ୍କ ପରିବାରର ୩ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି । ବିଜାପୁରର ପେଡ୍ଡାକୋର୍ମା ଗାଁରେ ନକ୍ସଲମାନେ ଜଣେ ଛାତ୍ର ସମେତ ୩ ଜଣଙ୍କୁ ହତ୍ୟା କରିଛନ୍ତି । ମୃତକଙ୍କ ନାମ ଝିଙ୍ଗୁ ମୋଡିୟମ୍, ସୋମା ମୋଡିୟମ୍ ଏବଂ ଅନିଲ ମାଡଭି ବୋଲି ଜଣାପଡିଛି । ଏମାନଙ୍କ ବ୍ୟତୀତ ନକ୍ସଲମାନେ ୭ ଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବରେ ମାଡ଼ ମାରି ଆହତ କରିଛନ୍ତି । କୁହାଯାଉଛି ଯେ, ନକ୍ସଲମାନେ ୧୨ ଜଣ ଗ୍ରାମବାସୀଙ୍କୁ ଅପହରଣ କରିଛନ୍ତି । ନକ୍ସଲମାନେ ହତ୍ୟା କରିଥିବ ଗ୍ରାମବାସୀଙ୍କ ମଧ୍ୟରୁ ଦୁଇ ଜଣ ଆତ୍ମର୍ପଣକାରୀ ନକ୍ସଲ ନେତା ଦିନେଶ ମୋଡିୟମଙ୍କ ସମ୍ପର୍କୀୟ ବୋଲି କୁହାଯାଉଛି । ନକ୍ସଲ ନେତା ଭେଲା ଏବଂ ତାଙ୍କ ଦଳ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟାଇଛନ୍ତି ବୋଲି ସୂଚନା ମିଳିଛି । ପୋଲିସ ଏନେଇ ଘଟଣାର ତଦନ୍ତ ଆରମ୍ଭ କରିଛି ।

**■ ଗଛରେ ପିଟିହେଲା ବାଇକ୍**

# ଦୁଇ ମୃତ, ଜଣେ ଗୁରୁତର

**କଳମପୁର,୧୭।୬(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର-ଜୁନାଗଡ ମୁଖ୍ୟ ରାସ୍ତାର ଦେପୁର ନିକଟରେ ଭୟଙ୍କର ଦୁର୍ଘଟଣା ଘଟିଛି । ଏଥିରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ଦୁଇ ମୃତକ ହେଲେ ପରୁଆଗୁଡା ଗ୍ରାମର ରୋହିତ ପଟେଲ (୨୨) ଏବଂ ଜୁନାଗଡ ଥାନା ଅଧୀନ ମୁଣ୍ଡୁରାଗୁଡା ମହୁଲପଡାର ଅଜୟ ମାଝୀ(୧୫) । ସେହିଭଳି ଏମାନଙ୍କ ସହ ବାଇକ୍‌ରେ ଥିବା ଜଣେ ନାବାଳକ ଗୁରୁତର ହୋଇଛନ୍ତି । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେ ହେଲେ ଲକ୍ଷ୍ମୀକାନ୍ତ ମାଝୀ ଓରଫ ଛୋଟୁ ନାମକ (୧୪) । ଏମାନେ ସମସ୍ତେ ବାଇକ୍ (ଓଡି ୦୮ ଏମ ୬୭୨୪)ଯୋଗେ ବିଳମ୍ବିତ ରାତିରେ କଳମପୁର-ଜୁନାଗଡ ମୁଖ୍ୟ ରାସ୍ତା ଦେଇ ମୁଣ୍ଡୁରାଗୁଡା ଗ୍ରାମକୁ ଯାଉଥିଲେ । ଦୁର୍ଭାଗ୍ୟକୁ ତାଳପଦର ଛକ ନିକଟରେ ବାଇକ୍‌ଟଇ ଭାରସାମ୍ୟ ହରାଇଥିଲା । ଏହାଫଳରେ ରାସ୍ତାକଡରେ ଥିବା ଏକ ଗଛରେ ଜୋର୍‌ରେ ବାଇକ୍‌ଟି ଧକ୍କା ହୋଇଥିଲା । ଘଟଣାସ୍ଥଳରେ ରୋହିତ ଏବଂ ଅଜୟଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ଗୁରୁତର ଲକ୍ଷ୍ମୀକାନ୍ତଙ୍କୁ ତୁରନ୍ତ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ କଳମପୁର ଥାନା ଏସ୍‌ଆଇ ପୁରୁଷୋତ୍ତମ ଜାନୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ପଠାଇଥିଲା । ଏ ନେଇ କଳମପୁର ଥାନାରେ ଏକ ମାମଲା ( ନଂ ୬୩/୨୦୨୫) ରୁଜୁ ହୋଇଛି ।

**ପୁଣି ଚର୍ଚ୍ଚାରେ ବେଦାନ୍ତ ବିଶ୍ୱ ବିଦ୍ୟାଳୟ**

# କମ୍ପାନୀ ଜାରିକଲା ଇଓଆଇ

## ବିଶ୍ୱ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ୧୫ ହଜାର କୋଟି

**ଭୁବନେଶ୍ୱର,୧୭।୬(ସମିସ):** କିଛି ଦିନ ତଳେ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ପୁରୀଠାରେ ଦୀର୍ଘଦିନରୁ ପ୍ରସ୍ତାବିତ ବିଶ୍ୱ ବିଦ୍ୟାଳୟ ନିର୍ମାଣ ପାଇଁ ଇଚ୍ଛା ଜାହିର୍ କରିଥିଲେ । ବଡ଼ ବିଶ୍ୱ ବିଦ୍ୟାଳୟ ନିର୍ମାଣ କ୍ଷେତ୍ରରେ ଭୂମି ଏକ ବାଧକ ହେବା ଉଚିତ ନୁହେଁ ବୋଲି ସେ ସାମାଜିକ ଗଣମାଧ୍ୟମରେ ମତ ପ୍ରକାଶ କରିଥିଲେ । ଏହାର କିଛିଦିନ ପରେ, ଗତକାଲି ବେଦାନ୍ତ ଏକ ବିଶ୍ୱ ସ୍ତରୀୟ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପୁନଃ ଇଚ୍ଛା ପ୍ରକାଶ କରିଛି । ଏଥିପାଇଁ ବେଦାନ୍ତ ପକ୍ଷରୁ ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଆହ୍ୱାନ କରାଯାଇଛି । ଦେଶର ସମସ୍ତ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ଉଦ୍ଦେଶ୍ୟରେ ଏହି ଇଓଆଇ ଜାରି କରାଯାଇଥିବା ବେଳେ ଏଥିରେ କେତେକ ସର୍ତ୍ତ ରହିଛି । ଏହି ଅଣଲାଭକାରୀ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଚିହ୍ନିତ ସ୍ଥାନ ନିକଟରେ ସମୁଦ୍ରକୂଳ, ନଦୀକୂଳ ଆଦି ଥିବା ଆବଶ୍ୟକ । ସେହିପରି ପ୍ରସ୍ତାବିତ ସ୍ଥାନ ନିକଟରେ ବିମାନ ବନ୍ଦର ଥିବା ଆବଶ୍ୟକ ବୋଲି ଇଓଆଇରେ ଉଲ୍ଲେଖ ରହିଛି । ନିକଟରେ ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପାଇଁ ଅନୁମତି ମିଳିସାରିଛି । ଅତଏବ ପରୋକ୍ଷରେ ବେଦାନ୍ତ କର୍ତ୍ତୃପକ୍ଷ ପୁରୀଠାରେ ହିଁ ନିଜର ଦୀର୍ଘଦିନର ଆକାଂକ୍ଷିତ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏବେବି ଇଚ୍ଛୁକ ଥିବା ଏହି ଇଓଆଇରୁ ସ୍ପଷ୍ଟ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

**ଦୁଇ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମିଳିବ ବିଶ୍ୱସ୍ତରୀୟ ଶିକ୍ଷଣ ସୁବିଧା**

ଇଓଆଇରେ ବେଦାନ୍ତ ଉଲ୍ଲେଖ କରିଛି ଯେ ଶିକ୍ଷା ମାନ ଦୃଷ୍ଟିରୁ ଏହା ହାର୍ଭାର୍ଡ ଏବଂ ବୋଷ୍ଟନ ପରି ହେବାକୁ ଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ଏକ ୱାଟରଫ୍ରଣ୍ଟ ଏଜୁକେସନ ସିଟି ହେବ । ଏହି ବିଶ୍ୱ ବିଦ୍ୟାଳୟରେ ପ୍ରାୟ ୨ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ସେମାନଙ୍କୁ ଯୋଗାଇ ଦିଆଯିବ । ବିଶ୍ୱ ବିଦ୍ୟାଳୟରେ ଶ୍ରେଷ୍ଠ ମେଡିକାଲ ସ୍କୁଲ, ହସ୍ପିଟାଲ, ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ପ୍ରଦର୍ଶନୀ କେନ୍ଦ୍ର ସହ ଛାତ୍ରଛାତ୍ରୀଙ୍କ ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିବ । ଏହି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବେଦାନ୍ତ ୧୫୦୦୦ କୋଟି ଟଙ୍କା ଖର୍ଚ୍ଚ କରିବ ।

ସୂଚନାଯୋଗ୍ୟ ଯେ ୨୦୦୬ ମସିହାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ତତ୍କାଳୀନ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷରିତ କରିଥିଲେ । ୨୨ଟି ଗାଁର ଜମି ସହ ସରକାରୀ ଜମି ଦିଆଯିବାକୁ ଚୁକ୍ତି ହୋଇଥିଲା । ଚୁକ୍ତି ଅନୁଯାୟୀ ୩୩୪୨.୫୩ ଏକର ଘରୋଇ ଜମି ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପାଇଁ ଅଧିଗ୍ରହଣ ମଧ୍ୟ କରିଥିଲେ । ତେବେ ବାସଚ୍ୟୁତ ହୋଇଥିବା ୯ ଜଣ ଏହି ଅଧିଗ୍ରହଣ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ବିଚାର କରି ୨୦୧୦ରେ ହାଇକୋର୍ଟ ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ । ତେବେ ବେଦାନ୍ତ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟ ଯାଇଥିଲା; କିନ୍ତୁ ୨୦୨୩ରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ୍ ରଖିଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ଲୋକଙ୍କୁ ଜମି ଫେରାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ।

### ଓଡ଼ିଆ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି ସାକ୍ଷୀଗୋପାଳଙ୍କ ଯାତ୍ରୀନିବାସ ଓ କଲ୍ୟାଣ ମଣ୍ଡପ

# ମନ୍ଦିର ପ୍ରଶାସନକୁ ଫେରାଇବା ପାଇଁ ତହସିଲ୍‌ଦାରଙ୍କୁ ଦାବିପତ୍ର



ସାକ୍ଷୀଗୋପାଳ,୧୭।୬(ସମିସ): ଓଡ଼ିଆ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସାକ୍ଷୀଗୋପାଳଙ୍କ ଏକମାତ୍ର ଯାତ୍ରୀନିବାସ ଓ କଲ୍ୟାଣ ମଣ୍ଡପ ପୁନର୍ବାର ମନ୍ଦିର ପ୍ରଶାସନ ନିକଟକୁ ଫେରାଇବା ନିମନ୍ତେ ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ତଥା ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ଅପରାହ୍ଣ ୧ଟା ସମୟରେ ସତ୍ୟବାଦୀ ତହସିଲ୍‌ଦାର ତଥା ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ତଥା ତହସିଲ୍‌ଦାର ଶ୍ରୀ ପାଣିଗ୍ରାହୀଙ୍କୁ ସତ୍ୟବାଦୀ ବିକାଶ ପରିଷଦ ସଭାପତି ବରିଷ୍ଠ ଆଇନଜୀବୀ ଗୁଣ୍ଡିଚା ବରାଳ, ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଆଇନଜୀବୀ ଅମର ନନ୍ଦ, ସୁଶାନ୍ତ କୁମାର ରଥ, ପ୍ରଭାକର ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

୨୦୧୫ ପୂର୍ବରୁ ପ୍ରଭୁ ସାକ୍ଷୀଗୋପାଳଙ୍କ ଦର୍ଶନ ନିମନ୍ତେ ଆସୁଥିବା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ରହଣି ତଥା ଶୌଚାଳୟ ବ୍ୟବସ୍ଥା ନ ଥିଲା। ତେଣୁ ସତ୍ୟବାଦୀର ଅନେକ ସଂଗଠନ ଓ ବ୍ୟକ୍ତିବିଶେଷ ପୂର୍ବ ସରକାରଙ୍କ ପର୍ଯ୍ୟଟନ ବିଭାଗ ନିକଟରେ ବାରମ୍ବାର ଦାବି ଓ ଅନୁରୋଧ କ୍ରମେ ଏଠାରେ ଏକ ଯାତ୍ରୀନିବାସ କରାଯାଇଥିଲା। ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯାଉଥିଲା। ଏହାର ଆଉ କିଛି ମାସ ପରେ ପୁନର୍ବାର ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଜନସାଧାରଣ ବିବାହ, ବ୍ରତ ଓ ବିଭିନ୍ନ କାର୍ଯ୍ୟ ସ୍ୱଳ୍ପ ମୂଲ୍ୟରେ କରିପାରୁଥିଲେ। ମାତ୍ର ସତ୍ୟବାଦୀରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳର ନିଜସ୍ୱ ବିଲ୍ଡିଂ କାର୍ଯ୍ୟ ଶେଷ ହୋଇପାରି ନ ଥିବାରୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସେତେବେଳେ ଭଡ଼ା ସୂତ୍ରରେ ପାନ୍ଥଶାଳା ଓ କଲ୍ୟାଣ ମଣ୍ଡପ ଦୁଇଟିକୁ ନେଇଥିଲେ। ଏବେ ଦୀର୍ଘ ୨ ବର୍ଷ ହେବ ନିଜସ୍ୱ ବିଲ୍ଡିଂରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ତା'ର ଶିକ୍ଷାଦାନ ସହ ଅନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ କରୁଥିଲେ ମଧ୍ୟ ଏହି ଅନୁଷ୍ଠାନ ଦୁଇଟିକୁ ନ ଛାଡ଼ିବା ଯୋଗୁଁ ଏଠାକୁ ଆସୁଥିବା ବାହାର ଯାତ୍ରୀମାନେ ଅନେକ ସମୟରେ ରାଜରାସ୍ତାରେ ରାତ୍ରୀଯାପନ ଓ ରୋଷେଇ ଆଦି କରୁଛନ୍ତି। ସର୍ବସାଧାରଣ ସ୍ଥାନରେ ଉଭୟ ନାରୀ ଓ ପୁରୁଷ ଯାତ୍ରୀ ଶୌଚ ହେଉଛନ୍ତି।

ଏ ସମ୍ପର୍କରେ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ତଥା ସତ୍ୟବାଦୀ ତହସିଲ୍‌ଦାର ଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମାସକୁ ୨ ଲକ୍ଷ ଟଙ୍କା ଭଡ଼ା ମନ୍ଦିର ପ୍ରଶାସନକୁ ପ୍ରଦାନ କରୁଛି। ସର୍ବସାଧାରଣ ତଥା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ସମୟରେ ମାସକୁ ପ୍ରାୟ ୨୦ ହଜାର ଓ ବିବାହ ଋତୁରେ ମାସକୁ ପ୍ରାୟ ୫୦ ହଜାର ଟଙ୍କା ଭଡ଼ା ମିଳୁଥିଲା। ଏହି ଦାବିପତ୍ର ସମ୍ପର୍କରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଦେବୋତ୍ତର କମିଶନରଙ୍କୁ ଅବଗତ କରାଯିବ। ସେମାନଙ୍କ ନିର୍ଦ୍ଦେଶନାମା ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ନିମାପଡ଼ା ରଜ ମହୋତ୍ସବ ଉଦ୍‌ଯାପିତ



ନିମାପଡ଼ା,୧୭।୬(ସମିସ): ନିମାପଡ଼ା ବ୍ଲକ୍ ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ତିନିଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ରଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥିଭାବେ ନିମାପଡ଼ାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ବରଗଡ଼ କଂସ ମହାରାଜ ଦେବରାଜ ଛତ୍ରିଆ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ସୁଧୀର ରଞ୍ଜନ ଦାଶ, ରଜ ମହୋତ୍ସବ କମିଟିର ଆୟୋଜକ କବୟିତ୍ରୀ ସଂଗୀତା ଦାଶ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବତ୍, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଅରବିନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ, ରଜକୁମାରୀଙ୍କ ସହିତ ରଜ କୁଇନ୍ ୨୦୨୫ ବିଜେତା ସ୍ମୃତି ସୁମନ ବଳଙ୍କୁ ପରସ୍କୃତ କରାଯାଇଥିଲା। ରଜ ମହୋତ୍ସବ କମିଟିର ସଭାପତି ସୀମାନ୍ତ ଶେଖର ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ନୟାସବେରା ୟୁଥ୍ ଟ୍ରଷ୍ଟ ତରଫରୁ ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଥିବା ମୁକ୍ତାକାଶ ମଞ୍ଚରେ ଚାଲିଥିବା ରଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ୧୫୦ଜଣ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥିଭାବେ ମିସ୍ ଇଣ୍ଡିଆ ବିଜେତା ସୁଶ୍ରୀ ସଞ୍ଜନା ପ୍ରଧାନ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେହୁରା, ଉପଦେଷ୍ଟା ଜୀବନଜ୍ୟୋତି ଶତପଥି, ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର, ଡ. ମାନସ କୁମାର ଦାଶ ନୃତ୍ୟ, ସଂଗୀତ, ଝୋଟି, ପୁଚି ଖେଳ, ହୁଳହୁଳି ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୫୦ ଜଣ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ। ରଜ ହେଉଛି ଓଡ଼ିଶାର ଗଣପର୍ବ ଏହାକୁ ଉଜ୍ଜୀବିତ କରି ରଖିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ନୟାସବେରା ୟୁଥ୍ ଟ୍ରଷ୍ଟର ଉପଦେଷ୍ଟା ପ୍ରତାପ ସାବତ୍ ଓ ନାଟ୍ୟ ଉପଦେଷ୍ଟା ନିରଞ୍ଜନ ପଳତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଟ୍ରଷ୍ଟର ସମ୍ପାଦକ ନିର୍ମଳ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

### ● ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅବ୍ୟବସ୍ଥା

# ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଅସନ୍ତୁଷ୍ଟ



ଗମ୍ଭାରୀପଦା,୧୭।୬(ସମିସ): କାକଟପୁର ବ୍ଲକ୍ ସଭାଗୃହ ପରିସରରେ ଏଡିଏମ୍ ଶରତ ଚନ୍ଦ୍ର ବେହେରା, ସବ୍ କଲେକ୍ଟର ରାଜ କିଶୋର ଜେନା, ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ଓ କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ଉପସ୍ଥିତିରେ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଛି। ଏଥିରେ ୧୪୬ଟି ଅଭିଯୋଗର ଶୁଣାଣି ହୋଇଯାଇଛି। ଜିଲ୍ଲାପାଳଙ୍କ ସହ ପ୍ରାୟ ଜିଲ୍ଲାସ୍ତରୀୟ ବିଭାଗୀୟ ମୁଖ୍ୟଙ୍କ ଅନୁପସ୍ଥିତିରେ ଶିବିର ଏକ ପ୍ରକାର ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ କରିବାକୁ ଆସିଥିବା ଅଭିଯୋଗକାରୀଙ୍କଠାରୁ ପ୍ରକାଶ। ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ଶିବିରରେ ଭିନ୍ନକ୍ଷମ ଟ୍ରାଇ ସାଇକଲରେ ଆସିଥିବା ଅଭିଯୋଗକାରୀମାନେ ସିଧାସଳଖ ଶୁଣାଣି ଶିବିରକୁ ଯାଇ ନ ପାରି ଅସନ୍ତୋଷବ୍ୟକ୍ତ କରିଥିଲେ। କାରଣ ଉପର ମହଲାରେ ଥିବା ସଭାଗୃହକୁ ଶୁଣାଣି ଶିବିର ଭାବେ ସିଦ୍ଧାନ୍ତ ନିଆଯିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ସବୁ ବର୍ଗର ଅଭିଯୋଗକାରୀଙ୍କ ବାବଦରେ ଚିନ୍ତା କରିବାର ଥିଲା। ଜଣେ ବରିଷ୍ଠ ନାଗରିକ ମଧ୍ୟ ସିଡ଼ିରେ ଚଢ଼ି ଯିବା ସମୟରେ ଝୁଣ୍ଟି ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବ୍ଲକ୍ ପରିସରରେ ସାଧାରଣ ପରିଶ୍ରାଗାର ନ ଥିବାରୁ ଅଭିଯୋଗ କରିବାକୁ ଆସିଥିବା ପୁରୁଷମାନଙ୍କ ଅପେକ୍ଷା ମହିଳା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲ୍ଲାପାଳ ଓ ବିଭାଗୀୟ ମୁଖ୍ୟଙ୍କ ଅନୁପସ୍ଥିତି ଯୋଗୁଁ ବହୁ ସଂଖ୍ୟକ ଅଭିଯୋଗକାରୀ ଅଭିଯୋଗ ନ କରି ଫେରିଯାଇଥିଲେ। କାଦୁଆ ନୂଆଗାଁ ଗ୍ରାମ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀମାନେ ବାର୍ଦ୍ଧକ୍ୟ ଭତ୍ତା ପାଇଥିବା ଉକ୍ତ ପଞ୍ଚାୟତର ସମାଜସେବୀ କୈଳାସ ଲେଙ୍କା ଅଭିଯୋଗ କରିଥିବା ସହ ବିଶେଷ କରି ପାନୀୟଜଳ, ଜଳସେଚନ, ପୂର୍ତ୍ତ ଓ ଗୃହ ନିର୍ମାଣ ଏବଂ ଆବାସ ଯୋଜନା ଉପରେ ଆପତ୍ତି ଅଭିଯୋଗ ହୋଇଥିଲା।

### କପିଳେଶ୍ୱରପୁରରେ ରଜ ମହୋତ୍ସବ

# ରଜ ଆମ ଐତିହ୍ୟ ଓ ପରମ୍ପରାର ମହାପର୍ବ



ବ୍ରହ୍ମଗିରି,୧୭।୬(ସମିସ): ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ କପିଳେଶ୍ୱରପୁର (୪ର୍ଥ ଶହ)ରେ ରଜ ଉତ୍ସବ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଅଂଗ୍ଲୋ ବୈଦିକ ଏଜୁକେସନାଲ ଓ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଏହି ୪ଦିନିଆ ରାଜ୍ୟସ୍ତରୀୟ ରଜପର୍ବରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ରଜ ଆମ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଏକ ମହାପର୍ବ ବୋଲି କହିଥିଲେ। ଋତୁଭିତ୍ତିକ ଏହି ଗଣପର୍ବ କେବଳ ଓଡ଼ିଶାରେ ହିଁ ପାଳନ ହୁଏ। ଘରେ ଓ ଗାଁ ଗାଁରେ ପାରମ୍ପରିକ ପୋଡ଼ ପିଠା, ଦୋଳି, ଝୋଟି, ମୁରୁଜ, କବାଡ଼ି, ତାସ୍ ଖେଳରେ ସମସ୍ତେ ମସ୍‌ଗୁଲ୍ ହୋଇଥାନ୍ତି। କୃଷିଭିତ୍ତିକ ଏହି ପର୍ବରେ ବସୁମତୀଙ୍କୁ ପୂଜା ସହ ପ୍ରକୃତିର ବନ୍ଦନା ହିଁ ଏହାର ଶ୍ରେଷ୍ଠ ଆଧାର ବୋଲି ସେ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି ରଜପର୍ବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଆଜିର ଯୁବ ସମାଜ ଆମ ମହାନ ପରମ୍ପରା ପ୍ରତି ଅନୁରକ୍ତ ହେବାକୁ ଆହ୍ୱାନ ଦେବା ସହ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷ୍ଣ ପ୍ରସାଦ ବ୍ଲକ୍‌ର ଭାରପ୍ରାପ୍ତ ଅଧ୍ୟକ୍ଷ ନବ କିଶୋର ଜେନା, ବିରଞ୍ଚି ନାରାୟଣ ପ୍ରଧାନ, ଗଦାଧର ନାୟକ ଓ ବିଦ୍ୟାଳୟର ଅଧ୍ୟକ୍ଷ ସରସ୍ୱତୀ ନାୟକ ଯୋଗଦେଇ ରଜପର୍ବ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁନି କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ବଳଙ୍ଗା:** ବଳଙ୍ଗା ସତ୍ୟବାଦୀ କଳା ସଂସଦ ତରଫରୁ ରଜପର୍ବ ଉପଲକ୍ଷେ ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ବଳଙ୍ଗାର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବକ୍ରେଶ୍ୱର ଦେବଙ୍କ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସୁଧାଂଶୁ ମୋହନ ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଲଙ୍କେଶ୍ୱରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଦୋଷ କୁମାର ପତି, କୋଠକୁସାଙ୍ଗ ସରପଞ୍ଚ ଜୟନ୍ତୀ ବିଶ୍ୱାଳ, ବଳଙ୍ଗା ମେଳଣ କମିଟିର ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ସୁବାସ ଶତପଥୀ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ବିରଞ୍ଚି ଦାଶ ଯୋଗଦେଇଥିଲେ। ଗୁରୁ ଭଜମନ ସାହୁଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଶିଶୁ କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ନୃତ୍ୟ ଓ ଭଜନ ପରିବେଷଣ କରିଥିଲେ। ପରିଶେଷରେ ଅନୁଷ୍ଠାନର ଅଧ୍ୟାପିକା ଆରିସା ମହାପାତ୍ର ଓ ଅନ୍ୟ କୃତୀ କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅଜୟ ପଣ୍ଡା, ପ୍ରତାପ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମୁଦ୍ର କୂଳରୁ ଲୁଟ୍; ସତ୍ୟବାଦୀରେ ଧରାପଡ଼ିଲେ

ସାକ୍ଷୀଗୋପାଳ,୧୭।୬(ସମିସ): ପୁରୀ ସମୁଦ୍ର କୂଳରୁ ପର୍ଯ୍ୟଟକଙ୍କ ବ୍ୟାଗ୍, ଟଙ୍କା, ମୋବାଇଲ୍ ଲୁଟ୍ କରି ଫେରାର୍ ହୋଇଯାଉଥିବା ବେଳେ ସମୁଦ୍ର କୂଳ ପୁଲିସଠାରୁ ଖବର ପାଇ ଦୁଇ ଲୁଟେରାଙ୍କୁ ସତ୍ୟବାଦୀ ବ୍ଲକ୍ ଛକରେ ମୋବାଇଲ୍ ଟ୍ରାକିଂ କରି ମାଡ଼ିବସିଲା ସତ୍ୟବାଦୀ ପୁଲିସ। ସେମାନଙ୍କଠାରୁ ବ୍ୟାଗ୍, ଟଙ୍କା, ମୋବାଇଲ୍ ଜବତ କରିବା ସହ ଲୁଟେରାଦ୍ୱୟଙ୍କୁ ପୁରୀ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଲୁଟେରାଦ୍ୱୟ ହେଲେ କଟକ ଜିଲ୍ଲା ଖୁଣ୍ଟୁଣୀ ଅଞ୍ଚଳର ଅଜୟ ନାୟକ(୨୧) ଓ ଜଣେ ନାବାଳକ।

ପ୍ରକାଶ ଯେ, ପେଡାଗୁରୁ, କପ୍ତିପଦା, ମୟୂରଭଞ୍ଜର ବିଭୂତି ବେହେରା ଓ ସୁମନ ମହନ୍ତ ମଙ୍ଗଳବାର ପୁରୀ ବୁଲିବାକୁ ଆସିଥିଲେ। ଜଗନ୍ନାଥଙ୍କ ଦର୍ଶନ କରି ସମୁଦ୍ରରେ ବୁଡ଼ ପକାଇବା ସମୟରେ ସମୁଦ୍ର କୂଳରେ ରଖିଥିବା ଟଙ୍କା, ମୋବାଇଲ୍ ଓ ଡ୍ରେସ୍ ବ୍ୟାଗ୍‌କୁ ଆଖି ପିଛୁଳାକେ ଲୁଟି ନେଇଥିଲେ ଲୁଟେରା। ସଙ୍ଗେ ସଙ୍ଗେ ପର୍ଯ୍ୟଟକଦ୍ୱୟ ନିକଟସ୍ଥ ସମୁଦ୍ର କୂଳ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ପୁଲିସ ସେମାନଙ୍କ ମୋବାଇଲ୍‌କୁ ଟ୍ରାକିଂ କରି ଲୁଟେରା ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଜାଣିବାକୁ ପାଇଥିଲେ। ସମୁଦ୍ର କୂଳ ଥାନା ପୁଲିସ ସଙ୍ଗେ ସଙ୍ଗେ ନିକଟସ୍ଥ ସତ୍ୟବାଦୀ ଥାନାକୁ ସୂଚନା ଦେଇଥିଲେ। ସୂଚନା ପାଇ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସଦଳବଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅପରାହ୍ଣ ୨ଟା ସମୟରେ ସତ୍ୟବାଦୀ ବ୍ଲକ୍ ଛକ ନିକଟରେ ବାଇକ୍‌ରେ ଯାଉଥିବା ଦୁଇ ଲୁଟେରାଙ୍କୁ କାବୁ କରିଥିଲେ।

# କୁହୁଡ଼ି ରଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଟାଙ୍ଗୀ,୧୭।୬(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଗ୍ରାମପଞ୍ଚାୟତ ସମ୍ମୁଖରେ ଥିବା ରଜପଡ଼ିଆଠାରେ ମା' ବ୍ୟାଘ୍ର ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ରଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ ଗୀତରେ ଝୁମିଲେ ଦର୍ଶକ। ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ଚତୁର୍ଥ ରଜନୀରେ କୁଜଙ୍ଗସ୍ଥିତ ଗୋବିନ୍ଦପୁରର ମା' ମଙ୍ଗଳା ପପି ୟଙ୍ଗ୍ ଷ୍ଟାର୍ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ସାମାଜିକ ନାଟକ "ହଃ! କୃଷ୍ଣ ବୋଲି ଯାଉ ଜୀବ'। ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦର ବରିଷ୍ଠ ସଭ୍ୟ ତଥା ପୂର୍ବତନ ସରପଞ୍ଚ ପବିତ୍ର ହରିଚନ୍ଦନ, ସରପଞ୍ଚ ପ୍ରତିନିଧି ଜୟଦେବ ବେହେରା, ବାପୁ ଶ୍ରୀଚନ୍ଦନ, ଓ ସମସ୍ତ କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।

# ଚାରିଛକ ବଜାରର ବରିଷ୍ଠ ବ୍ୟବସାୟୀଙ୍କ ପରଲୋକ

ଚାରିଛକ,୧୭।୬(ସମିସ): ଚାରିଛକ ବଜାରର ବରିଷ୍ଠ ବ୍ୟବସାୟୀ ତୋଫାନ ଲେଙ୍କା(୬୨)ଙ୍କ ମଙ୍ଗଳବାର ଦେହାନ୍ତ ହୋଇଯାଇଛି। ଚାରିଛକ ନିକଟସ୍ଥ ତଢ଼ଣା ଗ୍ରାମର ଶ୍ରୀ ଲେଙ୍କା ଚାରିଛକ ବଜାରରେ ଏକ ଗ୍ରୋସରୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ଦୁଇମାସ ତଳେ ବ୍ରେନ୍ ଷ୍ଟ୍ରୋକ୍ ହେବା ପରେ ଚିକିତ୍ସାଧୀନ ଥିଲେ। ସେ ଜଣେ ସରଳ, ନିଷ୍ପାପ, ସଚ୍ଚୋଟ ବ୍ୟବସାୟୀ ଥିଲେ। ତାଙ୍କ ବିୟୋଗ ଖବର ଶୁଣି ଚାରିଛକ ବ୍ୟବସାୟୀ ସଂଘର ସଭାପତି ସନ୍ତୋଷ ପ୍ରଧାନ, ପୂର୍ବତନ ସଭାପତି ତଥା ପୂର୍ବତନ ସମିତିସଭ୍ୟ ମହେନ୍ଦ୍ର କୁମାର ନାୟକ, ସମ୍ପାଦକ ଗଗନ ମଲ୍ଲିକ, ଅନିରୁଦ୍ଧ ସ୍ୱାଇଁ, ଦିଲ୍ଲୀପ ନାୟକ, ସୁବାସ ଚନ୍ଦ୍ର ଓଝା, ଜିତେନ୍ଦ୍ର ପରିଡ଼ା, ବିରଞ୍ଚି ଖଟୋଇ, ଚନ୍ଦନ ଲେଙ୍କାଙ୍କ ସମେତ ଅନେକ ବ୍ୟବସାୟୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ସରୋଜ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବୁଧବାର ଚାରିଛକ ବଜାର ସକାଳ ୬ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ସଭାପତି ଶ୍ରୀ ପ୍ରଧାନ ଜଣାଇଛନ୍ତି।

# ପରିବେଶ ସୁରକ୍ଷା ଆଲୋଚନାଚକ୍ର

ଟାଙ୍ଗୀ,୧୭।୬(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ପାରିଓରଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ସିଦ୍ଧେଶ୍ୱରୀଙ୍କ ପୀଠରେ ପରିବେଶ ସୁରକ୍ଷା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଉଦ୍ୟନାଥ ଦାଶ, ଶ୍ୟାମ ସୁନ୍ଦର ବିଶ୍ୱାଳ, ସିଦ୍ଧାର୍ଥ ମିଶ୍ର, ଦୀନବନ୍ଧୁ ପରିଡ଼ା, ରୀତା ନାୟକ, ମିତା ନାୟକ ପ୍ରମୁଖ ଯୋଗଦେଇ ପରିବେଶକୁ ସୁରକ୍ଷା କରିବା ପାଇଁ ପ୍ଲାଷ୍ଟିକ ବର୍ଜନ କରିବା ସହିତ ବୃକ୍ଷରୋପଣ କରି ଏହାର ସୁରକ୍ଷା କଲେ ଆମେ ବଞ୍ଚିପାରିବା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀ ସବିତା ରାଉତ, ସ୍ନେହା ସାଇ ପ୍ରଧାନ, ଦିବ୍ୟଜ୍ୟୋତି ରାଉତଙ୍କୁ ପୁରସ୍କୃତ କରାଯିବା ସହିତ ପାରିଓରଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ବର୍ତ୍ତମାନ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସେବିକା ଶୁଭଶ୍ରୀ ପ୍ରଧାନ ଏବଂ ସୁଗୃହିଣୀ କାମିନୀବାଳା ରାଉତରାୟଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଇରିଆ ନିୟନ୍ତ୍ରଣ ଅଭିଯାନ ଶୁଭାରମ୍ଭ




ବ୍ରହ୍ମଗିରି,୧୭।୬(ସମିସ): ଯାଜପୁର ଜିଲ୍ଲାରେ ଡାଇରିଆ ଅଣାୟତକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ପ୍ରତି ଗ୍ରାମରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ସୋମବାର ବ୍ରହ୍ମଗିରିର ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଡାଇରିଆ ନିୟନ୍ତ୍ରଣ ଅଭିଯାନ ଶୁଭାରମ୍ଭ କରଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରିଣୀ ରଜତ ମଞ୍ଜରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବାବେଳେ ପ୍ରସନ୍ନ କୁମାର ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଭିଯାନରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟତଃ ଆଶାକର୍ମୀ ଭଉଣୀମାନଙ୍କୁ ଗାଁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଡାଇରିଆକୁ ପ୍ରତିହତ କରିବା ପାଇଁ ପ୍ରଥମେ ସାବୁନରେ ହାତ ଧୋଇବା ଏବଂ ନିଜର ପୋଷାକ ପରିଷ୍କାର ରଖିବା, ବାସିଖାଦ୍ୟଠାରୁ ଦୂରରେ ରହିବା, ଗ୍ରାମଗୁଡ଼ିକରେ ବ୍ୟବହାର କରାଯାଉଥିବା ପାନୀୟଜଳକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଏବଂ ପ୍ରତି ପରିବାରରେ ଓଆର୍‌ଏସ୍ ଓ ଜିଙ୍କ୍ ଔଷଧ ବଣ୍ଟନ ବ୍ୟବସ୍ଥା କରାଯିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଏହିପରି ବ୍ୟବସ୍ଥା କରାଗଲେ ଡାଇରିଆକୁ ଆମେ ବନ୍ଦ କରିପାରିବା। କାର୍ଯ୍ୟକ୍ରମକୁ ବୈଦ୍ୟନାଥ ମିଶ୍ର ଓ ବିଷ୍ଣୁପ୍ରିୟା ସ୍ୱାଇଁ ପରିଚାଳନା କରିଥିଲେ।

### ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ରାତିରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ଦାବି

ବାଲୁଗାଁ,୧୭।୬(ସମିସ): ରାତିରେ ଶବ ବ୍ୟବଚ୍ଛେଦ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ବିଗତ ୫ ବର୍ଷ ପୂର୍ବରୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବାବେଳେ ୩ ବର୍ଷ ପୂର୍ବେ ରାଜ୍ୟ ସରକାର ଏଥିପ୍ରତି ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ହେଲେ ଏଯାବତ୍ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ବିଧାନସଭା ଷ୍ଟାଣ୍ଡିଂ କମିଟି ମଧ୍ୟ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ରାଜ୍ୟ ସରକାର ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାତିରେ ଶବ ବ୍ୟବଚ୍ଛେଦ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକତା ଥିବା ନେଇ ନିକଟରେ ବିଧାନସଭାରେ ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କମିଟିର କହିବା ମୁତାବକ, ରାଜ୍ୟରେ ସନ୍ଧ୍ୟା ୬ଟା ପରେ ଶବ ବ୍ୟବଚ୍ଛେଦ କରାଯାଉ ନ ଥିବାରୁ ଏଥିପାଇଁ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଜନସ୍ୱାର୍ଥ ଦୃଷ୍ଟିରୁ ରାତି ୧୦ଟା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ଜାରି ରହିବା ଆବଶ୍ୟକତା ରହିଛି ବୋଲି କମିଟି ମତ ପ୍ରକାଶ କରିଛି। ହେଲେ ସନ୍ଧ୍ୟା ପରେ ଶବ ବ୍ୟବଚ୍ଛେଦ ହୋଇପାରୁ ନ ଥିବାରୁ ସନ୍ଧ୍ୟା ପରେ ତଥା ରାତିରେ ଯଦି କାହାର ଅକାଳ ମୃତ୍ୟୁ ଘଟେ ତେବେ ପରିବାର ଲୋକେ ନିଜର ପ୍ରିୟଜନକୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଥିବା ସମୟରେ ବାଧ୍ୟ ହୋଇ ଶବ ସହ ଡାକ୍ତରଖାନାରେ ରାତିତମାମ ବିତାଇବା ଭଳି ଯମଯନ୍ତ୍ରଣା ସହିବାକୁ ପଡୁଛି। ଏପରିସ୍ଥଳେ ମୃତବ୍ୟକ୍ତିଙ୍କ ଅଙ୍ଗଦାନ ପାଇଁ ପରିବାର ଲୋକ ଚାହୁଁଥିଲେ ମଧ୍ୟ ବିଳମ୍ବ ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ। ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ଅଭାବରୁ ରାତି ସମୟରେ ଶବ ବ୍ୟବଚ୍ଛେଦ ହୋଇପାରୁ ନ ଥିବାରୁ ଏଭଳି ବହୁ ଦୁଃଖଦ ଘଟଣାମାନ ଘଟୁଥିବାର ଦେଖିବାକୁ ମିଳୁଛି। ଫଳରେ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ରାତିରେ ଶବ ବ୍ୟବଚ୍ଛେଦ କରାଯିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ-ବାଣପୁର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ମତ୍ସ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏଠାକୁ ଦୈନନ୍ଦିନ ହଜାର ହଜାର ଲୋକଙ୍କ ଯାତାୟାତ ଲାଗି ରହୁଛି। ବାଲୁଗାଁ ଉପଖଣ୍ଡ ଅଧୀନରେ ବାଲୁଗାଁ-ବାଣପୁର ଓ ନାଚୁଣୀ ୩ଟି ଥାନା ରହିଥିବାବେଳେ ବାଲୁଗାଁ ଓ ବାଣପୁର ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏହି ସହର ଦେଇ ପୁରାତନ ୫ନଂ ଏବଂ ୧୬ନଂ ଜାତୀୟ ରାଜପଥ ଯାଇଥିବାରୁ ଅନେକ ସମୟରେ ବିଭିନ୍ନ ଘଟଣା ଦୁର୍ଘଟଣାମାନ ଘଟି ଜୀବନ ହାନୀ ଘଟୁଥିବା ସ୍ଥଳେ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା ନ ଥିବାବେଳେ କେବଳ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଶବ ବ୍ୟବଚ୍ଛେଦ କରାଯାଉଛି। ଏପରିସ୍ଥଳେ ସନ୍ଧ୍ୟା ପରେ କୌଣସି ପ୍ରକାରର ସନ୍ଦେହଜନକ ମୃତ୍ୟୁ, ଦୁର୍ଘଟଣାଜନିତ ମୃତ୍ୟୁ ତଥା ଅକାଳ ବିୟୋଗ କିମ୍ବା ଡାକ୍ତରଖାନାରେ ମୃତ ଘୋଷଣା କରାଯିବା ମାମଲାରେ ଶବ ବ୍ୟବଚ୍ଛେଦ ଆଇନ ମୁତାବକ ଜରୁରୀ ହୋଇଥିବାବେଳେ ବାଣପୁରରେ ମଧ୍ୟ ସନ୍ଧ୍ୟା ପରେ ବ୍ୟବଚ୍ଛେଦ କରାଯାଉ ନ ଥିବାରୁ ଅନେକ ସମୟରେ ବ୍ୟବଚ୍ଛେଦ ଅପେକ୍ଷାରେ ପରିବାର ଲୋକେ ନିଜ ପ୍ରିୟଜନକୁ ହରାଇ ଦୁଃଖଦ ପରିସ୍ଥିତିରେ ବାଧ୍ୟ ହୋଇ ରାତିସାରା ଡାକ୍ତରଖାନାରେ ଶବକୁ ଜଗି ରହି ପରଦିନ ସକାଳକୁ ଅପେକ୍ଷା କରି ବହୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ମୃତ୍ୟୁର ଗୋଟିଏ ଦିନ ପରେ ବ୍ୟବଚ୍ଛେଦ କାମ ସରିଲେ ଯାଇ ବାସିରେ ଶବ ସତ୍କାର କରାଯାଉଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷେ ବାଣପୁର ଶବ ବ୍ୟବଚ୍ଛେଦ ନିମନ୍ତେ ଭିତ୍ତିଭୂମି ଅଭାବ ଥିବାବେଳେ ଏଠାକାର ବ୍ୟବଚ୍ଛେଦ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ସେଠାରେ ବିଭିନ୍ନ ମୌଳିକ ସୁବିଧାର ଅଭାବ ରହିଛି। ଶବ ବ୍ୟବଚ୍ଛେଦ ନିମନ୍ତେ ଉପଯୁକ୍ତ ଡାକ୍ତର ଓ ପ୍ରଶିକ୍ଷିତ କର୍ମଚାରୀଙ୍କ ଅଭାବ ତଥା ଏଫ୍‌ଏମ୍‌ଟି ଡାକ୍ତରଙ୍କ ଅଭାବ ଥିବାରୁ ଏଠାରେ ଏମ୍‌ବିବିଏସ୍ ଡାକ୍ତର ଶବ ବ୍ୟବଚ୍ଛେଦ କରୁଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ମାମଲାର ବିଚାର ପ୍ରକ୍ରିୟା ଶବ ବ୍ୟବଚ୍ଛେଦ ରିପୋର୍ଟ ଉପରେ ନିର୍ଭର କରୁଥିବାରୁ ଏସବୁ ସମସ୍ୟା ଯୋଗୁଁ ବେଳେବେଳେ ବିଳମ୍ବରେ ରିପୋର୍ଟ ଅସୁଥିବା ସହିତ ସଠିକ୍ ରିପୋର୍ଟ ଆସିବାରେ ସମସ୍ୟା ଉପୁଜିବା ଫଳରେ ଦୋଷୀ ଆଇନ ହାତରୁ ଖସିଯିବା ସହ ନିର୍ଦ୍ଦୋଷୀ ଦଣ୍ଡ ପାଇବାକୁ ଏଡ଼ାଯାଇ ନ ପାରେ। ବର୍ତ୍ତମାନ ଡବଲ ଇଞ୍ଜିନ୍ ବିଜେପି ସରକାର ଥିବାବେଳେ ରାଜ୍ୟ ସରକାର ତଥା ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳରେ ଶବ ବ୍ୟବଚ୍ଛେଦର ଭିତ୍ତିଭୂମି ସୁଦୃଢ଼ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

୧୭/୬/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୬୨,୩୦୧/- ସୁନା: ୦୦.୦୫୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





# ଅଲାରନାଥଙ୍କ ପୀଠରେ ଖିରି ପାଇଁ ଭକ୍ତଙ୍କ ଭିଡ଼




ବ୍ରହ୍ମଗିରି,୧୭।୬(ସମିସ): 'ଆ ଅଲାର ଖାଆ ଖିରି, ବାପା ଯାଇଛନ୍ତି ବିଦେଶ କରି, ମୁଁ ଜାଣିନାହିଁ ଦିଅଙ୍କ ନାଁ' ଉକ୍ତ ଉକ୍ତିଟି ବ୍ରହ୍ମଗିରି ଅଲାରନାଥ ପୀଠକୁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କ ମନେ ପଡୁଥିବ। ବିଶ୍ୱ ପ୍ରସିଦ୍ଧ ଅଲାରନାଥଙ୍କ ପ୍ରସିଦ୍ଧ ଭୋଗ ହେଲା ଚାଉଳ ଖିରି। ଏହି ଖିରି ଭୋଗର ପରମ୍ପରା କେଉଁ ଅନାଦି କାଳରୁ ଚାଲିଆସିଛି। କପିଳ ସଂହିତାରେ ପ୍ରମାଣ ଦିଏ ନୀଳମାଧବଙ୍କ ଅନ୍ତର୍ଦ୍ଧାନ ପରେ ବ୍ରହ୍ମଗିରି ନିକଟସ୍ଥ ଏକ ବ୍ରାହ୍ମଣ ପରିବାରରେ ଅବସ୍ଥାପନ କରିଥିଲେ। ସେତେବେଳେ ବ୍ରହ୍ମଗିରିରେ କୋମା ବ୍ରାହ୍ମଣମାନେ ବସବାସ କରୁଥିବାର ଜଣାଯାଏ। ଉକ୍ତ ନାରାୟଣ ମୂର୍ତ୍ତିକୁ ଶ୍ରୀକେତନ ନାମକ ଏକ ଗରିବ ବ୍ରାହ୍ମଣ ପୂଜା କରନ୍ତି। ସେ ଭିକ୍ଷାକରି ଚଳୁଥିବାରୁ ଠାକୁରଙ୍କୁ ଖିରି ଭୋଗ କରନ୍ତି। ଏକଦା ବ୍ରାହ୍ମଣ ବିଦେଶ ଯିବା ବେଳେ ତାଙ୍କ ୮ ବର୍ଷର ପୁଅ ମଧୁସୂଦନକୁ ଠାକୁରଙ୍କ ପୂଜାରେ ନିୟୋଜିତ କରିଥିଲେ। ଛୋଟ ବାଳକଟି ତାଙ୍କ ମାଆ ରାନ୍ଧିଥିବା ଖିରି ନେଇ ମନ୍ଦିରକୁ ଗଲେ। ପୂଜା ଜାଣି ନ ଥିବାରୁ ପାତ୍ରଟି ଠାକୁରଙ୍କ ନିକଟରେ ଥୋଇ 'ଆ ଠାକୁର ଖାଆ ଖିରି, ବାପା ଯାଇଛନ୍ତି ବିଦେଶ କରି, ମୁଁ ଜାଣିନାହିଁ ଦିଅଁଙ୍କ ନାଁ' ଉକ୍ତ ଉକ୍ତିଟି କହି ଦୁଆର ବନ୍ଦ କରିଦେଇଥିଲେ। କିଛି ସମୟ ପରେ ଦେଖନ୍ତି ଖିରି ପାତ୍ରଟି ସମ୍ପୂର୍ଣ୍ଣ ଖାଲି। ଏ ଘଟଣାଟିକୁ ଶ୍ରୀକେତନ ବିଶ୍ୱାସ କରିପାରି ନ ଥିଲେ। ଉକ୍ତ ଘଟଣାଟିକୁ ପରଖିବା ପାଇଁ ପୂର୍ବଦିନ ପରି ପୁଅକୁ ପଠାଇ କବାଟ ଫାଙ୍କରେ ଲୁଚି ଦେଖୁଥିଲେ। ସେ ଯେତେବେଳେ ଦେଖିଲେ ଘଟଣାଟି ସତ୍ୟ, ସଙ୍ଗେ ସଙ୍ଗେ ଦୁଆର ଖୋଲି ଦିଅନ୍ତି ଠାକୁର ନିଜ ସ୍ଥାନକୁ ଫେରିବା ସମୟରେ ଗରମ ଖିରି ପଡ଼ି ତାଙ୍କ ଶରୀର ଫୋଟକା ହୋଇଗଲା। ଏବେ ମଧ୍ୟ ଠାକୁରଙ୍କ ବିଗ୍ରହରେ ଫୋଟକା ଚିହ୍ନ ଦେଖିବାକୁ ମିଳେ। ସେହିଦିନଠାରୁ ଅଲାରନାଥଙ୍କ ପ୍ରିୟ ଭୋଗ ଖିରି। ଏହି ଅନବସର ସମୟରେ ଓଡ଼ିଶାର କୋଣ ଅନୁକୋଣରୁ ହଜାର ହଜାର ଭକ୍ତ ଖିରି ପ୍ରସାଦ ପାଇଁ ଲମ୍ବା ଧାଡ଼ି କରି ଅପେକ୍ଷା କରିଥା'ନ୍ତି।

# 'ଶ୍ରୀଜଗନ୍ନାଥ ସଂସ୍କୃତି ଚେତନାର ଆଧାର ହେଉଛି ବିଶ୍ୱ ଭ୍ରାତୃତ୍ୱ'

ପୁରୀ,୧୭।୬(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ସହଭାଗିତାରେ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ଓ ଗଙ୍ଗାଧର ମିଶ୍ର ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ 'ବିଶ୍ୱ ଜନଜୀବନରେ ଶ୍ରୀଜଗନ୍ନାଥ ଚେତନା, ସଂସ୍କୃତି ଓ ରଥଯାତ୍ରା'ର ପ୍ରଭାବ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାକକ୍ଷରେ ଅମରନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଶ୍ରୀଜଗନ୍ନାଥ ସଂସ୍କୃତି ଚେତନାର ଆଧାର ହେଉଛି ବିଶ୍ୱ ଭ୍ରାତୃତ୍ୱ, ଉଦାରତା ଓ ବିଶ୍ୱପ୍ରାଣତା। ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ହେଉଛି ମାନବବାଦର ମହାମିଳନ ପର୍ବ। ମୁଖ୍ୟ ଆଲୋଚକ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଯୋଗଦେଇ ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନ ନୀତି, ପର୍ବପର୍ବାଣୀ, ଯାନିଯାତ୍ରା, ବେଶଭୂଷା ମାନବଧର୍ମୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଦେବତା ହୋଇ ବି ମାନବୀୟ ଜୀବନଯାପନ ଭଳି ରଥଯାତ୍ରାରେ ବିଶ୍ୱମାନବ ସମାଜକୁ ଦର୍ଶନ ଦେଇ ଅପାର ଆନନ୍ଦ ଲାଭ କରନ୍ତି ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଭଗବାନ ସୁଆର, ସାହିତ୍ୟିକ ବାହାଦୂର ପାଟସାହାଣୀ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂସ୍କୃତି ପରିଷଦ ସଭାପତି ସଦାଶିବ ଆଲୋଚନାର ଆଭିମୁଖ୍ୟ ଆଲୋକପାତ କରିଥିବାବେଳେ ଆବାହକ କୃଷ୍ଣଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଅମରନାଥ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଥମ ଅଧିବେଶନରେ ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ଗବେଷକ ତଥା ପ୍ରାବନ୍ଧିକ ଡ. ଦିଲ୍ଲୀପ କୁମାର ସେନାପତି, ଅଧ୍ୟାପକ ଅଶୋକ ମିଶ୍ର, ଆଡ୍‌ଭୋକେଟ ପୂର୍ଣ୍ଣଚନ୍ଦ୍ର ଦାସ, ଡ. ବଳରାମ ଦାଶ, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଦେବୀଦତ୍ତ ବିଶ୍ୱଜୀବନ ମିଶ୍ର ଆଲୋଚ୍ୟ ବିଷୟରେ ସନ୍ଦର୍ଭପାଠ କରିଥିଲେ। ଏହି ଅବସରରେ 'ସୁଲେଖା'ର ୪୫ବର୍ଷ ରଥଯାତ୍ରା ସଂଖ୍ୟାକୁ ମୁଖ୍ୟଅତିଥି ଲୋକାର୍ପଣ କରିଥିଲେ ଓ ପ୍ରାବନ୍ଧିକମାନଙ୍କୁ ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରିଥିଲେ। ଆୟୋଜନରେ ବିଜୟଲକ୍ଷ୍ମୀ ସାହୁ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ସୁରେଶ ପଟ୍ଟନାୟକ, ଲକ୍ଷ୍ମୀଧର ଖୁଣ୍ଟିଆ, କ୍ରିଷ୍ଣା ମହାପାତ୍ର ଓ ଅନାମ ଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଶେଷରେ ରବୀନ୍ଦ୍ର ନାଥ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ରଥଖଳାରୁ...

# ତିନିରଥରେ ଉଠିଲା ତେର ପରସ୍ତ ପୋଟଳ



ପୁରୀ,୧୭।୬(ସମିସ): ପାଖେଇ ଆସିଲାଣି ରଥଯାତ୍ରା। ଆଉ ମାତ୍ର ୯ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏପଟେ ରଥଖଳାରେ ବି କାମ ସରିଆସୁଛି। ମଙ୍ଗଳବାର ତିନିରଥର ଖପୁରୀ ସମେତ ପାରାଭାଡ଼ିକୁ ମିଶାଇ ତେର ପରସ୍ତ ପୋଟଳ ରଥ ଉପରେ ସଂଯୋଗ ହୋଇଛି। ତିନିରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ରଥ ଚାରିନାହାକା ଆଗ ଏବଂ ପଛ ଢମକରେ ୫ଟି ଲେଖାଏଁ ୨୦ ଫୁଟିଆ ଜଗତ ପୃଷ୍ଠ ଶେଣୀ ପଡ଼ି କଣ୍ଟା ବାଡ଼ିଆ ଶେଷ ହୋଇଛି। ସେହିପରି ଦୁଆରବେଢ଼ା ଫ୍ରେମ୍ ନିର୍ମାଣ ସରିଛି। ଫ୍ରେମ୍‌ରେ ପଟା ବାଡ଼ାଯିବ। ରୂପକାର ସେବକମାନେ ତିନିରଥର ୩୨ଟି ନାଟଗୋଡ଼ରୁ ୧୬ଟି ନାଟଗୋଡ଼ରେ ରୂପ ଖୋଦେଇ ଶେଷ କରି ଚିତ୍ରକରମାନଙ୍କୁ ରଙ୍ଗ କାର୍ଯ୍ୟ ପାଇଁ ଯୋଗାଇ ଦେଇଥିଲେ, ବାକି ୧୬ଟି ନାଟଗୋଡ଼ରୁ ୧୩ଟିର ରୂପ ଖୋଦେଇ ଶେଷ ହୋଇ ପଲିସ୍ କାର୍ଯ୍ୟ ସହ ଅଳଙ୍କାର ପକା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାକି ୩ଟି ନାଟଗୋଡ଼ରେ ରୂପ ଖୋଦେଇ ଜାରି ରହିଛି। ଏଥିସହ ତିନିରଥରେ ପଟାଗୁଜଗୁଡ଼ିକରେ ସିଂହ ବିରାଳ, ଗଜ ବିରାଳ ଏବଂ ନର ବିରାଳ ଚିତ୍ର ଖୋଦେଇ କରାଯାଉଛି। ଚିତ୍ରକର ସେବକମାନେ ତିନିରଥର ନାଟଗୋଡ଼ରେ ପ୍ରାଇମର୍ ଦେବା ପରେ ରଙ୍ଗ କାମ ଆରମ୍ଭ କରିଛନ୍ତି। ଏଥିସହ ପାର୍ଶ୍ୱ ଦେବଦେବୀ ମୂର୍ତ୍ତିଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ହଂସପଟା, କନ୍ୟାପଟା, ଶିଖର ଡମ୍ବରୁ, କଳସ, ଓଲଟ ଶୁଆ ସହ ରଥର ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ ଦେଉଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପୋଟଳକଣ୍ଟା ଯୋଗାଇବା ପରେ ତିନିରଥ କଳସ କଣ୍ଟା, ଦୁଆରବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ତିନିରଥ ଗଣ୍ଠି କଣ୍ଟା, ଏଲ୍ କ୍ଲାମ୍ପ, ୟୁ କ୍ଲାମ୍ପ ନିର୍ମାଣ ଜାରି ରଖିଛନ୍ତି। ଦରଜୀ ସେବକମାନେ ତିନି ରଥର ବତା କନାରେ ଲେସ୍ ଫିଟିଂ ସହ ଦୁଆରବେଢ଼ା ଏବଂ ଚନ୍ଦ୍ରଶାଳୀ ପାଇଁ କନାକଟା ଶେଷ କରି ସେଥିରେ ସିଲ୍‌ଭର ଲେସ୍ ସିଲେଇ କାର୍ଯ୍ୟ ଜାରି ରଖିଛନ୍ତି।

## ଅଣସର ଘରେ ଜଳେ ରାଶି ତେଲରେ ଦୀପ

# ଅଣସରରେ ଲାଗି ହୁଏନି ରନ୍ଧା ଭୋଗ

ପୁରୀ,୧୭।୬(ସମିସ)

ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ତେବେ ଏହି ଗୁପ୍ତସେବାରେ ରହିଛି କେତୋଟି ନିଷିଦ୍ଧ ନିୟମ। ଏ ସମ୍ପର୍କରେ ଦଇତାପତି ସେବକଙ୍କ ସୂଚନା ଅନୁଯାୟୀ, ସ୍ନାନ ନୀତି ପରେ ରତ୍ନବେଦୀ ସମ୍ମୁଖରେ ବାଉଁଶ ତାଟିର ଏକ ଅସ୍ଥାୟୀ ଗୃହ କରାଯାଏ। ସେଠାରେ ଦାରୁବିଗ୍ରହମାନଙ୍କ ଗୁପ୍ତ ସେବା ହୁଏ। ଏହି ଅସ୍ଥାୟୀ ଗୃହକୁ ଅଣସର ଗୃହ ଏବଂ ଗୃହ ଚାରିପଟେ ପରିବେଷ୍ଟିତ ତାଟିକୁ ଅଣସର ତାଟି କୁହାଯାଏ। ତାଟିରେ ଏକ ଦ୍ୱାର ଥାଏ। ଏହି ଦ୍ୱାର ଦେଇ ଦଇତାପତି ସେବକ ପ୍ରବେଶ କରନ୍ତି। ଅଣସର ଘରେ ସମ୍ପାଦିତ ନୀତିକୁ ଅଣସର ନୀତି କୁହାଯାଏ। ଦଇତା ଓ ପତିମହାପାତ୍ର ସେବକମାନେ ଅଣସର ଗୃହକୁ ପ୍ରବେଶ କରିଥା'ନ୍ତି। ଏଠାକୁ ଅନ୍ୟ କେହି ପ୍ରବେଶ କରିପାରିବେ ନାହିଁ। ଅଣସର ଘରେ ରାଶି ତେଲ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଏ ନାହିଁ। ଅଣସର ପିଣ୍ଡିରେ କେବଳ ଧଳାଫୁଲ ବ୍ୟତୀତ ଅନ୍ୟ କୌଣସି ଫୁଲ ପ୍ରବେଶ କରିପାରିବ ନାହିଁ।

ଅଣସର ସମୟରେ ବ୍ୟବହାର ହେଉଥିବା ଫଳ ଚୋପା ମଧ୍ୟ ବାହାରକୁ ଆସେ ନାହିଁ। ଏପରିକି ବ୍ୟବହୃତ ପାତ୍ର ମଧ୍ୟ ପଦାକୁ ଅଣାଯାଏ ନାହିଁ। ଅଣସର ଶେଷ ପର୍ଯ୍ୟନ୍ତ ସମସ୍ତ ଉଗୁରା ଫୁଲ, ଫଳଚୋପା, ବ୍ୟବହୃତ ପାତ୍ର ଆଦି ଗୃହର ଏକ କୋଣରେ ରଖାଯାଇଥାଏ। ଏହି ସମୟରେ ମହାପ୍ରଭୁଙ୍କୁ ରନ୍ଧା ଭୋଗ ଲାଗି ହୁଏ ନାହିଁ। ଅଣସର ସମୟରେ ପଣା ଓ ଚକଟା ଭୋଗ ଲାଗି କରାଯାଏ। ଏହାସହିତ ଛେନା, ପଣସ, ଆମ୍ବ, ସପୁରୀ ଆଦି ଠାକୁରଙ୍କୁ ସମର୍ପଣ କରାଯିବାର ବିଧି ରହିଛି। ଅଣସର ସେବାକୁ ଯାଉଥିବା ଦଇତାପତିମାନେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନୀତି ନିୟମରେ ରହିଥା'ନ୍ତି। କେବଳ ମହାପ୍ରଭୁଙ୍କ ସମର୍ପିତ ଭୋଗ ଗ୍ରହଣ କରିଥା'ନ୍ତି। ଏଥିପାଇଁ ଯେଉଁ ପତ୍ର ଓ ପାତ୍ର ବ୍ୟବହାର କରାଯାଏ ତାହା ମଧ୍ୟ ଅଣସର ଘରୁ ବାହାରକୁ ଆସି ନ ଥାଏ। ଅଣସର ପିଣ୍ଡିରେ ଭୋଗ ସମର୍ପଣବେଳେ ବିଶେଷ ନୀତି ନିୟମ ପ୍ରତି ଗୁରୁତ୍ୱ ଦିଆଯାଏ। କୌଣସି ଘଣ୍ଟି ବାଜି ନ ଥାଏ। ଦଶମୀ ପର୍ଯ୍ୟନ୍ତ କୌଣସି ଶବ୍ଦ କରାଯାଏ ନାହିଁ। ସେବା ସମୟରେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରି ନ ଥା'ନ୍ତି। ଏହି ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ନିର୍ମାଣ କିମ୍ବା ଶବ୍ଦ ହୋଇ ନ ଥାଏ।

# ଏଥର ରଥ ଚାରମାଳ ଲମ୍ବ ବୃଦ୍ଧି କରାଯିବ

ପୁରୀ,୧୭।୬(ସମିସ): ଚଳିତବର୍ଷ ରଥ ଚାରମାଳର ଲମ୍ବ ବୃଦ୍ଧି କରାଯିବ। ଗତବର୍ଷ ଆଡ଼ପ ପହଣ୍ଡି ସମୟର ତାଳଧ୍ୱଜ ରଥରୁ ବଡ଼ଠାକୁର ଶ୍ରୀବଳଭଦ୍ର ପଡ଼ିଯିବା ଘଟଣାରେ ଗଠିତ ୩ ଜଣିଆ ତଦନ୍ତ କମିଟିର ସୁପାରିସ୍ ଆଧାରରେ ଶ୍ରୀମନ୍ଦିର ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ନିୟମ ଅନୁଯାୟୀ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚାରମାଳର ଲମ୍ବ ୨୫ ଫୁଟ୍, ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଚାରମାଳର ଲମ୍ବ ୨୪ ଫୁଟ୍ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚାରମାଳର ଲମ୍ବ ୨୩ ଫୁଟ୍ ରହିଥାଏ। ଏ ବର୍ଷ ଏହାକୁ ଆଉ ୨ ଫୁଟ୍

## ଭୋଇ ସେବକଙ୍କ ସହିତ ଆଲୋଚନା କଲେ ମୁଖ୍ୟ ପ୍ରଶାସକ

## ଗୁଣ୍ଡିଚା ମନ୍ଦିର ରଥ ରହିବା ସ୍ଥାନରେ ଝୋଟି, ଚିତା କରାଯିବ

ବୃଦ୍ଧି କରି ସ୍ଲୋପ୍ କରିବା ପାଇଁ ଚିନ୍ତା କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଇଞ୍ଜିନିୟରିଂ ଟିମ୍ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ବୈଷୟିକ ପରାମର୍ଶ ଅନୁଯାୟୀ ଏହି କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏ ନେଇ ମୁଖ୍ୟ ପ୍ରଶାସକ ଭୋଇ ସେବକଙ୍କ ସହ ଆଲୋଚନା କରିଛନ୍ତି। ଚାରମାଳ ପାଇଁ ଆବଶ୍ୟକ ତାଳ ଗଛ କାଠ ଢେଙ୍କାନାଳର ଜଣେ ଦାତା ଦାନ ସୂତ୍ରରେ ଯୋଗାଉଛନ୍ତି। ସେହିପରି ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିର ରଥ ରହିବା ସ୍ଥାନରେ ଆକର୍ଷଣୀୟ ଝୋଟି, ଚିତା କରାଯିବ। ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଯାଏଁ ସୁନ୍ଦର ଝୋଟି ଚିତା କରାଯାଉଛି। ଜାତୀୟ ରାଜପଥ ବିଭାଗର କାର୍ଯ୍ୟ ପରେ ରଥଯାତ୍ରା ପରଦିନ ଅବଶିଷ୍ଟ ଝୋଟି ଚିତା କାମ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମଙ୍ଗଳବାର ଅନ୍ୟ ଅଧିକାରୀଙ୍କ ସହ ଝୋଟି ଚିତା କାମକୁ ଅନୁଧ୍ୟାନ କରିଛନ୍ତି।

## ଲୋକମେଳା ଓ କୃଷିମେଳାର ଦ୍ୱିତୀୟ ସନ୍ଧ୍ୟା

# 'ବିବିଧତା ମଧ୍ୟରେ ଏକତା ଭାରତୀୟ ସଂସ୍କୃତିର ମୂଳାଧାର'




ପୁରୀ,୧୭।୬(ସମିସ): ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ସ୍ୱର୍ଣ୍ଣାଭ ବେଳାଭୂମିରେ ଚାଲିଛି ୨୩ତମ ଲୋକମେଳା ଓ ୧୬ତମ କୃଷିମେଳା। ମଙ୍ଗଳବାର ଥିଲା ଏହାର ଦ୍ୱିତୀୟ ସନ୍ଧ୍ୟା। ଅନୁଷ୍ଠାନର ସମ୍ପାଦକ ରାଜେଶ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରର ଉପ ନିର୍ଦ୍ଦେଶକ ଅମର କୁମାର ଦାସ, ଦକ୍ଷିଣାଞ୍ଚଳ ସାଂସ୍କୃତିକ କେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀ ଡି. ଜଗନ୍ନାଥନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବିବିଧତା ମଧ୍ୟରେ ଏକତା ହେଉଛି ଭାରତୀୟ ସଂସ୍କୃତିର ମୂଳ ଆଧାର। ଜାତୀୟ ଲୋକ ମେଳା ଓ କୃଷି ମେଳା ତାହାର ବଡ଼ ଉଦାହରଣ। ୨୨ ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ କଳାକାର ସେମାନଙ୍କ କଳା ଗୋଟିଏ ମଞ୍ଚରେ ପ୍ରଦର୍ଶନ ସେହି ମହାନ ବାର୍ତ୍ତାକୁ ଚରିତାର୍ଥ କରୁଛନ୍ତି। ତେଣୁ ଏଭଳି ସୁନ୍ଦର କାର୍ଯ୍ୟକ୍ରମ ପାଇଁ ଆୟୋଜକଙ୍କୁ ଅଶେଷ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସାଂସ୍କୃତିକ ଦଳମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଚନ୍ଦ୍ରବିଜୟୀ ମିଶ୍ର ସଂଯୋଜନା କରିଥିଲେ ଓ ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭାରତ ବର୍ଷର ୨୨ଟି ରାଜ୍ୟରୁ ଆସିଥିବା କଳାକାରଙ୍କ ନୃତ୍ୟରେ ନାଚି ଉଠିଥିଲା ସ୍ୱର୍ଣ୍ଣାଭ ବେଳାଭୂମି। ଏତଦ୍‌ବ୍ୟତୀତ ଆୟୋଜିତ କୃଷିମେଳାରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ, ବିଭିନ୍ନ ବିଭାଗ, ଓଡ଼ିଶାର ଅନେକ କୃଷି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଉତ୍ସବକୁ ପରିଚାଳନାରେ ସହଯୋଗ କରିଥିଲେ ଶିବସୁନ୍ଦର ମିଶ୍ର, ରିତେଶ ମହାନ୍ତି, ବିଦ୍‌ରୋହ କେଶରୀ ସିଂହ, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ଦେବେନ୍ଦ୍ର ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର, ନୃସିଂହ ଚରଣ ଦାଶ ଏବଂ ଅନ୍ୟ ସଦସ୍ୟ ବୃନ୍ଦ।

## ରାଜ୍ୟବାସୀଙ୍କୁ ଧୋକା ଦେଇଛି ଡବଲ ଇଞ୍ଜିନ ସରକାର

# ତୃଣମୂଳସ୍ତରରେ ପହଞ୍ଚିବ ବିଜେପିର ମିଛ ପ୍ରତିଶ୍ରୁତି



## ଆଜି ବିଜୁ ଯୁବ-ଛାତ୍ର ଜନତା ଦଳର ଜନଜାଗରଣ ଅଭିଯାନ

ପୁରୀ,୧୭।୬(ସମିସ): ଓଡ଼ିଶାବାସୀଙ୍କୁ ଧୋକା ଦେଇଛି ଡବଲ ଇଞ୍ଜିନ ସରକାର। ନିର୍ବାଚନବେଳେ ଦଳ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା। ହେଲେ ସେ ସବୁକୁ ପାଳନ କରିବାକୁ ଭୁଲିଗଲା। ବିଜେପିର ପ୍ରତିଶ୍ରୁତି ସବୁ ପ୍ରତାରଣାରେ ପରିଣତ ହୋଇଛି। ତେଣୁ ଏ ସବୁକୁ ତୃଣମୂଳସ୍ତରରେ ପହଞ୍ଚାଯିବ। ଧୋକାବାଜ୍ ସରକାରର ମିଛ ପ୍ରତିଶ୍ରୁତି ଲୋକଙ୍କୁ ଅବଗତ କରାଯିବ। ଏହି ଜନ ଜାଗରଣର ପ୍ରମୁଖ ମାଧ୍ୟମ ସାଜିବେ ବିଜେଡିର ଯୁବ ଓ ଛାତ୍ର କର୍ମୀ। ଏ ନେଇ ବୁଧବାର ବାଲିଗୁଆଳିସ୍ଥିତ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟସ୍ତରୀୟ ଜନଜାଗରଣ ଅଭିଯାନ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଛାମୁଆ ଯୁବ ଓ ଛାତ୍ର ନେତା ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।

ମଙ୍ଗଳବାର ହଲିଡେ ରିସର୍ଟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ କୁହାଯାଇଛି, ରାଜ୍ୟରେ ଡବଲ ଇଞ୍ଜିନ ସରକାରକୁ ବର୍ଷେ ପୂରିଛି। ହେଲେ ସେମାନେ ନିର୍ବାଚନ ବେଳେ ଯାହା କହିଥିଲେ ସେ ସବୁ ପୂରଣ କରିନାହାନ୍ତି। ବିଜେପି ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ମହାପ୍ରଭୁ ବଳଭଦ୍ର ପଡିଯିବା ଘଟଣା, ଏଏସ୍‌ଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ ମାରିବା, ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ମାଡ଼ ମରାଯିବା, ଆମ୍ବ ଟାକୁଆ ଖାଇ ମୃତ୍ୟୁ, ଚିକିଟି ମଦ ମୃତ୍ୟୁ ଘଟଣାର ରିପୋର୍ଟ ଏ ପର୍ଯ୍ୟନ୍ତ ସାର୍ବଜନୀନ ହେଲା ନାହିଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି। ହତ୍ୟା, ଦୁର୍ଷ୍କା, ଗଣଦୁଷ୍କର୍ମ ବଢିଚାଲିଛି। ମହିଳା ଆଜି ଅସୁରକ୍ଷିତ। କେଉଁଠି ନାବାଳିକାକୁ ଗଣଦୁଷ୍କର୍ମ କରାଯାଉଛି ତ ପୁଣି କେଉଁଠି ନାବାଳିକା ଗର୍ଭବତୀ ହେଲେଣି। ମହାନଦୀ, ପୋଲାଭରମ ପ୍ରସଙ୍ଗରେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ୬ଟି ଜିଲ୍ଲାରେ ହଇଜା ଉତ୍କଟ ରୂପ ଧାରଣ କରିଛି। ୨୪ ବର୍ଷ ଭିତରେ ହଇଜା କ'ଣ ଲୋକେ ଦେଖି ନ ଥିଲେ। ହେଲେ ଏବେ ନିଦ ହଜାଇଛି ହଇଜା। ଓଡ଼ିଆବାସୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବିଜେପି ସରକାର ବୋଲି ବିଜେଡି କହିଛି। ସେହିପରି ପ୍ରତିଦିନ ୧୫ରୁ ଅଧିକ ହତ୍ୟା, ବଳାତ୍କାର ପରି ଘଟଣା ଘଟୁଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଏହା ବିରୋଧରେ ଏହି ଜନଜାଗରଣ ଯାତ୍ରା କରିବ ବିଜେଡି। ଏଥିରେ ଯୁବ ଓ ଛାତ୍ରଙ୍କ ପାଇଁ ବେରୋଜଗାରକୁ ଦଳ ମୁଖ୍ୟ ପ୍ରସଙ୍ଗ କରିବ।

କେନ୍ଦ୍ର ସରକାର ବର୍ଷକୁ ୨ କୋଟି ଚାକିରି ଦେବେ ବୋଲି କହିଥିଲେ। ରାଜ୍ୟ ସରକାର ବର୍ଷକୁ ଦେଢଲକ୍ଷ ନିଯୁକ୍ତି ଦେବାକୁ ଘୋଷଣା କରିଥିଲେ। ସେ ସବୁ କୁଆଡେ ଗଲା ? ବୃତ୍ତି ଅର୍ଥ ବଜେଟରେ ରଖାଯାଇନାହିଁ । ଓବିସି ସଂରକ୍ଷଣ ମେଡିକାଲ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଲାଗୁ କରିବା ନେଇ ବ୍ୟାପକ ଜନଜାଗରଣ ସୃଷ୍ଟି କରିବ ବିଜେଡି। ବିଜେପି ସରକାରରେ ନିଯୁକ୍ତି ଓ ଆତ୍ମନିଯୁକ୍ତିର କୌଣସି ସୁଯୋଗ ନାହିଁ। ପୂର୍ବ ସରକାର ସମୟରେ ୮ ହଜାରରୁ ଅଧିକ ସ୍କୁଲ ରୂପାନ୍ତରିତ ହୋଇଥିଲା। ସେହିପରି କଲେଜ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିଲା ଛାତ୍ରବୃତ୍ତି, ତାହାକୁ ବନ୍ଦ କରିଦିଆଯାଇଛି। କେନ୍ଦ୍ରରେ ୧୧ ବର୍ଷ ଭିତରେ ବଜେଟରେ ହୋଇଥିବା ବ୍ୟୟ ବରାଦର ମାତ୍ର ୪୨ ପ୍ରତିଶତ ଖର୍ଚ୍ଚ ହୋଇଛି। ଏଥିରେ ବିକାଶ କେମିତି ହେବ ବୋଲି ପ୍ରଶ୍ନ କରିଛି ବିଜେଡି । ୨୦୨୪-୨୫ ରେ ଛାତ୍ର ସଂସଦ ନିର୍ବାଚନ କଣ ପାଇଁ ଅନୁଷ୍ଠିତ ହୋଇନଥିଲା ବୋଲି ଦଳ ପ୍ରଶ୍ନ କରିଛି। ତେଣୁ ଶ୍ରୀକ୍ଷେତ୍ରରୁ ବିଜେଡି ଯୁବ-ଛାତ୍ର ଜନତା ଦଳ ତାର ଜନ ଜାଗରଣ ଯାତ୍ରା ଆରମ୍ଭ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

ଏହି ଜନ ଜାଗରଣ ଅଭିଯାନ ମାଧ୍ୟମରେ ଲୋକଙ୍କ ପାଖକୁ ଏହି ସବୁ ପ୍ରତାରଣାକୁ ନେବ ବିଜେଡି। ସମସ୍ୟା ସମାଧାନ କରିବା ପରିବର୍ତ୍ତେ ବିଜେପି ଉତ୍ସବ ମନାଉଛି। ବିଜେଡି ପ୍ରମୁଖ ବିରୋଧୀ ଦଳର ଭୂମିକା ନିର୍ବାହ କରୁଛି। ଜଣେ ଦାୟୀତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ବିଜେଡି ସରକାରଙ୍କ ଏକ ବର୍ଷର ବିଫଳତା ଲୋକଙ୍କ ପାଖରେ ପହଞ୍ଚାଇବ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନୀଲ ମହାନ୍ତି, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଯୁବ ବିଜେଡି ନେତା ପ୍ରଣବ ବଳବନ୍ତରାୟ ଉପସ୍ଥିତ ଥିଲେ। ସେହିପରି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ରାଜ୍ୟର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ଭାବନା ମଧ୍ୟ ବିପଦକୁ ଠେଲି ହୋଇଯାଇଛି। କାରଣ ରାଜ୍ୟକୁ ଆସିବାକୁ ଥିବା ଏଫ୍‌ଡିଆଇରେ ହ୍ରାସ ପାଇଛି। ଜେଏସ୍‌ଡବ୍ଲୁ ଓ ଆର୍ସେଲର ମିତଲ ନିପନ ଷ୍ଟିଲ୍ ଓଡ଼ିଶାକୁ ଛାଡ଼ି ଅନ୍ୟତ୍ର ଯିବା ପାଇଁ ନିଷ୍ପତ୍ତି ନେଇ ସାରିଲେଣି। ଗତ ୧ ବର୍ଷ ଭିତରେ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ପରୀକ୍ଷାରେ, ପ୍ରଶ୍ନପତ୍ର ଲିକ୍, ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ଇତ୍ୟାଦି ବିଭ୍ରାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ବିଫଳତା ସମସ୍ତ କ୍ଷେତ୍ରରେ ଜଳ ଜଳ ହୋଇ ଦିଶୁଥିଲେ ମଧ୍ୟ ସରକାର ଉତ୍ସବ ପାଳନ କରି ମିଛ ସଫଳତାର ପ୍ରଚାର କରୁଛନ୍ତି।

# ପ୍ଲାଷ୍ଟିକ୍‌ମୁକ୍ତ ରଥଯାତ୍ରା ପାଇଁ ସଚେତନତା



ପୁରୀ,୧୭।୬(ସମିସ): ପୌରପାଳିକା ଏବଂ ଓଡ଼ିଶା ଡେଭଲପ୍‌ମେଣ୍ଟ ମ୍ୟାନେଜ୍‌ମେଣ୍ଟ ପ୍ରୋଗ୍ରାମ (ଓଡିଏମ୍‌ପି)ର ମିଳିତ ଆନୁକୂଲ୍ୟରେ ପ୍ଲାଷ୍ଟିକ୍‌ମୁକ୍ତ ରଥଯାତ୍ରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୋକାକୋଲା ଇଣ୍ଡିଆ ଓ ହିନ୍ଦୁସ୍ତାନ କୋକାକୋଲାର ମିଳିତ ସହଯୋଗରେ ହୋଟେଲ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଜିଲ୍ଲା ସ୍ୱାସ୍ଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଟେଲଗୁଡ଼ିକ ପ୍ଲାଷ୍ଟିକ୍‌ମୁକ୍ତ ପାନୀୟଜଳ ସେବା ହୋଟେଲରେ ରହୁଥିବା ପର୍ଯ୍ୟଟକଙ୍କୁ ଯୋଗାଇଦେବାକୁ ନିବେଦନ କରାଯାଇଛି। ଓଡିଏମ୍‌ପିର ଯୁଗ୍ମ ଆବାହିକା ପ୍ରିତିଲତା ମିଶ୍ର, ଆବାହକ ସୁଶାନ୍ତ କୁମାର ତ୍ରିପାଠୀ, ହିନ୍ଦୁସ୍ତାନ କୋକାକୋଲାର ଜାତୀୟ ମୁଖ୍ୟ ତୁଷାର ପଟ୍ଟନାୟକ ଓ ହୋଟେଲ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନା କରିଥିଲେ। ହିନ୍ଦୁସ୍ତାନ କୋକାକୋଲାର ତୁଷାର ପଟ୍ଟନାୟକ, ମିଳନ ଲେଙ୍କା, କସ୍ତୁରୀ ପାଲାଧି, କୋକାକୋଲା ଇଣ୍ଡିଆର ଦିବ୍ୟା ଅଗ୍ରୱାଲା, ପରିମଳ ବିଶେଷଜ୍ଞ କେଶବ ଚନ୍ଦ୍ର ସାହୁ ଓ ସୌଭାଗ୍ୟ ଲକ୍ଷ୍ମୀ ଜେନା ପ୍ରମୁଖ ଯୋଗଦେଇଥିଲେ।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ଆବେଦନ

ପୁରୀ,୧୭।୬(ସମିସ): ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪ ନିମନ୍ତେ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କଠାରୁ ପୁରସ୍କାର ପାଇଁ ଆବେଦନ ଗ୍ରହଣ କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍, ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ, ସହକାରୀ କର୍ମକର୍ତ୍ତା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ମନୋନୟନ ପତ୍ର ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ପଦ୍ଧତିରେ ଆବେଦନକାରୀଙ୍କ ନାମ, ପୂର୍ଣ୍ଣ ଠିକଣା, ଯୋଗାଯୋଗ ନମ୍ବର, ଇ-ମେଲ୍ ଆଇଡି ଉଲ୍ଲେଖ ସହ ୱେବ୍‌ସାଇଟ୍ ମାଧ୍ୟମରେ ଆସନ୍ତା ୨୫ ତାରିଖ ଅପରାହ୍ଣ ୫ଟା ସୁଦ୍ଧା ଗ୍ରହଣ କରାଯିବ ବୋଲି କ୍ରୀଡ଼ା ନିର୍ଦ୍ଦେଶକ ଅବଗତ କରାଇଛନ୍ତି। ଅଫ୍‌ଲାଇନ୍ ମାଧ୍ୟମରେ ଆବେଦନ ପତ୍ରକୁ ନିର୍ଦ୍ଦେଶକ କ୍ରୀଡ଼ା, କ୍ରୀଡ଼ା ଓ ଯୁବ ସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ୍, ନୂଆପଲ୍ଲୀ, ଭୁବନେଶ୍ୱର ୭୫୧୦୧୨ଙ୍କୁ ମଧ୍ୟ ସ୍ପିଡ୍ ପୋଷ୍ଟ, କୋରିଅର ମାଧ୍ୟମରେ ମଧ୍ୟ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି।

ସକାଳ
THE SAKALA



ଅର୍ଥନୀତିରେ କୃଷକ ଏକମାତ୍ର ବ୍ୟକ୍ତି, ଯିଏ ପାଇକାରୀ ଦରରେ ବିକେ, ଖାଉଟି ଦରରେ କିଣେ ଏବଂ ଉଭୟ ପାଇଁ ଟିକସ ଦିଏ
-ଜେ ଏଫ୍ କେନେଡ଼ି

# ମୁଦ୍ରାସ୍ଫୀତି ଓ ଯୁଦ୍ଧସ୍ଥିତି

ଖାଉଟି ମୁଦ୍ରାସ୍ଫୀତି ହାର ଗତ ୭୫ ମାସ ମଧ୍ୟରେ ସବୁଠାରୁ ନିମ୍ନସ୍ତରରେ ରହିଥିବା ଯେଭଳି ଆଶା ଓ ଆଶ୍ୱାସନାର ବିଷୟ ସେହିଭଳି ମଧ୍ୟପ୍ରାଚ୍ୟର ଉତ୍ତେଜନା ଏବେ ଯେଉଁସ୍ତରରେ ପହଞ୍ଚିଛି ସେଥିରେ ଆଗକୁ ଘୋର ଅନିଶ୍ଚିତତାର ସମ୍ମୁଖୀନ ହେବା ଆଶଙ୍କା ଘୋର ଚିନ୍ତା ଓ ଉଦ୍‌ବେଗର ଆଉ ଏକ ବିଷୟ । ଏପ୍ରିଲ୍ ମାସରେ ଖାଉଟି ମୁଦ୍ରାସ୍ଫୀତି ହାର ୩.୨ ପ୍ରତିଶତ ଥିବା ବେଳେ ତାହା ମେ' ମାସରେ ୨.୮ ପ୍ରତିଶତକୁ ହ୍ରାସ ପାଇଛି । କ୍ରମାଗତ ଗତ ୪ ମାସ ଧରି ଖାଉଟି ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରୁ କମ୍ ରହିଛି । ସରକାରୀ ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଗତ ୪୩ ମାସ ମଧ୍ୟରେ ଖାଦ୍ୟଶସ୍ୟର ମୂଲ୍ୟ ସବୁଠାରୁ ନିମ୍ନସ୍ତରରେ ରହିଛି । ତେବେ ଅନ୍ୟସବୁ ପ୍ରମୁଖ ସାମଗ୍ରୀର ମୁଦ୍ରାସ୍ଫୀତି ଗତ ୧୯ ମାସ ମଧ୍ୟରେ ସବୁଠାରୁ ଉଚ୍ଚରେ ଅଛି । ତେଣୁ ସାମଗ୍ରିକ ଭାବେ ବିଚାର କଲେ ମୁଦ୍ରାସ୍ଫୀତି ହାର ଏବେ ୩ ପ୍ରତିଶତ ହୋଇଛି ବୋଲି ଧରି ନେବାକୁ ହେବ । ରବି ଫସଲ ଅମଳ ଆଶାନୁରୂପ ହୋଇଥିବା ବେଳେ ସ୍ୱାଭାବିକ ଠାରୁ ଅଧିକ ମୌସୁମୀ ବର୍ଷା ହେବାର ସମ୍ଭାବନା ଦୃଷ୍ଟିରୁ ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ସ୍ତରରେ ରହିବା ନେଇ ବିଶେଷଜ୍ଞମାନେ ଆଶାବାଦୀ ହୋଇପଡ଼ିଛନ୍ତି । ଆମକୁ ଏଠାରେ କହିବାକୁ ପଡୁଛି ଯେ ଏହା ଶେଷ କଥା ନୁହେଁ । ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯେଉଁ ଯୁଦ୍ଧ ଘନଘଟା ମୁଣ୍ଡ ଟେକିଛି ତାହା ନିକଟ ଭବିଷ୍ୟତରେ ଥମିବାର ସମ୍ଭାବନା ଊଣା । ତେଣୁ ବିଶ୍ୱ ବଜାରରେ ସମ୍ଭାବ୍ୟ ତୈଳ ସଙ୍କଟ ଅର୍ଥନୀତିକୁ ନିଶ୍ଚୟ ପ୍ରଭାବିତ କରିବ । ଅନ୍ୟପକ୍ଷରେ ଆମେରିକା ବାଣିଜ୍ୟ ନୀତି ମଧ୍ୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏବେ ସମ୍ଭାବନାର ଯେଉଁ ଅଙ୍କକଷା ଯାଉଛି ତାହା କେତେଦିନ ସ୍ଥିର ରହିବ ସେ ନେଇ ଘୋର ସନ୍ଦେହ ମୁଣ୍ଡ ଟେକିଛି ।

ମଧ୍ୟପ୍ରାଚ୍ୟରେ ଉପୁଜିଥିବା ଉତ୍ତେଜନା ଏବେ ଯୁଦ୍ଧ ଘନଘଟା ଆଡ଼କୁ ମୁହାଁଇଛି । ପରିସ୍ଥିତି ଯାହା ସେଥିରେ ହଠାତ୍ ଶାନ୍ତି ଫେରିବାର ସମ୍ଭାବନା ଊଣା । ରବିବାର ଓମାନରେ ଇରାନ୍‌ର ପମାଣୁ କାର୍ଯ୍ୟକ୍ରମ ନେଇ ଏକ ବୁଝାମଣାରେ ଉପନୀତ ହେବା ସକାଶେ ଆପୋସ ଆଲୋଚନା ସ୍ଥିରୀକୃତ ହୋଇଥିବା ବେଳେ ତାହାର ଦୁଇଦିନ ପୂର୍ବରୁ ଇସ୍ରାଏଲ୍‌ର ଦୁଇଶହ ଯୁଦ୍ଧ ବିମାନ ଯେଭଳି ଅତର୍କିତ ଭାବେ ଇରାନ୍ ଉପରେ ଆକ୍ରମଣ କଲା, ତାହା ଆସ୍ଥା ଓ ବିଶ୍ୱାସକୁ ତୁଟାଇ ଦେଇଛି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ତୁରନ୍ତ ପ୍ରତିକ୍ରିୟା ଥିଲା 'ଏକ୍ସଲେଣ୍ଟ(ଚମତ୍କାର) । ମୁଁ ଆକ୍ରମଣ ସମ୍ପର୍କରେ ଆଗୁଆ ତଥ୍ୟ ପାଇଥିଲି ।' ତେଣୁ ଆମେରିକାର ଇଙ୍ଗିତରେ ଆପୋସ ଆଲୋଚନା ପୂର୍ବରୁ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିଦେବା ସକାଶେ ଯୋଜନା ପ୍ରସ୍ତୁତ ହୋଇଥିଲା । ଏ କଥା ସତ ଯେ ଇରାନ୍‌ର ସାମରିକ ମୁଖ୍ୟଙ୍କ ସମେତ କିଛି ବରିଷ୍ଠ ଅଧିକାରୀ ଓ ଆଣବିକ ବିଶେଷଜ୍ଞ ବା ବୈଜ୍ଞାନିକ ପ୍ରାଣ ହରାଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ କି ଇରାନ୍‌ରେ ନେତୃତ୍ୱ ପରିବର୍ତ୍ତନ ପାଇଁ ମୁଣ୍ଡ ଟେକିଥିବା ଆନ୍ଦୋଳନ ଏହି ଘଟଣା ପରେ ନିରବ ହୋଇଯାଇଛି । ସମଗ୍ର ଦେଶବାସୀ ଖେମିନିଙ୍କ ନେତୃତ୍ୱରେ ଲଢ଼ିବା ସକାଶେ ଐକ୍ୟବଦ୍ଧ ହୋଇଛନ୍ତି । ନିଜର ସବୁକିଛି ବିନିମୟରେ ଲଢ଼ିବାକୁ ଶପଥ ନେଇଥିବା ଇରାନବାସୀ ଏପ୍ରକାର ପ୍ରତାରଣା ଉଚିତ ଜବାବ ଦେବା ସକାଶେ ପ୍ରସ୍ତୁତ ଥିବା ସ୍ପଷ୍ଟ ହୋଇଛି । ଉଭୟ ପକ୍ଷଙ୍କ ପାଲଟା ଆକ୍ରମଣ ପରିସ୍ଥିତିକୁ ଆହୁରି ସଙ୍ଗିନ କରିଛି । ତେଣୁ ଯୁଦ୍ଧ ଥମିବାର ସମ୍ଭାବନା ନାହିଁ । ଏହାଫଳରେ ମଧ୍ୟପ୍ରାଚ୍ୟରେ ତୈଳ ଉତ୍ପାଦନ ହ୍ରାସ ପାଇବା ସ୍ୱାଭାବିକ । ତାହାର ପ୍ରତିକୂଳ ପ୍ରଭାବ ଭାରତ ସମେତ ସମଗ୍ର ବିଶ୍ୱରେ ଅନୁଭୂତ ହେବ । ସେ ଦୃଷ୍ଟିରୁ ଆମେ ମୁଦ୍ରାସ୍ଫୀତିର ଯେଉଁ ଅଙ୍କ କଷୁଛେ ତାହା କେତେଦିନ ବଳବତ୍ତର ରହିବ ସେ ନେଇ ସନ୍ଦେହ ଉଙ୍କିମାରିବା ସ୍ୱାଭାବିକ ।

ଏହି ଯୁଦ୍ଧ ଘନଘଟା ମଧ୍ୟରେ ଗତ ଶୁକ୍ରବାର ସେନ୍‌ସେକ୍ସ ୧୩୦୦ ପଏଣ୍ଟ ହ୍ରାସ ପାଇ ଚାଲିଛି । ଇରାନ୍ ପାଲଟା ଆକ୍ରମଣରେ ଇସ୍ରାଏଲରେ ଥିବା ହାଇଫା ତୈଳ ରିଫାଇନାରୀ କ୍ଷତିଗ୍ରସ୍ତ ହୋଇଛି । ତେଣୁ ସେୟାର ବଜାରରେ ତାହାର ପ୍ରତିକୂଳ ପ୍ରଭାବ ଆଗକୁ ଅନୁଭୂତ ହେବ । ସମଗ୍ର ବିଶ୍ୱର ୯ ପ୍ରତିଶତ ତୈଳ ଇରାନ୍‌ରେ ମହଜୁଦ୍ ଅଛି । ତେଣୁ ଏହି ପ୍ରତିକୂଳ ପରିସ୍ଥିତିରେ ତୈଳ ଉତ୍ପାଦନ କରୁଥିବା ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକ ଛନ୍ଦି ହୋଇପଡ଼ିବା ସ୍ୱାଭାବିକ । ଏଥିମଧ୍ୟରେ ବ୍ୟାରେଲ୍ ପିଛା ତୈଳ ଦର ୧୩ ପ୍ରତିଶତ ବୃଦ୍ଧି ପାଇ ୭୮.୫୦ ଡଲାରରେ ପହଞ୍ଚିଛି । ଜାନୁଆରୀ ମାସରୁ ଏହି ବର୍ଦ୍ଧିତ ଦର ସର୍ବାଧିକ । ଯଦି ଏହି ଉତ୍ତେଜନା ଆସନ୍ତା ୩ ରୁ ୬ ମାସ ବଳବତ୍ତର ରହେ, ତେବେ ବ୍ୟାରେଲ୍ ପିଛା ତୈଳ ଦର ୧୨୦ ଡଲାରରେ ପହଞ୍ଚିବ ବୋଲି ଜେପି ମୋର୍ଗାନ୍ ବିଶେଷଜ୍ଞଙ୍କ ପକ୍ଷରୁ ଦର୍ଶାଯାଇଛି । ଏ କଥା ସତ ଯେ କେବଳ ତୈଳ ଦର ବୃଦ୍ଧି ନୁହେଁ ଯଦି ତୈଳ ଯୋଗାଣ ବାଧାପ୍ରାପ୍ତ ହୁଏ ତେବେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ ଏବଂ ଚାହିଦା ଅନୁଯାୟୀ ଯୋଗାଣ ସମ୍ଭବପର ହେବ ନାହିଁ । ଏହା ମୁଦ୍ରାସ୍ଫୀତି ଉପରେ ନକାରାତ୍ମକ ପ୍ରଭାବ ପକାଇବ । ଭାରତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରେ । ବର୍ଦ୍ଧିତ ତୈଳ ଦର ବାବଦରେ ଆଗାମୀ ଦିନରେ ସରକାରଙ୍କୁ ଅଧିକରୁ ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିବ । ଏହା କେବଳ ଭାରତୀୟ ମୁଦ୍ରାର ବିନିମୟ କ୍ଷମତାକୁ ହ୍ରାସ କରିବନି, ଚଳନ୍ତି ଜମାଖାତାରେ ନିଅଣ୍ଟିଆ ଅବସ୍ଥା ମଧ୍ୟ ଦେଖାଦେବ । ଅନ୍ୟପକ୍ଷରେ ଭାରତରେ ସୁନାର ଚାହିଦା ସର୍ବାଧିକ । ଗତ ଶୁକ୍ରବାର ୧୦ ଗ୍ରାମ ସୁନାର ଦାମ ୧ ଲକ୍ଷ ଟଙ୍କା ଟପିଛି । ଏ ସବୁ ଉଲ୍ଲେଖ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଅର୍ଥନୀତିକୁ ନେଇ ଯେଉଁ ଉଚ୍ଛାଟ ଓ ଉତ୍ସାହ ପରିଲକ୍ଷିତ ହେଉଛି ତାହା କେତେ ଅନିଶ୍ଚିତତା ଦେଇ ଆଗକୁ ଗତି କରିବାକୁ ଯାଉଛି ସେ ନେଇ ସଚେତନତା ସୃଷ୍ଟି କରିବା ।

ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତିର ସ୍ଥିତିକୁ ଭିତ୍ତି କରି କ୍ରମାଗତ ତିନିଥର ସୁଧ ହାର ହ୍ରାସ କରିଛନ୍ତି । ଜାତୀୟକରଣ ଓ ଘରୋଇ ବ୍ୟାଙ୍କର କାରବାରରେ ଏହା ପ୍ରତିଫଳିତ ହୋଇଛି । ସୁଧ ହାର ହ୍ରାସ, ଋଣ ଗ୍ରହଣ ଓ ପରିବେଶର ସୁଯୋଗ ବଜାର ବ୍ୟବସ୍ଥା ଉପରେ ଅନୁକୂଳ ପ୍ରଭାବ ପକାଇଛି । କହିବାକୁ ଗଲେ ମୁଦ୍ରା ପ୍ରଚଳନ ବୃଦ୍ଧି ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ତାହା ଖାଉଟିଙ୍କ କ୍ରୟଶକ୍ତି ବଢ଼ାଇବାରେ ସହାୟକ ହେବ । କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ହଠାତ୍ ଯେଉଁ କଟକଣା ପ୍ରୟୋଗ କରାଯିବ, ତାହାକୁ ସମ୍ମୁଖୀନ ହେବା ପାଇଁ ସବୁ ପକ୍ଷ ଏବେଠାରୁ ପ୍ରସ୍ତୁତ ହେବା ଆବଶ୍ୟକ ।

# ଓଡ଼ିଆଙ୍କ ସଂସ୍କୃତିପାଠ

ହରପ୍ରସାଦ ଦାସ

ସାଧାରଣ ଶିକ୍ଷିତ ଲୋକେ କି ଲେଖାପଢ଼ା କରନ୍ତି, ଆମେ ଜାଣୁନାହିଁ । ହଁ, ପ୍ରାୟ ସବୁ ଅଳ୍ପବହୁତ ପାଠ ପଢ଼ିଥିବା ଲୋକ ଖବରକାଗଜ ଉପରେ ଆଖି ବୁଲେଇ ନିଅନ୍ତି, ବେଳେ ବେଳେ କିଛି ଖବର ବା ଲେଖା ପଢ଼ନ୍ତି ବି । କିନ୍ତୁ ସେମାନେ ବହିପଢ଼ନ୍ତି କି? ସେମାନେ କିଛି ଲେଖନ୍ତି କି? ତାଙ୍କ ପକେଟରେ କଲମ ଥାଏକି? ନା ସେମାନେ ମୋବାଇଲରେ ଲେଖନ୍ତି, ପଢ଼ନ୍ତି, ଟିପାଟିପି କରନ୍ତି? ଆମେ ଦୃଷ୍ଟି ଦେଇନେ ଅଥଚ ଏ ଭିତରେ ଦିସ୍ତା କାଗଜ ଗଲାଣି, ହାତରେ ଖାତା ସିଲେଇ ହେଉ ନାହିଁ, ସ୍ୟାହିର ବ୍ୟବହାର ହେଉନାହିଁ, ଝରକଲମ ବ୍ୟବହାରରୁ ଗଲାଣି । ଶିକ୍ଷିତ ମଧ୍ୟବିତ୍ତ ଘରେ ଯଦି ପିଲା ନଥା'ନ୍ତି, ତେବେ କଲମଟିଏ ବି ନଥାଏ । ବହି ଆଲମାରୀଟିଏ ଥିଲା, ଏବେ ଆଉ ତା'ର ପ୍ରୟୋଗ ନାହିଁ । ଅବଶ୍ୟ କିଛିଲୋକ ଲେଖାପଢ଼ା କରନ୍ତି, କାଗଜ କଲମ ବ୍ୟବହାର କରନ୍ତି । ସେମାନେ କମ୍ପ୍ୟୁଟରରେ ଏଯାଏଁ ଅଭ୍ୟସ୍ତ ହେଇନାହାନ୍ତି । ଇଏ କାଳାନ୍ତର ବା ଟ୍ରାଞ୍ଜିସନର ସମୟ । ପୁରୁଣା ଅସ୍ପଷ୍ଟ ହେଇଆସୁଥିବ, ନୂଆ ପୂର୍ଣ୍ଣ ଆକାର ପାଇନଥିବ ଏଭଳି ଏକ ସମୟ ଏ ।

ପାଲିମ୍ପସେଷ୍ଟ ଗୋଟେ ସାଂସ୍କୃତିକ ତତ୍ତ୍ୱ । ଇଏ ସେଇ କାଳାନ୍ତରର ତତ୍ତ୍ୱ । ଏ ସେହି ପୁନରାବୃତ ବୃତ୍ତକଥା, ଅର୍ଥାତ ଗୋଟେ ସ୍ଲେଟରେ ପୁରୁଣା ଅକ୍ଷର ପୂରା ଲିଭିନଥିବ, ନୂଆ ଅକ୍ଷର ଲେଖାହେବ, ସିଏ ଲିଭିନଥିବ ତା'ଉପରେ ଆଉ ପରସ୍ତେ ଲେଖା । ନିରେଖି ଦେଖିଲେ କେତେ କଥା ଦିଶିବ, କେତେ ଅନୁମାନ କରିହେବ । ଇଏ ହେଲା ସଂସ୍କୃତିର ସ୍ମୃତି । ପରସ୍ତ ପରସ୍ତ ରଚନା, କିଛି ଏବର, କିଛି ଅଳ୍ପଦିନର, କିଛି ଲିଭିଲା ଲିଭିଲା, କିଛି ପୂରା ଲିଭିଲାଣି । ସବୁ ସେଇ ଗୋଟିଏ ସ୍ମୃତିପଟରେ ।

ଯେଉଁ ଲୋକ ସମ୍ପ୍ରଦାୟର ସାଂସ୍କୃତିକ ସ୍ମୃତିପଟ ଯେତେ ପ୍ରାଚୀନ, ତା'ର ସଂସ୍କୃତି ସେତେ ବହ୍ୱାରମ୍ଭୀ, ତା'ର ଜାତୀୟ ସ୍ମୃତି ସେତେ ବ୍ୟାପକ । ଓଡ଼ିଆଙ୍କ ସାଂସ୍କୃତିକ ସଂରଚନା ଅତି ଗଭୀର ଓ ଅତି ବ୍ୟାପକ । ଯାର ଯୋଡ଼ିଏ ପ୍ରମାଣସିଦ୍ଧି: ଧର୍ମ ଓ ସାହିତ୍ୟ । ଓଡ଼ିଆଙ୍କ ସଂସ୍କୃତିର ଗୋଟିଏ ମୁଖ୍ୟ ଉପାଦାନ ଧର୍ମ । ବୈଦିକ ଅପୌରୁଷେୟ ସହିତ ଜଗନ୍ନାଥ ତତ୍ତ୍ୱ, ସତ୍ୟ-ତ୍ରେତା-ଦ୍ୱାପର ସହିତ କଳିଯୁଗର ଚଳନ୍ତି ଈଶ୍ୱର ଜଗନ୍ନାଥଙ୍କ ପୁନର୍ନବା ଦାରୁକଳେବର ତଥା ଅଖଣ୍ଡ କାଳର କିମ୍ବଦନ୍ତୀୟ କଳ୍ପନା ଏସବୁ ଏବେ ମଧ୍ୟ ସାଂସ୍କୃତିକ ସ୍ମୃତିରେ ବିଦ୍ୟମାନ । ଅର୍ଥାତ ସ୍ମୃତିପଟରେ ଏକସଙ୍ଗରେ ହଜାର ହଜାର ବର୍ଷର ପାଠ ଏବେବି ପଢ଼ିହୁଅନ୍ତି, ଅକ୍ଷର ଉପରେ ଅକ୍ଷର ମାଡ଼ିଯାଇ କିଛି ଲିଭିନି । ଅକ୍ଷର ମାଡ଼ି ହିଁ ଯାଇନି । ଇଏ ଭାରତର ଏକମାତ୍ର ଜୀବନ୍ତ ସଂସ୍କୃତି, ଯାହା ଇସ୍ଲାମ ଓ ଖ୍ରୀଷ୍ଟିଆନ ଧର୍ମଧାରା ଦ୍ୱାରା ଲେଶମାତ୍ର ପ୍ରଭାବିତ ହୋଇନାହିଁ । ସେଇଠି ଭାରତର ବିଭିନ୍ନ ପ୍ରାନ୍ତରେ ଖ୍ରୀଷ୍ଟିଆନ ଓ ଇସ୍ଲାମ ପ୍ରଭାବ ସୁସ୍ପଷ୍ଟ । ଏପରିକି ବୌଦ୍ଧ ଧର୍ମ ତା'ର ପରୀକ୍ଷାଭୂମି ଓ ଆଶ୍ରୟସ୍ଥଳୀ ଓଡ଼ିଶାର ମୁଖ୍ୟସ୍ରୋତର ସଂସ୍କୃତି ଉପରେ ପ୍ରଭାବ ପକାଇ ପାରିନାହିଁ । କଳିଙ୍ଗ ଜୀନ ଏକ ଜୈନ ଟୋଟେମ୍ ନା ଏକ ଜୈନୀ-ସନାତନୀ ଫ୍ୟୁଜନ ଜଣାନାହିଁ । କିନ୍ତୁ ଏକଥା ସତ ଯେ ଜଗନ୍ନାଥଙ୍କ ବିଚିତ୍ର ଓ ବ୍ୟାପକ ପରିକଳ୍ପନା କୌଣସି ପ୍ରତିସ୍ପର୍ଦ୍ଧି ବା ଆକ୍ରାମକ ତତ୍ତ୍ୱକୁ ଆତ୍ମସାତ ନକରି ଛାଡ଼ିନାହିଁ । ଜଗନ୍ନାଥ ସ୍ୱୟଂ ଏକ ସାଂସ୍କୃତିକ ପାତ୍ର, ଯହିଁରେ ଯାହାପଡ଼ିଚି ତାହା ରନ୍ଧା ହୋଇ ବାହାରିଚି, ମହାପ୍ରସାଦରେ ପରିବର୍ତ୍ତିତ ହୋଇଚି । ସମସ୍ତ ବିଭେଦ ଓ ବିଭେଦର ସମ୍ଭାବନାକୁ ଗୋଟିଏ ରନ୍ଧନପାତ୍ରରେ ମିଶେଇ, ଘାଣ୍ଟି, ତତେଇ, ତରଳେଇ ତାକୁ ତୁଳସୀ ପାଖୁଡ଼ାଏରେ ପାଣି ଛଡ଼େଇ ପ୍ରସାଦ ବାଣ୍ଟିଲା ବାଲା ଲୋକ ବା ଜାତି ସଂସାରରେ ନାହାନ୍ତି । ଓଡ଼ିଆଙ୍କୁ ବୁଝିବ କିଏ? ପୁଣି ଠାକୁରଙ୍କ ନୀତିକାନ୍ତି କୋଉଠି ବି ବ୍ରାହ୍ମଣ୍ୟ କର୍ମକାଣ୍ଡ ନାହିଁ । ଅଷ୍ଟମ ଶତାବ୍ଦୀରେ ଆଚାର୍ଯ୍ୟ ଶଙ୍କର ଶ୍ଳୋକ, ମନ୍ତ୍ର, ଉପାସନାର ବୈଦିକ ଚଳଣି ଆରମ୍ଭ କଲେସିନା, ଏ ମହାଦେବତା ଏବେ ବି ସନାତନୀ ପୌତ୍ତଳିକତାର ଊର୍ଦ୍ଧ୍ୱରେ ଏକ ଅମୂର୍ତ୍ତ କଳ୍ପନା ହୋଇ ରହିଚନ୍ତି । କର୍ମକାଣ୍ଡ ତା' ବାଟରେ, ଠାକୁର ତା' ବାଟରେ । କହିବାର ତାତ୍ପର୍ଯ୍ୟ ଏତିକି ଯେ ଏ ଜାତିର ଧର୍ମୀୟ ବିବେକର ନିର୍ମାଣ କର୍ମକାଣ୍ଡସୃଷ୍ଟ ବ୍ରାହ୍ମଣ ମଧ୍ୟସ୍ଥତାରେ ପରିଚାଳିତ ନୁହେଁ, ଏ ଏକ ଆସ୍ଥା ନିର୍ମାଣର ସ୍ୱବିକଶିତ ହସ୍ତକଳା । ଯା'ର କଳା ରହେ, ଶିଳ୍ପର ସ୍ମୃତି ରହେ । ସବୁଠୁ ବଡ଼କଥା ଯା' ଉପରେ କୌଣସି ପକ୍କା ରଙ୍ଗ ଚଢ଼ିଲା ନାହିଁ । ସାଂସ୍କୃତିକ ସ୍ମୃତିପଟରେ ପୁରୁଣା ଅକ୍ଷରଗୁଡ଼ିକ ସ୍ପଷ୍ଟ ପଢ଼ିହେବାରେ ଅସୁବିଧା ନାହିଁ ।

ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରଶ୍ନ: ସାଧାରଣ ଲୋକଟିଏ ଯେ କୌଣସି ସଂସ୍କୃତିର ହେଉ, ତା'ର ପହିଲି ପାଠ କ'ଣ? ଅନ୍ୟ ଭାବରେ ପଚାରିଲେ କୋଉ ପାଠ ସହିତ ମଣିଷର ପ୍ରାକୃତିକ ସମ୍ପର୍କ ଆଜନ୍ମ? ଏ ପ୍ରଶ୍ନର ଉତ୍ତର ଅତି ଜଟିଳ କରି ଦେଇଚନ୍ତି ଆମ ସମୟର ବିଶ୍ୱର ଶ୍ରେଷ୍ଠ ଭାଷାବିତ ନୋଆମ ଚୋମସ୍କି । ସରଳ କରି କହିଲେ ସଂସ୍କୃତି, ଯାହା ପ୍ରାତ୍ୟହିକ ଜୀବନର ଅଂଶ, ସେ ପାଠ ମୁଣ୍ଡ ଭିତରେ ଥାଏ, ତୁଣ୍ଡକୁ ଆସେ ଓ ଆପେ ମିଳେଇଯାଏ । ସେ ଦୃଷ୍ଟିରୁ ସଂସ୍କୃତିସମ୍ପନ୍ନ ଜାତିରେ କେହିବି ଅପାଠୁଆ ନୁହନ୍ତି, ନିରକ୍ଷର ହୋଇପାରନ୍ତି । କେତେକ ଦିଗରୁ ତ ଏ ନିରକ୍ଷର ପାଠୁଆ ଲୋକେ ସ୍ମୃତିର ସାମର୍ଥ୍ୟରେ ସଂସ୍କୃତି ଚଳାନ୍ତି, ପ୍ରଶ୍ନ କରନ୍ତି ନାହିଁ କି ସନ୍ଦେହ କରନ୍ତି ନାହିଁ । ଓଡ଼ିଆଙ୍କ ଜଗନ୍ନାଥ ସଂସ୍କୃତି ଚଳେ ନିରକ୍ଷର ପାଠୁଆଙ୍କ ସ୍ମୃତି, ଆସ୍ଥା, କୌତୂହଳ, ବିସ୍ମୟ ଓ ଆନୁଗତ୍ୟ ଦ୍ୱାରା । ସେମାନେ ଖବରକାଗଜ ପଢ଼ନ୍ତି ନାହିଁ । ସେମାନଙ୍କ ଖବର କୁହାଶୁଣାର ଖବର । ସେମାନେ ଏତେ ବଡ଼ କାମ ଏତେ ସହଜରେ କରନ୍ତି ଯେ ତାଙ୍କୁ ତଥାକଥିତ ଲେଖାପଢ଼ା କାମରେ ଲଗେଇବା କଥା ଟିକେ ଚିନ୍ତା କରି କହିବାକୁ ହେବ । ଆମର ଗାଁ ଓ ସହରରେ ଅସଂଖ୍ୟ ସଂସ୍କୃତି ପରିଚାଳକ ସ୍ତ୍ରୀ ଓ ପୁରୁଷ ଯଦି ବୟସ୍କ ଶିକ୍ଷଣ ଯୋଜନାରେ ସାମିଲ ହେଲେ ତ ଭଲ । ଯିଏ ନହେଲେ ତାଙ୍କର ଜୀବନମୂଲ୍ୟ ଅନ୍ୟତ୍ର ନିହିତ । ପ୍ରକୃତ ଚିନ୍ତା ସେଇମାନଙ୍କ ପାଇଁ, ଯେଉଁମାନେ ସଂସ୍କୃତିପାଠରେ ନିରକ୍ଷର; କିନ୍ତୁ ଖବରକାଗଜୀ ବଖାଣରେ ଧୁରନ୍ଧର । ଅନ୍ୟଭାବରେ କହିଲେ ଏଇମାନେ ହିଁ ଅପସଂସ୍କୃତିର ବାର୍ତ୍ତାବହ ଓ ବାର୍ତ୍ତାକାର ।

ଏମାନେ ଲେଖିଜାଣନ୍ତି, କିନ୍ତୁ ଲେଖନ୍ତି ନାହିଁ, ପଢ଼ିଜାଣନ୍ତି କିନ୍ତୁ ପଢ଼ନ୍ତି ନାହିଁ । ମଧ୍ୟବର୍ଗର ଏହି ଗୋଷ୍ଠୀକୁ ପଢ଼ାଲେଖାରେ ବ୍ୟସ୍ତ ରଖିବା କେମିତି? ଏମାନେ ନିୟମ ମାନିବା ଲୋକ ନୁହନ୍ତି । ଯା'ଙ୍କ ଭିତରେ ଗୁଳାରୁ ଖସି ପଳେଇବାର, ନିୟମ ଭାଙ୍ଗିବାର ଅସଂଖ୍ୟ କ୍ଷୁଦ୍ର ବିଦ୍ରୋହ ଉଠନ୍ତି ଓ ମିଳେଇଯା'ନ୍ତି । ବିଭିନ୍ନ ସାଲିସ, ବୁଝାମଣା ଓ ଭାଗ୍ୟବାଦୀ ମନବୋଧରେ ଗଢ଼ା ଏମାନଙ୍କର ମଧ୍ୟବର୍ଗୀ ଜୀବନ । ବସ୍ତୁତଃ ସବୁ ପରିବର୍ତ୍ତନ, ନୂଆଚିନ୍ତା ଏଇଠି ହୁଏ, କିନ୍ତୁ ଭାଷା ପାଏନାହିଁ । ଆସନ୍ତି ଏଭଳି କେହି କେହି ଯିଏ ଲେଖାପଢ଼ା ସହିତ କହନ୍ତି ବି, ପାଟିତୁଣ୍ଡ କରନ୍ତି, କଦବା କେମିତି ସମାଜ ଓ ଦେଶ, ରାଜନୀତି ଓ ବିକାଶ, ଇତ୍ୟାଦିକୁ ନେଇ ସ୍ୱପ୍ନ ବି ଦେଖିଦିଅନ୍ତି । ସୁଯୋଗ ମିଳିଲେ ଏମାନେ ସଂସ୍କାର ପକ୍ଷରେ ତର୍କ ବି କରିପାରନ୍ତି । ଏମାନେ ହେଉଚନ୍ତି ଆମ ସମାଜର ଉଦଜାନୀ ତତ୍ତ୍ୱ, ଯାଙ୍କୁ ଲୟବଦ୍ଧ କରିବା ଅସମ୍ଭବ । ଏଇଟା ଓଡ଼ିଆ ମଧ୍ୟବର୍ଗର ଚରିତ୍ର । ଏମାନଙ୍କୁ ଲେଖାପଢ଼ାରେ ଆଗ୍ରହୀ କରାଇବାର ମାର୍ଗ କ'ଣ ହେଇପାରେ? ଏମାନେ ଲେଖାପଢ଼ାରେ ଆଗ୍ରହୀ ହେବାର ମାର୍ଗ ଲୟବଦ୍ଧ ଔପଚାରିକ ବୌଦ୍ଧିକତା ନୁହେଁ । ଯାଙ୍କ ଭିତରେ ଯେଉଁ ଓଡ଼ିଆ ଅନ୍ତଃପ୍ରକୃତି ସକ୍ରିୟ ଓ ଜୀବନ୍ତ ହୋଇ ରହିଚି ସେଇଟା ଏକ ବିଚିତ୍ର ପଦାର୍ଥ । ତା'କୁ ଔଜଲ୍ୟ ହରାଇବା ସତ୍ତ୍ୱେ ସମର୍ଥ ହୋଇ ରହିଥିବା ଧର୍ମୀୟ ସଂସ୍କୃତି ବୋଲି ଠାବ କରାଯାଇପାରେ । ଆହୁରି ସରଳ କଲେ ଯା'କୁ ସଘନ ସ୍ଥାନୀୟତା ଓ ଅନ୍ତରଙ୍ଗ ଜଗନ୍ନାଥବୋଧର ଏକ ମିଶ୍ରରୂପ କହଯାଇପାରେ । ଇଏ ଜଣେ ସାଧାରଣ ମଧ୍ୟବର୍ଗୀ ଓଡ଼ିଆର ଅବଦମିତ, କିନ୍ତୁ ଆଶୁପ୍ରକାଶକ୍ଷମ ଚିତ୍ତବୃତ୍ତି । ସମାଜର ମୁଖ୍ୟସ୍ରୋତରୁ ବହିଷ୍କୃତ କିଛି ବିଭ୍ରାନ୍ତ ଲୋକଙ୍କୁ ଛାଡ଼ିଦେଲେ ମୋ ଜାଣିବାରେ ଏଭଳି ମଧ୍ୟବର୍ଗୀ ଓଡ଼ିଆ ନାହାନ୍ତି, ଯିଏ ଈଶ୍ୱରବିଶ୍ୱାସୀ ନୁହନ୍ତି, ଜଗନ୍ନାଥବିଶ୍ୱାସୀ ନୁହନ୍ତି ବା ଭିଟାମାଟିର ଅନ୍ତରଙ୍ଗତା ବୁଝନ୍ତି ନାହିଁ । ଯେଉଁ ମାନସିକତା ଯାଙ୍କୁ ମାଟିକାମୁଡ଼ି ପଡ଼ିରହିବାର ପ୍ରେରଣା ଦିଏ ଓ ସର୍ବମଙ୍ଗଳ ଜଗନ୍ନାଥ କହି ନଡ଼ିଆଟିଏ ବାଡ଼େଇବାର ସରଳ ବିଶ୍ୱାସ ଦିଏ, ସେଇଟି ତାଙ୍କର ସଂସ୍କୃତିପାଠ, ଯାହାକୁ ସେମାନେ ଏବେବି ଭୁଲିନାହାନ୍ତି । ଜାତୀୟ ସ୍ମୃତିପଟର ପୁନରାବୃତ ବୃତ୍ତକଥାର ରହସ୍ୟମୟ ବର୍ଣ୍ଣମାଳା ଏବେବି ପଢ଼ିହେଉଚି । କୁହାଯାଇପାରେ ଯେ ଲୋକଦେଖାଣିଆ ଲେଖାପଢ଼ା କରୁ ନ ଥିବା ଆମର ଶିକ୍ଷିତ କିନ୍ତୁ ବୌଦ୍ଧିକ ଉଦାସୀନତାଗ୍ରସ୍ତ ମଧ୍ୟବର୍ଗ ସଂସ୍କୃତିପାଠରେ ସ୍ୱାଭାବିକ ଭାବରେ ଲିପ୍ତ । ଏ କାର୍ଯ୍ୟ ନିରବରେ ସମ୍ପାଦିତ ହୁଏ । ଯାକୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ବିକାଶର ସାଂସ୍କୃତିକ ପକ୍ଷର ତର୍ଜମା ଓ ଅଳ୍ପକିଛି ଅନ-ଲାଇନ-କରେକ୍ସନ ଦରକାର ।

ହଠାତ ବିକାଶର ଅର୍ଥନୈତିକ ମଡେଲକୁ ବଦଳେଇବା ଦରକାର ନାହିଁ । ସଂସ୍କୃତି ସବ୍-ପ୍ଲାନ ଯୋଡ଼ନ୍ତୁ ସବୁ ପ୍ଲାନର ଅନ୍ତଃପାଠ ଭାବରେ, ଯେମିତି ଟ୍ରାଇବାଲ ସବପ୍ଲାନ । ସମାଜର ସଂସ୍କୃତିକରଣ(କଲଚରାଇଜେସନ ଅଫ ସୋସାଇଟି) ସାଂସ୍କୃତିକ ସମାଜରେ ଗୁରୁତ୍ୱପୂର୍ଣ୍ଣ । ଯା' ଫଳରେ ସଂସ୍କୃତିକୁ ଭିତରେ ଧରି ଉପରେ ଉପରେ ସଂସ୍କୃତିଠାରୁ ଦୂରେଇ ଯାଉଥିବା ଭଳି ମନେହେଉଥିବା ମଧ୍ୟବର୍ଗ ସଂସ୍କୃତି ମାଧ୍ୟମରେ ପୁଣିଥରେ ନିଜର ସମାଜକୁ ଓ ପରିବେଶକୁ ଚାହିଁବ । ଆଗ୍ରହୀ ହେବ ଜାଣିବା ପାଇଁ ଖରାଖିଆ ମହାଦେବଙ୍କ ନାଁ ଏମିତି କେମିତି ହେଲା । ଆନନ୍ତପୁର ଗାଁର ବଟମହାତ୍ମ୍ୟ କ'ଣ? କୀଚକେଶ୍ୱରୀ କିଏ? ଭଣ୍ଡଗଣେଶ ହାଃ ହାଃ କେମିତି ହେଲେ? ଅସଂଖ୍ୟ କିମ୍ବଦନ୍ତୀ, ଅସଂଖ୍ୟ ଜାତୀୟ ସ୍ମୃତି ପୁଣି ଚର୍ଚ୍ଚାକୁ ଆସିଯିବେ, ଧର୍ମ ସହିତ ମଣିଷର ରୋମାନ୍ସ ଯୋଉଟା ଉପଚାରରେ ପୋତି ହୋଇ ପଡ଼ିଚି, ସିଏ ଫିଟିଯିବ ।

ସଂସ୍କୃତିପାଠ ସ୍ୱାଭାବିକ ଭାବରେ ମଧ୍ୟବର୍ଗର ଜୀବନକୁ ଫେରିବ । ଏଥିସହିତ ସଂସ୍କୃତି ସମ୍ପର୍କିତ ଗୋଟେ ବିଶାଳ ସାହିତ୍ୟିକ ପରମ୍ପରା ବି ଚିନ୍ତା ଓ ଚେତନାକୁ ଆକୃଷ୍ଟ କରିବ । ଯା' ଫଳରେ ବହିପଢ଼ା ବଢ଼ି ନ ପାରେ; କିନ୍ତୁ ସାଂସ୍କୃତିକ ସମ୍ପୃକ୍ତି ବଢ଼ିବ । ସଂସ୍କୃତି ସଚେତନ ସ୍ଥାନୀୟତା ଓଡ଼ିଆଙ୍କର ସାଂସ୍କୃତିକ ସ୍ୱଜ୍ଞାନ, ପରମ୍ପରାବୋଧ ଓ ଆତ୍ମପ୍ରତ୍ୟୟ ବଢ଼ାଇବ । ଲେଖିବାରେ ଆଗ୍ରହୀ ଲୋକେ ପ୍ରତି ପ୍ରାଚୀନ ଜନପଦ, ନଦୀ, ପର୍ବତ, ହ୍ରଦ, ଜଳାଶୟ, ମନ୍ଦିର, ମହାବୃକ୍ଷ, ଘାଟ, ତୁଠ, ରାସ୍ତା ଓ ଅପନ୍ତରାର ବିଚିତ୍ରକର୍ମା ଓ ଅସମ୍ଭବ ନାମଧାରୀ ଲୋକକଳ୍ପନାର ଦେବୀ ପ୍ରତିମାର କାହାଣୀ ଲେଖିବେ । ଓଡ଼ିଶା ତା'ର ସାଂସ୍କୃତିକ ଐତିହ୍ୟର ଲିଭିଆସୁଥିବା ସ୍ମୃତିପଟକୁ ଗୋଟିଏ କଥାକୁହା ଓ କଥାପ୍ରିୟ ମଧ୍ୟବର୍ଗର ଜୀବନ୍ତ ସ୍ମୃତିପାଠରେ ପାଇଯିବ ।

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

# ହଜିଯାଉଛି ନିଦ ଆଉ ହସ

ମାନସ କୁମାର କର

ଭଲ ହସ ଏବଂ ଦୀର୍ଘ ନିଦ୍ରା ଅଧିକାଂଶ ରୋଗର ସର୍ବୋତ୍ତମ ଉପଚାର । କିନ୍ତୁ ଗତ କିଛିଦଶନ୍ଧି ମଧ୍ୟରେ ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ନିଦ୍ରା ସମସ୍ୟା ବୃଦ୍ଧି ପାଇଛି । ଡିଜିଟାଲ ଯୁଗର ଆଗମନ ପରେ ଇଣ୍ଟରନେଟ୍ ସାମାଜିକ ଗଣମାଧ୍ୟମକୁ ସମସ୍ତଙ୍କ ପାଇଁ ସହଜ କରିଦେଇଛି । ଅପରପକ୍ଷରେ ଲୋକଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ରୋଗାକ୍ରାନ୍ତ କରିଚାଲିଛି । ଏହା ଏକପ୍ରକାର ଡିଜିଟାଲ ନିଶା, ଯାହା ଶିଶୁ ଓ କିଶୋରମାନଙ୍କୁ ଗ୍ରାସ କରିଚାଲିଛି ।

ଶୈଶବ ହେଉଛି ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ, ଯେଉଁଠାରେ ଦୁନିଆର ଦୁଃଖ, କଷ୍ଟ, ଚାପ ଓ ସଂଘର୍ଷ ବିଷୟରେ ସେ ଅଜ୍ଞ । ସେହି ଅବସ୍ଥାରେ ସେ ପ୍ରତ୍ୟେକ ଦିନ କେବଳ ଉପଭୋଗ କରେ । କିନ୍ତୁ ଏହା କ'ଣ ଆଜିର ଯୁଗର ପିଲାମାନଙ୍କ ପାଇଁ ପ୍ରଯୁଜ୍ୟ? ହୁଏତ ନୁହେଁ । ଶୈଶବ ଦୁଷ୍ଟାମି, ଖେଳ, ମଜା, ଜିଦ୍ ଓ ରାଗିବା ଏବଂ ଭାଇଭଉଣୀ ଓ ବନ୍ଧୁମାନଙ୍କ ସହିତ ପ୍ରଲୋଭନ ଓ ଝଗଡ଼ାରେ ପରିପୂର୍ଣ୍ଣ । ଏହା ମାନବ ଜୀବନର ସବୁଠାରୁ ସୁନ୍ଦର ପର୍ଯ୍ୟାୟ, ଯେଉଁଥିରେ ନା କୌଣସି ଦାୟିତ୍ୱର ଭାବନା ଅଛି, ନା କୌଣସି ଚିନ୍ତା, ଜୀବନଶୈଳୀ । କେବଳ 'ଖାଅ, ପିଅ ଓ ଉପଭୋଗ କର ।' କିନ୍ତୁ ଆଜିର ପିଢ଼ିର ପିଲାମାନେ ସେମାନଙ୍କର ଶୈଶବରେ ବଞ୍ଚିଲେ ନାହିଁ । ସେମାନଙ୍କର ନିର୍ଦ୍ଦୋଷ ବହୁତ ଶୀଘ୍ର ପରିପକ୍ୱତାରେ ପରିଣତ ହୋଇଗଲା । ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଗଣମାଧ୍ୟମ ବୟସ ଓ ସମୟ ପୂର୍ବରୁ ସେମାନଙ୍କ ଶୈଶବକୁ ଛଡ଼ାଇ ନେଇଗଲା ।

ନିକଟରେ ନିତି ଆୟୋଗ ୧୨ ରୁ ୧୮ ବର୍ଷ ବୟସର କିଶୋରମାନଙ୍କ ଶୋଇବା ଅଭ୍ୟାସ ଏବଂ ଏହାର ପ୍ରଭାବ ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ସେଥିରେ ଦର୍ଶାଯାଇଛି ଯେ ଆମ ଦେଶର ଏକ-ଚତୁର୍ଥାଂଶ ସ୍କୁଲ ପିଲା ପର୍ଯ୍ୟାପ୍ତ ନିଦ୍ରା ପାଇପାରୁ ନାହାନ୍ତି । ଏହା କେବଳ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉନାହିଁ, ସେମାନଙ୍କ ଚିନ୍ତାଧାରା ଏବଂ ବୁଝିବା କ୍ଷମତାକୁ ମଧ୍ୟ ପ୍ରଭାବିତ କରୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସୂଚନା ବିପ୍ଳବ ଏବଂ ଗ୍ରାହକ ବଜାର ପିଲାମାନଙ୍କ ଅପରିପକ୍ୱ ମସ୍ତିଷ୍କ ଉପରେ ସୂଚନାର ଆକ୍ରମଣ ଆରମ୍ଭ କରିଛି । ସଫଳତାର ସମ୍ଭାବନା ପିଲାମାନଙ୍କୁ ଗ୍ରାହକରେ ପରିଣତ କରିଛି ଏବଂ ସେମାନଙ୍କର ସ୍ୱାଭାବିକତାକୁ ମଧ୍ୟ ଶେଷ କରିଦେଇଛି ।

ପୂର୍ବରୁ ବୃଦ୍ଧାବସ୍ଥାରେ ଦେଖାଯାଉଥିବା ରକ୍ତଚାପ, ମଧୁମେହ, ଶ୍ୱାସରୋଗ, ହୃଦଘାତ ଇତ୍ୟାଦି ରୋଗଗୁଡ଼ିକ ଏବେ କିଶୋର ଓ ଯୁବାବସ୍ଥାରେ କିମ୍ବା ତା'ପୂର୍ବରୁ ମଧ୍ୟ ଦେଖାଯାଉଛି । ଡାକ୍ତରୀ ଗବେଷଣା ଅନୁଯାୟୀ, ୮୦ ରୁ ୯୦ ପ୍ରତିଶତ ରୋଗ ଅନିଦ୍ରା, ଚାପ, ଅସନ୍ତୁଳିତ ଖାଦ୍ୟ ହେତୁ ହୋଇଥାଏ । ତେଣୁ ପ୍ରତ୍ୟେକ ପିଲା ପ୍ରତିଦିନ ଅତିକମ୍‌ରେ ୭ ରୁ ୮ ଘଣ୍ଟା ଶୋଇବା ଉଚିତ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମାନସିକ ଓ ଶାରୀରିକ ସନ୍ତୁଳନ ବଜାୟ ରହିବ । ପର୍ଯ୍ୟାପ୍ତ ନିଦ୍ରା ଓ ସନ୍ତୁଳିତ ଖାଦ୍ୟ ଦ୍ୱାରା ଅନେକ ରୋଗରୁ ଉପଶମ ମିଳିପାରିବ ।

ନ୍ୟୁରୋସାଇଣ୍ଟିଷ୍ଟ ବି.ଏସ୍. ଗ୍ରୀନଫିଲ୍ଡଙ୍କ ମତରେ, ପ୍ରତ୍ୟକ୍ଷ ଅଭିଜ୍ଞତା, ପର୍ଯ୍ୟାପ୍ତ ନିଦ୍ରା, ବୟସ୍କ ପିଢ଼ି ସହିତ ପାରସ୍ପରିକ କ୍ରିୟା, ଖେଳିବାର ସୁଯୋଗ ଓ ସୃଜନଶୀଳତା ହେଉଛି ମସ୍ତିଷ୍କ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାର କାରଣ, ଯାହାକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ନଷ୍ଟ କରିଚାଲିଛି । ଆଜିକାଲି ପ୍ରଯୁକ୍ତିବିଦ୍ୟା ଯୋଗୁଁ ବାହ୍ୟ କାର୍ଯ୍ୟକଳାପ ଘର ଭିତରେ କାର୍ଯ୍ୟକଳାପରେ ପରିବର୍ତ୍ତନ ହୋଇଛି, ଯାହା ପିଲାମାନଙ୍କର ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ସହିତ ସେମାନଙ୍କ ମଧ୍ୟରେ ଆକ୍ରମଣାତ୍ମକ, ନିରାଶା ଓ ହତାଶାର ଭାବନା ମଧ୍ୟ ବୃଦ୍ଧି କରୁଛି । ସେମାନଙ୍କ ମଧ୍ୟରେ ସାମାଜିକତା ଗୁଣ ହ୍ରାସ ପାଇ ବ୍ୟକ୍ତିବାଦର ପ୍ରବୃତ୍ତି ବୃଦ୍ଧି ପାଉଛି । ସେମାନେ ଆହ୍ୱାନର ସମ୍ମୁଖୀନ ହେବା ପରିବର୍ତ୍ତେ ପଳାତକ ହୋଇଯାଉଛନ୍ତି । ଜୀବନ ବଞ୍ଚିବା ପରିବର୍ତ୍ତେ ଏହାକୁ ସମାପ୍ତ କରିବା ସହଜ ମନେ କରୁଛନ୍ତି ।

ଆବଶ୍ୟକ ପରିମାଣରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇପାରେ, କିନ୍ତୁ ତା' ଉପରେ ଯଦି ନିର୍ଭରଶୀଳତା ବୃଦ୍ଧି ପାଏ ତେବେ ମଣିଷକୁ ଯନ୍ତ୍ର ହେବାରୁ ରୋକିବା ସମ୍ଭବ ହେବ ନାହିଁ । ଦେଖାଯାଇଛି ଯେ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳ ହେବା ପରେ ପିଲାମାନେ ସେମାନଙ୍କର ବୁଦ୍ଧିମତ୍ତା ଉପରେ ସନ୍ଦେହ କରିବା ଆରମ୍ଭ କରିଛନ୍ତି । ସେମାନଙ୍କର ଆତ୍ମବିଶ୍ୱାସ ହ୍ରାସ ପାଉଛି । ଭର୍ଚୁଆଲ୍ ଦୁନିଆକୁ ବାସ୍ତବ ବୋଲି ଭାବିବା ଆରମ୍ଭ କରିଥିବାରୁ ସେମାନେ ଗୁଗୁଲରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି । ମନୋରଞ୍ଜନ, ସମୟ ବିତାଇବା, ଆରାମ କରିବା ପାଇଁ ସାମାଜିକ ଗଣମାଧ୍ୟମ କିମ୍ବା ନେଟୱାର୍କର ସାହାଯ୍ୟ ନେଉଛନ୍ତି । ଥରେ ଲଗ୍‌ଇନ୍ କରିବା ପରେ ଦିନ ଓ ରାତି କେତେବେଳେ ବିତିଗଲା ତାହା ଜଣାପଡ଼େ ନାହିଁ । ଗୋଷ୍ଠୀ କିମ୍ବା ବନ୍ଧୁମାନଙ୍କ ସହିତ ବୁଲିବା, ପରିବାର ସହିତ ସମୟ ବିତାଇବା, କମିକ୍ସ ପଢ଼ିବା, ଖୋଲା ପଡ଼ିଆରେ ଖେଳିବା ଏବେ ଅତୀତର କଥା ହୋଇଗଲାଣି । ହ୍ୱାଟ୍‌ସଆପ୍ ଏବେ ସ୍କୁଲ ଡାଏରୀକୁ ବଦଳାଇ ଦେଇଛି । ଏପରି ପରିସ୍ଥିତିରେ ପିଲାମାନେ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଆହ୍ୱାନର ସମ୍ମୁଖୀନ ହେବା ସ୍ୱାଭାବିକ ।

କୋଟାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଅନବସର ଜ୍ୱର -ଏକ ଅଭିଶାପ

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ଲକ୍ଷ୍ମୀ ଓ ଅଲକ୍ଷ୍ମୀ ଦୁଇ ଭଉଣୀ । ଲକ୍ଷ୍ମୀ ସାନ, ଅଲକ୍ଷ୍ମୀ ବଡ଼ । ଦୈହିକ ଓ ମାନସିକ ସ୍ତରରେ ଦୁହେଁ ଦୁହିଁଙ୍କର ବିପରୀତ । ଲକ୍ଷ୍ମୀ ପରମା ସୁନ୍ଦରୀ । ଅଲକ୍ଷ୍ମୀ ଅତ୍ୟନ୍ତ ଅସୁନ୍ଦରୀ, ଶୀରାଳ ମୁଖମଣ୍ଡଳ, ବଡ଼ ବଡ଼ ଦାନ୍ତ, ଡିମା ଡିମା ଆଖି, ଅସ୍ତ ବ୍ୟସ୍ତ ବାଳ । କାନ ଦୁଇଟା ଅନୁପାତରେ କାହିଁ କେତେ ଗୁଣ ବଡ଼ । ଯେ କେହି ଦେଖିଲେ ଭୟଭୀତ ହେବାଟା ଥୟ । ଲକ୍ଷ୍ମୀ ଥିଲେ ସଂସାରର ସକଳ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଅଧିକାରିଣୀ ଦେବୀ । କିନ୍ତୁ ଅଲକ୍ଷ୍ମୀ ଥିଲେ କଳିହୁଡ଼ି । ମାତା ଲକ୍ଷ୍ମୀଙ୍କର ରୂପ ମାଧୁର୍ଯ୍ୟ ଓ ଗୁଣ ମାଧୁର୍ଯ୍ୟରେ ମୁଗ୍ଧ ହୋଇ ଦେବତାମାନଙ୍କ ଭିତରେ ସାର୍ବଭୌମ ବିଷ୍ଣୁ ତାଙ୍କୁ ଆନନ୍ଦରେ ପତ୍ନୀ ରୂପେ ଗ୍ରହଣ କଲେ । କିନ୍ତୁ ଅଲକ୍ଷ୍ମୀଙ୍କର ଉପରୋକ୍ତ ଅବିଗୁଣ ଯୋଗୁଁ ତାଙ୍କୁ କେହି ବାହା ହେବାକୁ ରାଜି ହେଉ ନ ଥିଲେ । ସେ ମଧ୍ୟ ଜଣେ ଦେବତାଙ୍କୁ ବିବାହ କରି ସ୍ୱର୍ଗର କଠୋର ସାମାଜିକ ନୀତିନିୟମରେ ଛନ୍ଦି ହେବାକୁ ଚାହୁଁ ନ ଥିଲେ । ମର୍ତ୍ତ୍ୟମଣ୍ଡଳର ଜଣେ ରାଜାଙ୍କୁ ବିବାହ କରି ବିଳାସବ୍ୟସନରେ ଜୀବନକୁ ଉପଭୋଗ କରିବାକୁ ସେ ଚାହୁଁଥିଲେ ।

ଘରେ ବଡ଼ଭଉଣୀ ଅଭିଆଡ଼ି ହୋଇ ବସି ଥିବା ବେଳେ ସାନ ଭଉଣୀର ବାହା ହେବା କଥାଟା ଲକ୍ଷ୍ମୀଙ୍କୁ ଭଲ ଲାଗୁ ନ ଥିଲା । ସେ ଚିନ୍ତିତା ଥିଲେ ଯେ ଲୋକେ ପଛରେ କୁହା କୁହି ହେବେ-ସୁନ୍ଦର ବରଟେ ପାଇଲା ବୋଲି ସ୍ୱାର୍ଥପର ଲକ୍ଷ୍ମୀ ବଡ଼ ଭଉଣୀକୁ ଛାଡ଼ି ବାହା ହୋଇଗଲା । ତେଣୁ ଅଲକ୍ଷ୍ମୀଙ୍କ ପାଇଁ ଗୋଟେ ବିବାହ ପ୍ରସ୍ତାବ ଖୋଜିବାକୁଁ ସେ ବିଷ୍ଣୁଙ୍କୁ ଅନୁରୋଧ କରୁଥିଲେ । ମହାବିଷ୍ଣୁ ଯେ ସେ ବିଷୟରେ ଚିନ୍ତା କରୁ ନ ଥିଲେ, ସେ କଥା ନୁହେଁ । ଭଉଣୀ ଜୋଇଁ ଦେଢ଼ଶାଶୂଙ୍କପାଇଁ ବର ଖୋଜିବା କଥାଟା ତାଙ୍କୁ ଅସଙ୍ଗତ ଲାଗୁ ଥିଲେ ବି ସେ ମନେ ମନେ ଜଣେ ପାତ୍ରର ସନ୍ଧାନରେ ଥିଲେ । ଏତିକିବେଳେ ଅତୀତର ଏକ କଥା ତାଙ୍କର ମନେ ପଡ଼ିଗଲା । ଥରେ ସେ ଅଲକ୍ଷ୍ମୀଙ୍କୁ ଆଣିବାକୁ ଯାଇଥିଲେ । ଫେରିବାବେଳେ ଅଲକ୍ଷ୍ମୀ ବାଟରେ ଏକ ଅଶ୍ୱତ୍ଥ ଗଛ ମୂଳରେ ବିଶ୍ରାମ ନେଇଥିଲେ । ଅଶ୍ୱତ୍ଥ ଏକ ପବିତ୍ର ଗଛ । ତେଣୁ ଅଶ୍ୱତ୍ଥ ବୃକ୍ଷସମାଜ ଚିନ୍ତା କଲେ ଯେ ଅଲକ୍ଷ୍ମୀ ଯେଉଁ ଗଛ ତଳେ ବସିଥିଲେ ସେ ଗଛ ଅପବିତ୍ର ହୋଇଗଲା । ବୃକ୍ଷସମାଜ ସେ ଗଛକୁ ବାସନ୍ଦ କରି ଜଙ୍ଗଲକୁ ତଡ଼ି ଦେଲେ । ସେ ଗଛ ଜଙ୍ଗଲରେ ଜରି ଗଛ ନାମ ଧରି ରହିଲା । କଳିହୁଡ଼ି ଅଲକ୍ଷ୍ମୀଙ୍କ ପ୍ରଭାବରେ ସେ ଗଛର ପତ୍ରମାନେ ସବୁବେଳେ ଫଡ୍ ଫଡ୍ ଶବ୍ଦ କରିବାକୁ ଲାଗିଲେ । ଲୋକମାନେ ସେ ଗଛକୁ ଲକ୍ଷ୍ମୀଛଡ଼ା ବୋଲି କହନ୍ତି ଏବଂ କୌଣସି କାର୍ଯ୍ୟରେ ଲଗାନ୍ତି ନାହିଁ । ଏପରି ଜଣେ କନ୍ୟା ପାଇଁ ବର ଖୋଜିବା କିଛି ସହଜ କଥା ନ ଥିଲା । ତେଣୁ ମହାବିଷ୍ଣୁ ଭାବିଲେ ଯେ ଅଲକ୍ଷ୍ମୀଙ୍କୁ ଜଣେ ଋଷିଙ୍କ ସହ ବିବାହ କରିଦେଲେ ଠିକ ହେବ । ସେ ଋଷି ଉଦ୍ଦାଳକଙ୍କ ଆଶ୍ରମକୁ ଯାଇ ଅଲକ୍ଷ୍ମୀଙ୍କୁ ବିବାହ କରିବାକୁ ଅନୁରୋଧ କଲେ । ମହାବିଷ୍ଣୁଙ୍କୁ ସତ୍ତ୍ୱରୂପେ ପା ଥିବାରୁ ଋଷିଙ୍କ ମନ ଆନନ୍ଦ ହୋଇ ଗଲା । ତେଣୁ ସେ ପ୍ରସ୍ତାବରେ ରାଜି ହୋଇ ଗଲେ ଏବଂ ଅଲକ୍ଷ୍ମୀଙ୍କର ବାହାଘର ଋଷିଙ୍କ ସାଙ୍ଗରେ ହୋଇଗଲା ।

ବିବାହ ପରେ ପରେ ଅଲକ୍ଷ୍ମୀ କିନ୍ତୁ ଭାବିବାକୁ ଲାଗିଲେ ଯେ ମାୟାଧର ବିଷ୍ଣୁ ମାୟା କରି ଜଣେ ଋଷି ସହ ତାଙ୍କର ବିବାହ କରି ତାଙ୍କ ପ୍ରତି ବିଶ୍ୱାସଘାତକତା କଲେ । ଭିକ୍ଷାଥାଳ ଧରିଥିବା ଜଣେ ଋଷି ସହ ତାଙ୍କର ବିବାହ କରେଇ ତାଙ୍କୁ ଭିକାରୁଣୀ କରିଦେଲେ । ତାଙ୍କର କ୍ରୋଧ ଦିନୁଦିନ ବଢ଼ିବାକୁ ଲାଗିଲା । ଦିନେ ସେ କ୍ରୋଧରେ ବିଷ୍ଣୁଙ୍କୁ ଅଭିଶାପ ଦେଲେ, 'ହେ ସ୍ୱାର୍ଥପର ମାୟାଧର, ନିଜ ଲୋକମାନଙ୍କର ଭଲମନ୍ଦ ବୁଝିବାରେ ମଧ୍ୟ ତୁମେ ମାୟାର ସାହାରା ନେଲ । ତେଣୁ ତୁମକୁ ଅଭିଶାପ ଦେଉଛି ଯେ ତୁମେ ମହାଜ୍ୱରରେ ପୀଡ଼ିତ ହୁଅ ।' ବିଷ୍ଣୁ ଏ କଥା ଶୁଣି ମନ୍ଦମନ୍ଦ ହସିଲେ ଓ କହିଲେ, 'ଦେବୀ! ଆପଣ ମୋର ଦେଢ଼ଶାଶୂ । ଆପଣଙ୍କ ଅଭିଶାପ ବୃଥା ଯିବ ନାହିଁ । କିନ୍ତୁ ମୋର ଏ ଶରୀର ଅଜର ହୋଇ ଥିବାରୁ ଜ୍ୱର କୌଣସି ପ୍ରଭାବ ପକାଇ ପାରିବ ନାହିଁ । କଳିଯୁଗରେ ମୁଁ ନିତ୍ୟ ନୀଳାଚଳରେ ଦାରୁବ୍ରହ୍ମ ଜଗନ୍ନାଥ ରୂପେ ଆରାଧିତ ହୋଇ ମାନବୀୟ ଲୀଳା ରଚନା କରିବି । ଜ୍ୟେଷ୍ଠ ମାସ ପୂର୍ଣ୍ଣିମାରେ ମୋର ପ୍ରତ୍ୟକ୍ଷ ସ୍ନାନନୀତି ଅନୁଷ୍ଠିତ ହେବ । ସେ ଦିନ ଅବେଳରେ ଅତ୍ୟଧିକ ପ୍ରତ୍ୟକ୍ଷ ସ୍ନାନ କରି ପନ୍ଦର ଦିନ ପର୍ଯ୍ୟନ୍ତ ଜ୍ୱରରେ ପୀଡ଼ିତ ହେବି । ସେତେବେଳେ ମୁଁ ଅନବସର ଗୃହରେ ପଥିପାଚନ ଭୋଜନ କରି ବିଶ୍ରାମ ନେବି । ସଙ୍ଗରୋଧରେ ରହୁଥିବାରୁ ସାଧାରଣ ଭକ୍ତ ମୋର ଦର୍ଶନର ସୁଯୋଗ ପାଇବେ ନାହିଁ ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧକୁ ଡେଇଁବ...

ଦେଇ କହିଛନ୍ତି, ଇରାନ ସହ କଥାବାର୍ତ୍ତା କରିବା ମୁଡ୍‌ରେ ସେ ନାହାନ୍ତି । ପରମାଣୁ ଅସ୍ତ୍ର ଉପରେ ଚୁକ୍ତି ପାଇଁ ମିଳିଥିବା ସୁଯୋଗକୁ ଇରାନ୍ ହରାଇଛି । ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଲାଗି ଆମେରିକା ଉଦ୍ୟମ କରୁଥିବା ଖବରକୁ ଖଣ୍ଡନ କରି ଟ୍ରମ୍ପ କହିଛନ୍ତି, ଯୁଦ୍ଧବିରତି ନୁହେଁ; ଶତ୍ରୁତାର ଅନ୍ତ କରିବାକୁ ସେ ଉଦ୍ୟମ କରୁଛନ୍ତି । ତେବେ ଶତ୍ରୁତାର କିପରି ଅନ୍ତ ଘଟିବ ସେ ସଂପର୍କରେ ସେ କିଛି କହି ନାହାନ୍ତି । 'ଏକ୍ସ' ମାଧ୍ୟମରେ ସେ କହିଛନ୍ତି ଯେ ଖାମନେଇ କେଉଁଠି ଲୁଚିଛନ୍ତି, ତାହା ଆମକୁ ଜଣା । ତେବେ ଆମେ ତାଙ୍କୁ ଏବେ ହତ୍ୟା କରିବୁ ନାହିଁ । ବିନାସର୍ତ୍ତରେ ଇରାନ ତୁରନ୍ତ ଆତ୍ମସମର୍ପଣ କରୁ ବୋଲି ଚେତାବନୀ ଦେଇଛନ୍ତି । କାନାଡାରେ ଚାଲିଥିବା ଜି-୭ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ଟ୍ରମ୍ପ ତାଙ୍କର କାର୍ଯ୍ୟକ୍ରମକୁ ଅଧାରୁ ଛାଡ଼ି ୱାସିଂଟନ ଫେରିଆସିଛନ୍ତି । ଖାମନେଇ ପ୍ରଶାସନକୁ ହଟାଇ ଆମେରିକାକୁ ସୁହାଇଲା ଭଳି ପ୍ରଶାସକଙ୍କୁ କ୍ଷମତାରେ ବସାଇବାକୁ ଟ୍ରମ୍ପ ଭିତିରି ଯୋଜନା କରୁଥିବା ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ ଟ୍ରମ୍ପଙ୍କ ଭାଷା ଏବଂ କଥାବାର୍ତ୍ତା ଶୈଳୀରୁ ଇରାନ ଉପରେ ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣ କରିବା ନେଇ ସ୍ପଷ୍ଟ ଇଙ୍ଗିତ ମିଳିଛି ।

ନାତାଞ୍ଜ୍ ଓ ଫର୍ଡୋଠାରେ ଇରାନ୍ ଚଳାଇଥିବା ଭୂତଳ ପରମାଣୁ କାର୍ଯ୍ୟକ୍ରମ ଜି-୭ ରାଷ୍ଟ୍ରଗୋଷ୍ଠୀ ପାଇଁ ଚିନ୍ତାର ବିଷୟ ହୋଇଛି । ତେଣୁ କାନାଡ଼ାରେ ଚାଲିଥିବା ଜି-୭ ବୈଠକରେ ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି । ଅନ୍ୟପକ୍ଷରେ ଇରାନ୍‌ର ଭୂତଳ ପରମାଣୁ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ପାଇଁ ଆମେରିକା ଇସ୍ରାଏଲ୍‌କୁ 'ବଙ୍କର୍ ବଷ୍ଟର୍' ଯୋଗାଇ ଦେବାକୁ ଯୋଜନା କରୁଛି ।

ଯୁଦ୍ଧକ୍ଷେତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ ଉପରେ ପୁଣି ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ । ଆଜି ସନ୍ଧ୍ୟାରେ ଇସ୍ରାଏଲ ରାଜଧାନୀ ତେଲ୍‌ଆଭିଭ୍ ସମେତ ଅନ୍ୟ କେତେକ ସହର ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି । ଇସ୍ରାଏଲର ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଇରାନ ବାଲିଷ୍ଟିକ ମିଜାଇଲ୍ ମାଡ଼ କରିଛି । ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଛି । ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଇସ୍ରାଏଲରେ ୨୪ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ଇରାନରେ ମଧ୍ୟ ୨୨୪ ଜଣ ପ୍ରାଣ ହରାଇଥିବା କୁହାଯାଉଛି ।

ଅନ୍ୟପକ୍ଷରେ ଇରାନ ଉପରେ ଇସ୍ରାଏଲ ମଧ୍ୟ କ୍ଷେପଣାସ୍ତ୍ର ଓ ବୋମାମାଡ଼ ଜାରି ରଖିଛି । ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଆଜିର ଆକ୍ରମଣରେ ଇରାନର ଯୁଦ୍ଧକାଳୀନ ସେନା ମୁଖ୍ୟ ଜେନେରାଲ ଅଲ୍ଲୀ ସଦ୍‌ମାନୀ ନିହତ ହୋଇଛନ୍ତି । ସେ ଇରାନର ସର୍ବୋଚ୍ଚ ନେତା ଖାମନେଇଙ୍କ ଘନିଷ୍ଠ ବୋଲି କୁହାଯାଉଛି । ଏହାସହିତ ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ଅନେକ ବରିଷ୍ଠ କମାଣ୍ଡର ଏବଂ ଚିଫ୍ ଅଫ୍ ଷ୍ଟାଫ ପ୍ରାଣ ହରାଇଲେଣି । ଜୀବନ ବଞ୍ଚାଇବା ଲାଗି ଖାମନେଇ ବଙ୍କରରେ ଲୁଚିଥିବା କୁହାଯାଉଛି । ଇସାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କହିଛନ୍ତି, ଖାମନେଇ ବଞ୍ଚିଥିବା ପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରିବା ଅସମ୍ଭବ । ତେଣୁ ଖାମନେଇ ସଦ୍ଦାମ ହୁସେନଙ୍କ ଭଳି ଦଶା ଭୋଗିବେ ବୋଲି ସେ ଧମକ ଦେଇଛନ୍ତି ।

### ପାଣି ଦୂଷିତ...

ଚିନ୍ତାଜନକସ୍ଥିତି ଉପୁଜିଛି । ଗତକାଲି ୧୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏବେ ଏହି ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ ପାର୍ କରିଥିବା ଜଣାପଡ଼ିଛି । ଏବେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଅନେକ ଆକ୍ରାନ୍ତ ଚିକିତ୍ସିତ ହେଉଥିବାବେଳେ ବିଭିନ୍ନ ଘରୋଇ ହସ୍ପିଟାଲ୍‌ରେ କିଛି ବ୍ୟକ୍ତି ଚିକିତ୍ସାଧୀନ ଅଛନ୍ତି । ଏ ସମ୍ପର୍କରେ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଡାକ୍ତର ରୂପଭାନୁ ମିଶ୍ର କହିଛନ୍ତି, ରାଜ୍ୟରେ ହଇଜା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଏହାକୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ହସ୍ପିଟାଲ୍‌ରେ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରରୁ କିଛି ଡାଇରିଆ ରୋଗୀ ଚିକିତ୍ସିତ ହେଉଛନ୍ତି । କିନ୍ତୁ ବାହାରୁ ରୋଗୀ କେହି ଆସି ଚିକିତ୍ସିତ ହେଉନାହାନ୍ତି । ଡାଇରିଆ ୱାର୍ଡକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରି ରଖାଯାଇଛି । ସମସ୍ତ ବ୍ୟବସ୍ଥା କରାଯାଇଛି । ବାହାରୁ ଯଦି ରୋଗୀ ଆସନ୍ତି ତେବେ ଚିକିତ୍ସା କରିହେବ । ଏବେ ଭୁବନେଶ୍ୱରରେ ସେଭଳି ଅଣାୟତ୍ତ ପରିସ୍ଥିତି ହୋଇନାହିଁ । ତଥାପି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଡାଇରିଆ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ୍ ରହିଛି ବୋଲି ସେ କହିଛନ୍ତି ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗତକାଲି ଢେଙ୍କାନାଳରେ 'ଷ୍ଟପ୍ ଡାଇରିଆ' ଅଭିଯାନ ଆରମ୍ଭ କଲେ । ଏହା ୪୫ ଦିନ ଧରି ଚାଲିବ ବୋଲି କୁହାଯାଉଛି । ମାତ୍ର ବର୍ତ୍ତମାନର ଭୟଙ୍କରସ୍ଥିତିରୁ ଲୋକମାନଙ୍କୁ କେମିତି ଉଦ୍ଧାର କରାଯିବ, ଅର୍ଥାତ୍ ସଂକ୍ରମଣ କେମିତି ରୋକାଯିବ, ତା' ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଷ୍ଟପ୍ ଡାଇରିଆ ଅଭିଯାନରେ ଜନସଚେତନତା ଏକ ନିୟମିତ ପ୍ରକ୍ରିୟା । ପୂର୍ବରୁ ବି ଏହା କରାଯାଉଥିଲା । ହେଲେ ତୃଣମୂଳସ୍ତରରେ ଲୋକଙ୍କ ପାଖରେ ଏହା ପହଞ୍ଚି ପାରୁନଥିବାରୁ ଆଜି ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବେସରକାରୀ ଭାବେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଏଥିରେ ପ୍ରାଣହାନୀ ଘଟିଲାଣି । ଆଉ କେତେ ମୁଣ୍ଡ ଗଡ଼ିବା ପରେ ରାଜ୍ୟ ସରକାର ଚେତିବେ ବୋଲି ସଚେତନ ନାଗରିକ ପ୍ରଶ୍ନ କରିଛନ୍ତି ।

ଅନ୍ୟପକ୍ଷରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏହି ଘଟଣା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ତି ୩୦ଜିଲ୍ଲାକୁ ସତର୍କ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆଜି ଦିନ ୧୦ଟା ସୁଦ୍ଧା ୫ ଜିଲ୍ଲାରୁ ୩ ଶହ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ଯେଉଁ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି, ତାଙ୍କୁ ୨୪ ଘଣ୍ଟିଆ ନୀରିକ୍ଷଣରେ ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଡାଇରିଆ ନେଇ ଆଶା, ଅଙ୍ଗନବାଡି ସଚେତନ କରିବା ସହିତ ଗାଁ ଗାଁରେ ମାଇକରେ ପ୍ରଚାର ଚାଲିଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ପଦକ୍ଷେପ ଜାରି ରହିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ପ୍ରତିଦିନ ରାଜ୍ୟସ୍ତରୀୟ ସମୀକ୍ଷା ହେବ । ଆ । ।ସନ୍ତାକାଲି କେନ୍ଦ୍ରୀୟ ଟିମ୍ ସହିତ ରାଜ୍ୟ ସରକାର ଆଲୋଚନା କରିବେ । ଏହାସହ ମୌସୁମୀ ବର୍ଷା ହେଉଛି, ତେଣୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

### ରାଜଧାନୀରେ ମଦମୃତ୍ୟୁ...

୩ଦିନ ମଧ୍ୟରେ ମଦର ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

ସୂଚନା ଅନୁସାରେ ସନ୍ତୋଷ କୁମାର,ବିଶ୍ୱଜିତ, ଅନ୍ୟ ୩ଜଣ ଷ୍ଟେସନ ବଜାର ନିକଟରେ ଥିବା ମଦ ଦୋକାନରୁ ବିୟର ପେଟି ନେଇଥିଲେ । ପରେ ସେମାନେ ବାଙ୍କୁଆଳ ନଦୀ ପଠାରେ ଭୋଜି କରି ଖାଇବା ସହ ବିୟର ପିଇଥିଲେ । ଭୋଜି ଖାଇ ଘରକୁ ଫେରିବା ପରେ ରାତିରେ ସମସ୍ତେ ଯନ୍ତ୍ରଣା ଅନୁଭବ କରିଥିଲେ । ସନ୍ତୋଷ ଗୁରୁତର ହେବାରୁ ତାଙ୍କୁ ଆଗେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଗଲା । ହେଲେ ୪ଦିନ ତଳେ ସନ୍ତୋଷର ମୃତ୍ୟୁ ଘଟିଥିବା ବେଳେ ଆଜି ଆଇସିୟୁରେ ଥିବା ବିଶ୍ୱଜିତଙ୍କ ମୃତ୍ୟୁ ଘଟିଛି । ମୃତ ଦୁଇ ଜଣଙ୍କ ସହ ଭୋଜି କରିଥିବା ଅନ୍ୟ ୩ଜଣ ଏବେବି ଆଇସିୟୁରେ ମରଣ ସହ ସଂଘର୍ଷ କରୁଛନ୍ତି । ପରିବାର ଲୋକ ଡାକ୍ତରଙ୍କୁ ଏହି ଦୁଇ ଯୁବକଙ୍କ ମୃତ୍ୟୁର କାରଣ ପଚାରିବାରୁ ବିଷାକ୍ତ ଖାଦ୍ୟ ନୁହେଁ ବିଷାକ୍ତ ବିୟର ପିଇଥିବାରୁ ମୃତ୍ୟୁ ଘଟିଥିବା କହିଥିଲେ । ଡାକ୍ତରଙ୍କ ଠାରୁ ଏକଥା ଶୁଣିବା ପରେ ପରିବାର ଲୋକ ଏବଂ ଗ୍ରାମବାସୀ ତାତିଥିଲେ । ସେମାନେ ମଦ ଦୋକାନ ଆଗରେ ଆସି ହୋ ହାଲ୍ଲା କରିଥିଲେ । ରାଜ୍ୟରେ ବିଷାକ୍ତ ମଦ ପିଇ ମୃତ୍ୟୁ ସଂଖ୍ୟ ବଢୁଥିବା ବେଳେ ଚୋରାମଦ ଏବଂ ବିଷାକ୍ତ ମଦ ଉପରେ ଚଢଉ ଜୋରଦାର କରାଯାଉ ନାହିଁ । ପୁଲିସ ଏବଂ ଅବକାରୀ ବିଭାଗ ସବୁ ଜାଣିଥିଲେ ମଧ୍ୟ ହାତଗୁଞ୍ଜା ନେଇ ଏହାକୁ ପରୋକ୍ଷରେ ପ୍ରସୟ ଦେଉଥିବା ଅଭିଯୋଗ ହେଉଛି । ଯେଉଁଥି ପାଇଁ ରାଜ୍ୟରେ ମଦ ମୃତ୍ୟୁ ବଢିବାରେ ଲାଗିଛି ।

### ରାଜ୍ୟକୁ ଲଜ୍ଜା...

ଦେବାକୁ ରାଜ୍ୟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜାତୀୟ ମହିଳା କମିଶନ ଏହି ଘଟଣାରେ ନିଜଆଡୁ ଏକ ମାମଲା ରୁଜୁ କରିଛନ୍ତି । ଅନ୍ୟପକ୍ଷରେ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି । ଏହି ଗଣଦୁଷ୍କର୍ମ ଘଟଣାକୁ ରେଡ୍ ଫ୍ଲାଗ୍ ମାମଲା ଭାବରେ ଗ୍ରହଣ କରି ତୁରନ୍ତ ତଦନ୍ତ ନିମନ୍ତେ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନି ଏହି ଘଟଣାର ତଦନ୍ତ କରିବେ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରହ୍ମପୁର ପୁଲିସ ଏହି ଘଟଣାରେ ୧୦ଜଣଙ୍କୁ ଗିରଫ କରିଥିବା ବ୍ରହ୍ମପୁର ପୁଲିସ ଏସ୍‌ପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଗତ ରବିବାର ସନ୍ଧ୍ୟା ୬ଟା ସମୟରେ ବ୍ରହ୍ମପୁରରୁ ସମ୍ପୃକ୍ତ ଯୁବତୀ ଓ ତାଙ୍କର ବନ୍ଧୁ ଗୋପାଳପୁର ବେଳାଭୂମିକୁ ଯାଇଥିଲେ । ଗୋପାଳପୁର ପାନ୍ଥନିବାସ ପଛପଟେ ଥିବା ବେଳାଭୂମିରେ ପହଞ୍ଚିବା ପରେ ସେଠାରେ ନିରୋଳାରେ କିଛି ସମୟ ବିତାଇଥିଲେ । ରାତି ପ୍ରାୟ ୮ଟା ସମୟରେ ୧୦ଜଣ ଯୁବକ ପ୍ରେମୀଯୁଗଳଙ୍କ ନିକଟରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିବା ସହିତ ପୁରୁଷ ବନ୍ଧୁଙ୍କୁ ମାରପିଟ୍ କରିଥିଲେ । ଏହାପରେ ୧୦ଜଣଙ୍କ ମଧ୍ୟରୁ ୩ଜଣ ଉକ୍ତ ଯୁବତୀଙ୍କୁ ସେହି ସ୍ଥାନରୁ କିଛିଦୂରକୁ ନେଇ ଏକ ଅନ୍ଧାରିଆ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ । ଅନ୍ୟ ୭ଜଣ ଯୁବକ ଗଣଦୁଷ୍କର୍ମ କରିବାରେ ସେମାନଙ୍କୁ ସହଯୋଗ କରିବା ସହିତ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ନଜରବନ୍ଦୀ କରି ମାରପିଟ୍ କରିଥିଲେ । ଗଣଦୁଷ୍କର୍ମ ପରେ ଯୁବତୀଙ୍କ ଠାରୁ ନଗଦ ୧ହଜାର ଟଙ୍କା ଓ ଅନ୍‌ଲାଇନ୍‌ରେ ୩୦୦ଟଙ୍କା ନେଇ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଘଟଣାକୁ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ରାତି ୧୧ଟା ସମୟରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଗୋପାଳପୁର ଓଭରବ୍ରିଜ ନିକଟରୁ ୨ଜଣଙ୍କୁ ଗିରଫ କରିବା ପରେ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରି ରବିବାର ରାତିରେ ଘଟଣାରେ ସମ୍ପୃକ୍ତ ଆନ୍ୟ ୫ଜଣଙ୍କୁ କାବୁ କରିଥିଲା ପୋଲିସ । ମଙ୍ଗଳବାର ସକାଳେ ପୁଣି ଆଉ ୩ଜଣଙ୍କୁ ପୁଲିସ ବ୍ରହ୍ମପୁରରୁ ଗିରଫ କରିଛି । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରମୋଦ ନାୟକ ନାମରେ ହତ୍ୟା ପରି ସଙ୍ଗୀନ ଅପରାଧ ଥିବା ବ୍ରହ୍ମପୁର ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାର ୨୪ଘଣ୍ଟା ମଧ୍ୟରେ ସମସ୍ତ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ୧୦ଜଣଙ୍କ ମଧ୍ୟରେ ୬ଜଣ ସାବାଳକ ଥିବାବେଳେ ଅନ୍ୟ ୪ଜଣ ନାବାଳକ । ୬ ସାବାଳକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଯାଇଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ବେଲଗାଁ ଥାନା ପାଟପୁର ଗ୍ରାମର କୁନାଲ ପ୍ରଧାନ(୨୪), ହିଞ୍ଜିଳି ବୁରୁପଡାର ବାବୁରାମ ଦଳାଇ(୧୯), ଲକ୍ଷ୍ମଣ ପ୍ରଧାନ(୨୪),ସିକିରର ଓମ୍ ପ୍ରଧାନ(୧୯), ଦୀପକ ତରାଇ(୧୯) ଓ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ(୨୩) । ଏହି ଘଟଣାର ପ୍ରତିବାଦ କରିବାକୁ ଯାଇ ଆସନ୍ତାକାଲି ବୁଧବାର ଦିନ ପ୍ରଦେଶ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯିବ । ଆଜି ସନ୍ଧ୍ୟାରେ ପିସିସି ପକ୍ଷରୁ ଏହି ସୂଚନା ଦିଆଯାଇଛି ।

### ନିନ୍ଦାକଲେ ମୁଖ୍ୟମନ୍ତ୍ରୀ...

ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ମାନବତା ବିରୁଦ୍ଧରେ ଏକ ଅପରାଧ । ଏ ଘଟଣାରେ ସମ୍ପୃକ୍ତ କୌଣସି ଅପରାଧୀଙ୍କୁ ଛଡ଼ା ଯିବନାହିଁ । ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ । ଏହି ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଧରାଯାଇ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ନବୀନଙ୍କ କ୍ଷୋଭ...

ନବୀନ କହିଛନ୍ତି ଯେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ପର୍ଶକାତର ଓ ଏହା ସଭିଙ୍କୁ ବିଚଳିତ କରିଛି । ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରତିଦିନ ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନାକୁ ରୋକିବା ଦିଗରେ ସରକାର ସଜାଗ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ । ତଥ୍ୟ ଅନୁଯାୟୀ ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି । ହିସାବ କଲେ ହାରାହାରି ଦିନକୁ ୧୫ଟି ଦୁଷ୍କର୍ମ ଘଟଣା ଘଟୁଛି । ଯାହା ରାଜ୍ୟରେ ମା, ଭଉଣୀଙ୍କ ସୁରକ୍ଷା ପ୍ରତି ସାଂଘାତିକ ସ୍ଥିତି ସୃଷ୍ଟି କଲାଣି । ବିଶେଷ ନିକଟ ଅତୀତରେ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଦୁଷ୍କର୍ମ ଜନିତ କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ପୁଲିସ ସେମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଏହା ପ୍ରତ୍ୟକ୍ଷ ଭାବରେ ଅପରାଧୀଙ୍କ ମନୋବଳ ବୃଦ୍ଧି କରୁଥିବା ବେଳେ ମହିଳା ବିରୋଧୀ ହିଂସା ଏବଂ ଦୁଷ୍କର୍ମ ଘଟଣା ବୃଦ୍ଧିରେ ସହାୟକ ହେଉଛି । ଗତ ୬ ମାସ ହେବ ବିରୋଧୀ ବିଜେଡି ଓ କଂଗ୍ରେସ ଏହାକୁ ନେଇ ସରକାରଙ୍କୁ ସଜାଗ ହେବାକୁ ଦାବି କରୁଥିଲେ ହେଁ ସରକାର ଏହାକୁ ଗୁରୁତର ସହ ଗ୍ରହଣ କରୁନାହାନ୍ତି । ଏପରିକି ଉଭୟ ବିରୋଧୀ ଗତ ବିଧାନସଭା ଅଧିବେଶନରେ ଏହାକୁ ନେଇ ପ୍ରବଳ ତମ୍ବିତୋଫାନ କରିଥିଲେ । କଂଗ୍ରେସ ସମସ୍ତ ସଦସ୍ୟଙ୍କୁ ମଧ୍ୟ ଏଥିପାଇଁ ଗୃହରୁ ନିଲମ୍ବିତ ହେବାକୁ ପଡ଼ିଥିଲା । ଏତେସବୁ ଘଟଣା ପରେ ମଧ୍ୟ ସରକାର ଏନେଇ ସଚେତନ ନହେବା କାରଣରୁ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ବାହାରକୁ ଗଲାଣି । ବିଶେଷକରି ଗୋପାଳପୁର ପରି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ଏପରି ଘଟଣା ଘଟିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବୁଦ୍ଧିଜୀବି । ଏହା ରାଜ୍ୟର ମହିଳାଙ୍କ ସମ୍ମାନ ପ୍ରତି ଆଞ୍ଚ ଆଣିବା ସହ ଓଡ଼ିଶାର ଛବିକୁ ଖରାପ କଲାଣି । ସରକାର ସଜାଗ ନହେଲେ ଏପରି ଲଜ୍ଜାଜନକ ଏବଂ ସ୍ପର୍ଶକାତର ଘଟଣା ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରଭାବ ପକାଇବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

### ଆଦିବାସୀ ନାବାଳିକାକୁ...

ପଠାଇଛି । ଏହି ଘଟଣା ଦୁଷ୍କର୍ମ କି ନୁହେଁ ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । କିନ୍ତୁ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ଏହାକୁ ଆତ୍ମହତ୍ୟା ରଙ୍ଗ ଦେବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ସେହିପରି ମୃତ ନାବାଳିକାର ପରିବାର ମଧ୍ୟ ତାଙ୍କ ଝିଅ ଆତ୍ମହତ୍ୟା କରିନାହିଁ, ତାକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଯେଉଁମାନେ ତାଙ୍କ ଝିଅର ଏପରି ଅବସ୍ଥା ପାଇଁ ଦାୟୀ, ସେମାନଙ୍କୁ ତୁରନ୍ତ ଧରି ଫାଶୀ ଦେବାକୁ ନାବାଳିକାଙ୍କ ପରିବାର ଦାବି କରିଛନ୍ତି ।

## ଭିଜିଲାନ୍ସ ଜାଲରେ ଅବକାରୀ ଅଧିକାରୀ



ଟାଙ୍ଗୀ,୧୭।୬(ସମିସ): ଟାଙ୍ଗୀ ଅବକାରୀ ସବ୍‌ଇନ୍ସପେକ୍ଟର ଅମରେନ୍ଦ୍ର ଶତପଥି ଜଣେ ମଦ ଲାଇସେନ୍ସପ୍ରାପ୍ତ ଭେଣ୍ଡରଙ୍କଠାରୁ ପ୍ରତି ମାସରେ ୮ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ, ଟାଙ୍ଗୀ ଅବକାରୀ ବିଭାଗର ଅଧିକାରୀ ସବ୍‌ଇନ୍ସପେକ୍ଟର ଅମରେନ୍ଦ୍ର ଶତପଥି ଜନୈକ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କୁ ଖୁଲମ୍‌ଖୁଲା ମଦ ବ୍ୟବସାୟ କରିବା ପାଇଁ ଅଭୟ ପ୍ରତିଶ୍ରୁତି ଦେବାକୁ କହି ପ୍ରତି ମାସରେ ୮ ହଜାର ଟଙ୍କା ବଟି ନେଉଥିଲେ । ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ମଦ ବ୍ୟବସାୟୀ ଭିଜିଲାନ୍ସ ବିଭାଗର ସହାୟତା ଲୋଡ଼ିଥିଲେ । ଏପରିକି ଏହି ନିର୍ଦ୍ଦିଷ୍ଟ ଟଙ୍କା ପ୍ରତି ମାସରେ ଠିକ୍‌ରେ ନ ଦେଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ଭୟ ଦେଖାଇ ଆସୁଥିଲେ ବୋଲି ଅଭିଯୋଗ କରିଥିଲେ । ଉକ୍ତ ଅସାଧୁ ଅଫିସରଙ୍କୁ କାବୁ କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ମଙ୍ଗଳବାର ସମ୍ପୃକ୍ତ ମଦ ବ୍ୟବସାୟୀ ଅବକାରୀ ସବ୍‌ଇନ୍ସପେକ୍ଟର ଶ୍ରୀ ଶତପଥିଙ୍କୁ ଟଙ୍କା ଦେବା ସମୟରେ ଛକି ରହିଥିବା ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିବା ଜଣାପଡ଼ିଛି ।

## ନିରବିଗଲା ମାନବାଧିକାରର ଅବିଶ୍ରାନ୍ତ ସ୍ୱର

ଆମ ସମ୍ବିଧାନର ଧାରା ୨୧ ଯେ କେବଳ ଜଣେ ବ୍ୟକ୍ତିକୁ ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦିଏ ତାହା ନୁହେଁ; ବରଂ ମଣିଷ ହିସାବରେ ଉପଯୁକ୍ତ ସମ୍ମାନ ଓ ମର୍ଯ୍ୟାଦାର ସହ ବଞ୍ଚିବାର ସେହି ବ୍ୟକ୍ତିଙ୍କର ଅଧିକାରକୁ ସୁରକ୍ଷିତ ରଖେ । ମଣିଷ ଜୀବନର ସେହି ମୂଲ୍ୟକୁ ବୁଝି ତା'ର ସମ୍ମାନକୁ ଅକ୍ଷୁଣ୍ଣ ରଖିବା ଭଳି ଏକ ଅଘୋଷିତ ଧର୍ମରେ ଦୀକ୍ଷିତ ଥିଲେ ଆମ ସମସ୍ତଙ୍କ ପାଇଁ ଆଦର୍ଶ ତଥା ମାନବାଧିକାର ଯୋଦ୍ଧା ସ୍ୱର୍ଗତ ରାଧାକାନ୍ତ ତ୍ରିପାଠୀ । ପେସାରେ ଜଣେ ଅଧିବକ୍ତା ହୋଇ ମଧ୍ୟ ଆଇନ୍ ଜ୍ଞାନକୁ ପାଥେୟ କରି ସମଗ୍ର ଭାରତ ବର୍ଷରେ ଅନେକ ସାମାଜିକ ନ୍ୟାୟର ଲଢ଼େଇ ଲଢ଼ି ହଜାର ହଜାର କୃଷକ, ଦଳିତ, ବିସ୍ଥାପିତ, ନିରୀହ, ନିଷ୍ପେସିତ, ଅଭାବୀ ଓ ଅସହାୟ ଲୋକଙ୍କୁ ନ୍ୟାୟ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇ ସେ ଉପାର୍ଜନ କରିଛନ୍ତି ଅସୁମାରୀ ସ୍ନେହ, ଭଲପାଇବା ଓ ଆଶୀର୍ବାଦ । ଗତ ୮ ତାରିଖ ଦିନ ମାତ୍ର ୫୧ ବର୍ଷ ବୟସରେ ତାଙ୍କର ହଠାତ୍ ହୃଦଘାତରେ ବିୟୋଗ ଆମ ସମସ୍ତଙ୍କୁ ସ୍ତବ୍ଧ ଓ ମର୍ମାହତ କରିଛି ।



ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅଧୀନସ୍ଥ ତଳଗୋପବିନ୍ଧା ପଞ୍ଚାୟତର ମାତବାଜପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଏହି ମହାନ୍ ବ୍ୟକ୍ତିତ୍ୱ ଥିଲେ ତାଙ୍କ ବାପା ଅବସରପ୍ରାପ୍ତ ଶିକ୍ଷକ ଗୌରହରି ତ୍ରିପାଠୀଙ୍କ ଜ୍ୟେଷ୍ଠ ପୁତ୍ର । ସ୍ୱର୍ଗତ ରାଧାକାନ୍ତ ତ୍ରିପାଠୀ ପୀଡ଼ିତଙ୍କ ନ୍ୟାୟ ପାଇଁ ଜାତୀୟ ମାନବାଧିକାର ଆୟୋଗଙ୍କ ଠାରେ ୧୫ ହଜାରରୁ ଅଧିକ ପିଟିସନ ଦାୟର କରି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍' ତଥା 'ଲିମକା ବୁକ ଅଫ ରେକର୍ଡସ'ରେ ସ୍ଥାନ ପାଇଥିଲେ । ଭଦ୍ରକ ଜିଲ୍ଲାର ସାଳନ୍ଦୀ ଓ ରେବ-କପାଳୀ ସଂସ୍କାର ଯୋଜନାରେ କ୍ଷତିଗ୍ରସ୍ତ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢ଼ି ପ୍ରାୟ ୬୦ କୋଟି ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରାଇବାରେ ସେ ନେଇଥିଲେ ପ୍ରମୁଖ ଭୂମିକା । ସରକାରୀ ଡାକ୍ତରଖାନାରେ ଆଣ୍ଟିସ୍ନେକ ଭେନମ୍ ଇଞ୍ଜେକସନ୍ ନ ମିଳିବା ଓ ଚିକିତ୍ସାରେ ଅବହେଳା ପାଇଁ ଅଧିକାଂଶ ମୃତ୍ୟୁ ହେଉଥିବା ଆଦି ଅପ୍ରିୟ ସତ୍ୟକୁ କମିସନ ସମ୍ମୁଖରେ ଉପସ୍ଥାପନ କରି ଏଥିରେ ସୁଧାର ଆଣିପାରିଥିଲେ । ରାଷ୍ଟ୍ରୀୟ ଜନଜାତି ଆୟୋଗର ଆଇନ ପରାମର୍ଶଦାତା ଭାବେ ମଧ୍ୟ ଶ୍ରୀଯୁକ୍ତ ତ୍ରିପାଠୀଙ୍କ ଅବଦାନ ଅତୁଳନୀୟ । ସାଇକଲ ଚାଳନା, ପରିବେଶ ସୁରକ୍ଷା ଓ ସଡ଼କ ଦୁର୍ଘଟଣାରୁ ରକ୍ଷା ପାଇଁ ତାଙ୍କ ଉଦ୍ୟମରେ ଜାତିସଂଘ ସ୍ୱୀକୃତି ପାଇ ୨୦୧୮ ମସିହା ଠାରୁ ଜୁନ ୩ ତାରିଖ ବିଶ୍ୱ ସାଇକେଲ ଦିବସ ଭାବେ ପାଳିତ ହେଉଛି । ୨୦୧୦ ମସିହାରୁ ଓଡ଼ିଶାରେ ବିଶ୍ୱ କର୍ଦ୍ଦମ ଦିବସ ଏବଂ ବିଶ୍ୱ ବିଶ୍ରାମ ଦିବସ ଆରମ୍ଭ କରି ଲୋକମାନଙ୍କୁ ସଚେତନ କରିଆସୁଥିଲେ ।

ଆମେ ସମସ୍ତେ ସ୍ୱର୍ଗତ ରାଧାକାନ୍ତ ବାବୁଙ୍କ ଏହି ମହାନ କାର୍ଯ୍ୟଧାରା ଓ ସଙ୍କଳ୍ପକୁ ଆଗକୁ ନେଇ ତାଙ୍କର ଅନେକ ଅଧୁରା ସ୍ୱପ୍ନକୁ ସାକାର କରିବା ।

ରଜତ କୁମାର ମିଶ୍ର, ଅଧିବକ୍ତା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ


**ZILLA SWASTHYA SAMITI, MALKANGIRI**

**RETENDER CALL NOTICE**

E-173

No: 7067/2025 Date: 17/06/2025

Sealed retenders are invited from interested suppliers / firms for supply of the Food Baskets (Nutrition Kits) for TB Patients on annual rate contract basis to the C.D.M & P.H.O, Malkangiri. The details regarding specifications, terms and conditions are remain same as before (as 6398/2025) may be downloaded from district website **www.malkangiri.odisha.gov.in.** The bids in sealed envelope should reach the office of the undersigned by **24.06.2025** within Office hours by **5.30 P.M** along with all relevant documents. The tender will be opened on **25.06.2025 at 11.00 A.M** in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

Sd/-
C.D.M & P.H.O-cum-District Mission Director
District Health Mission, Malkangiri

OIPR-10086/11/0016/2526

यूनियन बैंक ऑफ़ इंडिया Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର
୧ମ ମହଲା, ବାଲାଜୀ ମିତ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଜିଲ୍ଲା: ସମ୍ବଲପୁର, ଓଡ଼ିଶା

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର **ସମ୍ପୃକ୍ତ ଶାଖା ପରିସରରେ ତା.୨୬.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

**ରାଉରକେଲା ମେନ୍ ରୋଡ୍ (୩୦୨୧୦), ପ୍ରଥମ ମହଲା, ରୋଜି ଶପିଙ୍ଗ୍ ସେଣ୍ଟର, ମେନ୍ ରୋଡ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୦୧, ମୋ.: ୯୪୩୦୩୩୦୩୨୧**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମରେ) |
|---|---|---|---|
| ୧. | ସାବିତ୍ରୀ ଦେବୀ, ମାର୍ଫତ: କ୍ୱାଲା ଇଞ୍ଜିନିୟରିଂ ୱାର୍କ, ଉଦିତନଗର, ରାଉରକେଲା-୧୨, ଉଦିତନଗର, ରାଉରକେଲା-୭୬୪୦୦୧ /୩୦୨୧୦୬୫୪୦୦୦୦୨୨୬ | ଟ.୨,୧୪,୧୮୬.୦୬ | ୪୩.୪୦ |
| ୨. | ସାବିତ୍ରୀ ଦେବୀ, ମାର୍ଫତ: କ୍ୱାଲା ଇଞ୍ଜିନିୟରିଂ ୱାର୍କ, ଉଦିତନଗର, ରାଉରକେଲା-୧୨, ଉଦିତନଗର, ରାଉରକେଲା-୭୬୪୦୦୧ / ୩୦୨୧୦୬୫୪୦୦୦୦୨୪୦ | ଟ.୭,୬୬,୮୨୪/- | ୧୪୧.୬୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
୩) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୪) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୫) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୬) ନିଲାମରେ ଭାଗ ନେଉଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ କରିପାରିବ ।
୭) ସଫଳ ବିଡର ସମ୍ପୂର୍ଣ୍ଣ ବିଡ ପରିମାଣ ଏକାଥରେ ପ୍ରଦାନ କରିବେ ଏବଂ ଅଳଙ୍କାରଗୁଡ଼ିକୁ ତାଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱରେ ଗ୍ରହଣ କରିବେ ଏବଂ କୌଣସି କାରଣରୁ ଉକ୍ତ ବିଡରଙ୍କୁ ଆଉ ବ୍ୟାଙ୍କ ତରଫରୁ କୌଣସି ସହାୟତା ପ୍ରଦାନ କରାଯିବ ନାହିଁ ।
୮) ଯଦି ସଫଳ ବିଡର ବିଡ ପରିମାଣ ପ୍ରଦାନ କରିବେ ନାହିଁ ଏବଂ/କିମ୍ବା ଏପରି କିଛି କରିବେ ଯାହା ନୂତନ ନିଲାମ ବିକ୍ରୟକୁ ସ୍ଥଗିତ ରଖିବାର ଆବଶ୍ୟକତା ସୃଷ୍ଟି କରିପାରେ, ତେବେ ନିଲାମ ସମାପ୍ତ କରିବାରେ ତାଙ୍କର ତ୍ରୁଟି ଯୋଗୁଁ ହୋଇଥିବା କ୍ଷତି ନିମନ୍ତେ ସେ ବ୍ୟାଙ୍କକୁ କ୍ଷତିପୂରଣ ଦେବାକୁ ଦାୟୀ ରହିବେ ।

ସ୍ଥାନ: ସମ୍ବଲପୁର, ତାରିଖ:୧୭.୦୬.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**CHANGE OF NAME**

I, KABITA MANJARI MAHAPATRA, W/o Sanjay Kumar Mahapatra do hereby declare that my name changed as Kabita Mahapatra instead of Kabita Manjari Mahapatra. I shall be known as **KABITA MAHAPATRA** for all future purposes.

**AFFIDAVIT**

I, Prasanta Mohapatra, F/o.: Priyanka Mohapatra, resident of At- Plot No.: IVA -21/6, Unit-2, PO.: Ashok Nagar, P.S.: Kharavel Nagar, Bhubaneswar, Dist.: Khordha, PIN-751009, Odisha, declare by this affidavit No.: 1172, dated-17/06/2025, that now onwards I shall be known as PRASANTA KUMAR MOHAPATRA for all future purposes.

**LOST**

I **Shiba Charan Sahoo,** S/o- Late Shyam Prasad Sahoo, resident of Plot No. L/348, Dumduma Housing Board Colony, Bhubaneswar lost my original registered sale deed bearing ID No. 1121503674, Document No. 11121303595 dated 23.09.2015 for land in Mouza- U. Mundamuhan, Tahasil- Jatani, SR- Jatani, Khata No. 384/1077, Plot No. 530/1106/1172, Area: Ac. 0.037 dec. while traveling from Baramunda to Ruchika Market, Bhubaneswar on 05.06.2025. If anybody finds the same please contact Bharatpur police station or on the above mentioned address.

Shiba Charan Sahoo

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 17-06-2025. I Santosh Kumar Singh, residing At/Po/Ps: Papadahandi Dist: Nabarangpur, declare that I have changed my Son's name from Vinayak Singh to Binayak Kumar Singh. Henceforth he shall be known as **Binayak Kumar Singh** for all purposes.

**AFFIDAVIT**

I, T. Biswajeet, S/o.: Dev Kamal Ganguly, Residing at Plot No.: 879/32G, Sudha Niwas, CDA, Sector-6, P.S.: Markatnagar, Dist.: Cuttack, PIN-753014, Odisha. My Adhaar No.: 6344 2218 1017. declare by this affidavit No.: 16AA 614915 dtd 28.05.2025 that now onwards I shall be known as BISWAJEET GANGULY for all future purposes.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**AFFIDAVIT**

By virtue of an affidavit Sl. No. 1613, dtd. 10.06.2025 in the Executive Magistrate, Phulbani, Dist.- Kandhamal,I, Pravati Prusty, have changed my name from Prabhati Sahu to Pravati Prusty. Henceforth I shall be known as Pravati Prusty instead of Prabhati Sahu for all purposes.

**Sd/- Pravati Prusty**

**AFFIDAVIT**

I, Reena Mohapatra, M/o.: Priyanka Mohapatra, resident of At- Plot No.: IVA -21/6, Unit-2, PO.: Ashok Nagar, P.S.: Kharavel Nagar, Bhubaneswar, Dist.: Khordha, PIN-751009, Odisha, declare by this affidavit No.: 1173, dated-17/06/2025, that now onwards I shall be known as NIRUPAMA MOHAPATRA for all future purposes.

**AFFIDAVIT**

By virtue of an affidavit sworn before Executive Magistrate: Papadahandi. on 17-06-2025. I Surendra Bisoyi, residing At: Niladriguda Po: Nakatiguda, Ps: Papadahandi, Dist: Nabarangpur, declare that I have changed my Daughter's name from Topashpini to Tapaswini Bisoyi. Henceforth she shall be known as **Tapaswini Bisoyi** for all purposes.

**AFFIDAVIT**

By virtue of an affidavit Sl. No. 5387, dtd. 04.06.2025 before the Executive Magistrate, Phulbani, Dist.- Kandhamal,I, Kanaki Digal, have changed my minor son's name from Bijayaprasad Behera to Bijaya Kumar Behera. Henceforth he will be known as Bijaya Kumar Behera for all purposes.

**Sd/- Kanaki Digal**

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.17-KUR-TRD-OT-2025-26
କାର୍ଯ୍ୟର ନାମ : ପଲାସା (PSA) ଷ୍ଟେସନର DN ସାଇଡ୍‌ରେ ଉଚ୍ଚ ସ୍ତରୀୟ ପାସେଞ୍ଜର ପ୍ଲାଟଫର୍ମ ସହିତ ଏକ ଅତିରିକ୍ତ ଲାଇନ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ ଏବଂ ବିଦ୍ୟୁତୀକରଣ କାର୍ଯ୍ୟ ସମାପନ ।
ବିଜ୍ଞାପିତ ମୂଲ୍ୟ : ₹ 4,22,82,227.96, EMD : ₹ 3,61,400/-, ଶେଷ ହେବା ଅବଧି : 180 ଦିନ ।
(2) ଟେଣ୍ଡର ସଂ.18-KUR-TRD-OT-2025-26
କାର୍ଯ୍ୟର ନାମ : ମାଳତୀପାଟପୁର-ପୁରୀ ଷ୍ଟେସନ ମଧ୍ୟରେ ପୁରୀ କୋଣାର୍କ ରୋଡ୍‌ରେ ଲେଭେଲ କ୍ରସିଙ୍ଗ ନଂ. KP-42 (NH-316 ର କି.ମି. 60/200) ଠାରେ ରେଲୱେ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ସମାପନ ।
ବିଜ୍ଞାପିତ ମୂଲ୍ୟ : ₹ 11,25,083.57, EMD : ₹ 22,500/-, ଶେଷ ହେବା ଅବଧି : 180 ଦିନ ।
ବିକ୍ରୁ ଆରମ୍ଭ ହେବା ତାରିଖ : ତା.19.06.2025ରିଖ (ଉଭୟ ଟେଣ୍ଡର ନିମନ୍ତେ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.07.2025ରିଖ 1300 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-240/Q/25-26

**AFFIDAVIT**

By virtue of an affidavit before the Executive Magistrate, Athmallik, I Rabi Bagha, S/o-Purnachandra Bagha, At-Ghodagadi, PO-Kandhapada, PS-Kiakata, SD-Athmallik, Dist-Angul do hereby declare that my correct name is Rabi Bagha which has been mentioned in Voter Card & ROR. But in my Aadhaar Card bearing No- 970958235002 wrongly mentioned as Rabindra Bagha instead of Rabi Bagha. Henceforth both the names are same & one person.

**AFFIDAVIT**

I Kartik Dey, S/o- Ram Chandra Dey, resident of Village- Taladi, Po- Kakhada, Ps-Bhograi, Dist-Balasore, Odisha, declared by affidavit before Executive Magistrate, Bhograi No. 1634/ dtd-13/05/2025 that My son name as Bijay Dey in his Birth Certificate, that wrongly mentioned as Bhola Dey in Adhar. Bijay Dey and Bhola Dey is one & same person.Hence my son shall be known as Bijay Dey for all future purpose.

ସକାଳ
THE SAKALA



## ଚିକିତ୍ସା ଅବହେଳାରୁ ମା’ ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣା

# ଡାକ୍ତରଙ୍କୁ ଗିରଫ ଦାବିରେ ଗଣବିକ୍ଷୋଭ

ନୟାଗଡ଼, ୧୭।୬(ସମିସ)



ଚିକିତ୍ସା ଅବହେଳାରୁ ମା’ ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଡାକ୍ତର ଓ କାର୍ଯ୍ୟରତ ନର୍ସଙ୍କୁ ବହିଷ୍କାର ଓ ଡାକ୍ତରଙ୍କୁ ଗିରଫ ଦାବିରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରି ଗଣବିକ୍ଷୋଭ ହୋଇଛି। ନୟାଗଡ଼ ବିକାଶ ମଞ୍ଚର ଆହ୍ୱାନ କ୍ରମେ ଶହ ଶହ ଲୋକ ଡାକ୍ତରଙ୍କ ଗିରଫ ଦାବି କରିଛନ୍ତି। ନୟାଗଡ଼ ପଠାଣୀ ସାମନ୍ତ ପ୍ରେକ୍ଷାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଜୋର୍‌ଦାର୍ ବିକ୍ଷୋଭ ପ୍ରଦର୍ଶନ ସହ ଡାକ୍ତରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଥିଲା।


ଗତ ମେ’ ୩୧ ତାରିଖ ରାତିରେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁର ଯୁବନେତା ସଞ୍ଜୟ ନାୟକଙ୍କ ପତ୍ନୀ ପ୍ରସବ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ରାତିରେ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କ ଡ୍ୟୁଟି ଥିଲା। ଡାକ୍ତରଙ୍କୁ ସଞ୍ଜୟ କର୍ମଚାରୀଙ୍କ ମାଧ୍ୟମରେ ଏବଂ ବ୍ୟକ୍ତିଗତ ଭାବେ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ। ଡା. ସାହୁ ଏହାକୁ କର୍ଣ୍ଣପାତ କରି ନ ଥିଲେ। ଏପରିକି ଅସ୍ତ୍ରୋପଚାର କରିବା ପାଇଁ ୩୦ ହଜାର ଟଙ୍କା ଦାବି କରିଥିଲେ। ସଞ୍ଜୟ ଟଙ୍କା ଦେବାକୁ ରାଜି ହୋଇଥିଲେ। ଚିକିତ୍ସା କରନ୍ତୁ କହି ସଞ୍ଜୟ ଟଙ୍କା ଯୋଗାଡ଼ ପାଇଁ ଚାଲି ଯାଇଥିଲେ। ଡାକ୍ତର କିନ୍ତୁ ଚିକିତ୍ସା କରି ନ ଥିଲେ। ଯେଉଁଥିପାଇଁ ପ୍ରସବବେଦନ ଯୋଗୁଁ ସଞ୍ଜୟଙ୍କ ପତ୍ନୀ ମମତା ସ୍ୱାଇଁଙ୍କର ଭୋର୍ ୩ଟା ୪୫ରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଶହ ଶହ ସଂଖ୍ୟାରେ ଲୋକ ରୁଣ୍ଡ ହୋଇ ଡାକ୍ତରଙ୍କ ଗିରଫ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସଞ୍ଜୟଙ୍କ ଅଭିଯୋଗ ଆଧାରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ନୟାଗଡ଼ ଆସି ଉକ୍ତ ଘଟଣାର ତଦନ୍ତ କରି ଫେରିଥିଲେ। ଚିକିତ୍ସା ଅବହେଳା ଅଭିଯୋଗର ତଦନ୍ତ କରାଯାଇ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହି ଘଟଣାରେ ସଞ୍ଜୟଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଆଜି ପର୍ଯ୍ୟନ୍ତ ଡାକ୍ତରଙ୍କୁ ଗିରଫ କରାଯାଇନାହିଁ। ଉକ୍ତଦିନ କାର୍ଯ୍ୟରତ ଥିବା ଦୁଇ ଜଣ ନର୍ସଙ୍କୁ ମଧ୍ୟ ବରଖାସ୍ତ କରି ଗିରଫ ପାଇଁ ଦାବି ହୋଇଛି। ଏହା ସହିତ ଜିଲ୍ଲାରେ କାର୍ଯ୍ୟରତ ଡାକ୍ତରଙ୍କ ନର୍ସିଂହୋମ୍ ଯିବା ଉପରେ ରୋକ୍ ଲଗାଇବା, ୟୁନିଫର୍ମରେ ସମସ୍ତ ଡାକ୍ତର କାର୍ଯ୍ୟ କରିବା, ରୋଗୀଙ୍କୁ ଦୁର୍ବ୍ୟବହାର ନ କରିବା, ଅନୁପସ୍ଥିତ ରହୁଥିବା ଡାକ୍ତରଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଦାବିପତ୍ର ଗ୍ରହଣ କରିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରଧାନ, ବସନ୍ତ ପଟ୍ଟନାୟକ, ରଣଜିତ୍ ଦଳବେହେରା, ସଞ୍ଜୟ ନାୟକଙ୍କ ସମେତ ଶହ ଶହ ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ।

## ■ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ଦୁର୍ବ୍ୟବହାର

# ରୋଗୀଙ୍କ ପାଲଟା ଅଭିଯୋଗ; ହୁଗୁଳିଗଲାଣି ସ୍ୱାସ୍ଥ୍ୟସେବା

ଖଣ୍ଡପଡ଼ା, ୧୭।୬(ସମିସ): ଗତ ମାସେ ତଳେ ବିପର୍ଯ୍ୟସ୍ତ ରୋଗୀ ସେବା ନେଇ ଅଭିଯୋଗ ପରେ ଏବେ ପୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର-ରୋଗୀ ମୁହାଁମୁହିଁ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଫଳରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ହୁଗୁଳା ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଦୁଇ ଦିନ ତଳେ ବିଳମ୍ବିତ ରାତିରେ ଚିକିତ୍ସା ଅବହେଳାକୁ ନେଇ ଡାକ୍ତର-ରୋଗୀ ମୁହାଁମୁହିଁ ହେବା ଘଟଣାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଉକ୍ତ ଭିଡିଓରେ ଚିକିତ୍ସାରେ ଅବହେଳା ତଥା ଡାକ୍ତର ଓ କର୍ମଚାରୀଙ୍କ ଦୁର୍ବ୍ୟବହାର ନେଇ ରୋଗୀ ଏବଂ ସମ୍ପର୍କୀୟ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଜରୁରୀକାଳୀନ ଚିକିତ୍ସା ସେବା ମିଳୁନଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅବହେଳା କରାଯାଉଥିବା ରୋଗୀ ଏବଂ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଫଳରେ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟ ଯୁକ୍ତିତର୍କ ଓ ଉଚ୍ଚବାଚ ହୋଇଥିବା ଦେଖିବାକୁ ମିଳିଛି। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା କର୍ମୀ ଦୁର୍ବ୍ୟବହାର କରିଥିବା ନେଇ ଭିଡିଓରେ କିଛି ଯୁବକ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି। ଏ ନେଇ ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ଅଭିସାର ପଣ୍ଡାଙ୍କ ପ୍ରତିକ୍ରିୟା ନେବାରେ ଡାକ୍ତରଙ୍କୁ ଦୁର୍ବ୍ୟବହାର ସହିତ ଗାଳିଗୁଲଜ କରାଯାଇଥିବା ନେଇ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଭାଇରାଲ ଭିଡିଓ ବାବଦରେ ଡା. ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେଦିନ ରାତିରେ ମଦ୍ୟପାନ କରି କିଛି ସ୍ଥାନୀୟ ଲୋକେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ପ୍ରତିକ୍ରିୟା ଦେଇଥିବାବେଳେ ଏନେଇ ଥାନାରେ ଏତଲା କରାଯାଇଥିବା କହିଛନ୍ତି।

# ସୋଲାର ପାନୀୟଜଳ ପ୍ରକଳ୍ପ ଭାଙ୍ଗିଦେଲେ ଦୁର୍ବୃତ୍ତ



ରଣପୁର, ୧୭।୬(ସମିସ): ଗ୍ରାମାଞ୍ଚଳର ଲୋକମାନଙ୍କୁ ସୁବିଧାରେ ପିଇବା ପାଣି ଯୋଗାଇଦେବା ପାଇଁ ବିଭିନ୍ନ ପଞ୍ଚାୟତରେ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଛନ୍ତି ସୌରଚାଳିତ ପାନୀୟଜଳ ପ୍ରକଳ୍ପ। ହେଲେ ଏହି ପ୍ରକଳ୍ପଟି କିଛି ଦିନ କାର୍ଯ୍ୟକ୍ଷମ ହେବାପରେ ଏବେ ଅଚଳ ହୋଇ ପଡ଼ିଛି। ରଣପୁର ବ୍ଲକ ଅଧୀନ ଝାଡ଼ପଡ଼ା ଗ୍ରାମ ପଞ୍ଚାୟତର ବୋକାଖାଇ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ସୋଲାର ପାନୀୟଜଳ ପ୍ରକଳ୍ପଟିକୁ ସେହି ଗ୍ରାମର କିଶୋର ନାୟକ ସୋମବାର ଭାଙ୍ଗି ଦେଇଛନ୍ତି ବୋଲି ସରପଞ୍ଚ ସୂଚନା ଦେଇଥିଲେ। ପ୍ରକଳ୍ପଟି ଅଚଳ ଅବସ୍ଥାରେ ପଡ଼ିରହିଥିବାରୁ ପାଣି ଟୋପାଏ ପାଇଁ ପ୍ରକଳ୍ପ ଉପରେ ନିର୍ଭର କରି ଆସୁଥିବା ଲୋକମାନେ ନାହିଁ ନ ଥିବା ହିନସ୍ତା ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ, ସ୍ଥାନୀୟ ସରପଞ୍ଚ ଏବଂ ପଞ୍ଚାୟତ ପିଇଓ ଏ ବିଷୟରେ ଭିତିରିଆ ସମାଧାନ ପାଇଁ ମସୁଧା ଚଳାଉଥିବାବେଳେ ବିଡିଓଙ୍କ କର୍ଣ୍ଣଗୋଚର ହେଇଥିଲା। ବିଡିଓଙ୍କ ହସ୍ତକ୍ଷେପ ପରେ ପ୍ରକଳ୍ପକୁ ତଦାରଖ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯନ୍ତ୍ରୀ ପ୍ରକାଶ ମହାନ୍ତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ଗାଁରେ ପାଣି ପାଇଁ ହାହାକାର। ନିର୍ମାଣ ହୋଇଛି ସୌରଚାଳିତ ପାନୀୟଜଳ ପ୍ରକଳ୍ପ। ପାଣି ଟାଙ୍କି ବସିଛି, ସୋଲାର ପ୍ଲେଟ୍ ଲାଗିଛି ଆଉ ଟ୍ୟୁବ୍‌ୱେଲ୍ ସହ ପାଇପ୍ ସଂଯୋଗ ହୋଇଛି ସତ ହେଲେ ମଟର ଚାଲୁନି କି ଟାଙ୍କିକୁ ପାଣି ଯାଉନି। ପାଣି ଟୋପାଏ ପାଇଁ ଗାଁର ଲୋକମାନେ ଦୂରଦୂରାନ୍ତ ନଳକୂଅ ଉପରେ ନିର୍ଭର କରୁଛନ୍ତି।

## ■ ବିକାଶ ମେଳାର ୬ଷ୍ଠ ସନ୍ଧ୍ୟା

# କୃଷକ ନ ଥାଇ କୃଷି ଆଲୋଚନା



ନୟାଗଡ଼, ୧୭।୬(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିକାଶ ମେଳା ୬ଷ୍ଠ ସନ୍ଧ୍ୟାରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଓ ଡେପୁଟି କଲେକ୍ଟର ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କୃଷି ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂହ ପଟ୍ଟନାୟକ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଅନୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ କିନ୍ତୁ ସଭାରେ ଜଣେ ବି କୃଷକଙ୍କୁ ଦେଖିବାକୁ ମିଳିନଥିଲା। ମଞ୍ଚ ତଳେ କିଛି ବୁଦ୍ଧିଜୀବୀ ଉପସ୍ଥିତ ଥିବାବେଳେ ସଭାର ୯୦ ପ୍ରତିଶତ ଚୌକି ଖାଲି ପଡ଼ିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିଲେ ମଧ୍ୟ କାର୍ଯ୍ୟକ୍ରମକୁ ଲୋକ ନ ଆସିବା ଭିନ୍ନ ବାର୍ତ୍ତା ଦେଉଛି। ବିକାଶ ମେଳା ନାଁରେ ଯେତିକି ଅର୍ଥ ବ୍ୟୟ କରାଗଲା, ଉକ୍ତ ଅର୍ଥରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇ ପାରିଥା’ନ୍ତା।

## ■ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# ଦିନତମାମ ଇଓଡବ୍ଲ୍ୟୁ ଅଧିକାରୀଙ୍କ ଛାନ୍‌ଭିନ୍



ନୟାଗଡ଼, ୧୭।୬(ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ବରିଷ୍ଠ ଅଧିକାରୀ ମଙ୍ଗଳବାର ଦିନତମାମ ଛାନ୍‌ଭିନ୍ କରିଛନ୍ତି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବ୍ୟାପକ ପରିମାଣର ଅର୍ଥ ହେର୍‌ଫେର୍ ଏବଂ ଇନ୍‌କମ୍ ଟ୍ୟାକ୍ସ ଫାଙ୍କିବାରୁ ଏକାଧିକ ପ୍ୟାନ୍‌କାର୍ଡ ବ୍ୟବହାର କରାଯାଇଛି। ଯାହାକୁ ନେଇ ଇନ୍‌କମ୍ ଟ୍ୟାକ୍ସ ବିଭାଗ ୩୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଗତ ଦିନରେ ଜରିମାନା କରିଥିଲେ। ଏହି ଜରିମାନା ଏବଂ ଇନ୍‌କମ୍ ଟ୍ୟାକ୍ସ ଫାଙ୍କିବା ପାଇଁ ହୋଇଥିବା ପ୍ୟାନ୍ କାର୍ଡ ଜାଲିଆତିରୁ ବ୍ୟାଙ୍କକୁ ରକ୍ଷା କରିବା ପାଇଁ ପରିଚାଳନା ପରିଷଦ ଏକ ଏଜେନ୍ସିକୁ ଦାୟିତ୍ୱ ଦେଇଥିଲେ। ଉକ୍ତ ଏଜେନ୍ସିକୁ ପାରିଶ୍ରମିକ ବାବଦ ୨ କୋଟି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଯାହା ବେଆଇନ ବୋଲି ସମ୍ପାଦକ ଅଜୟ ପଟ୍ଟନାୟକ ବିଗତ ଦିନରେ ଅଭିଯୋଗ କରିଥିଲେ। ଉକ୍ତ ୨ କୋଟି ୧୦ ଲକ୍ଷ ଟଙ୍କା ଦେଣନେଣକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖାର ଜଣେ ଇନ୍ସପେକ୍ଟର ମଙ୍ଗଳବାର ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଆସି ଯାଞ୍ଚ କରିଛନ୍ତି। ବ୍ୟାଙ୍କର ବିଭିନ୍ନ ପ୍ରକାର କାଗଜପତ୍ରକୁ ତନଖି କରିବା ସହ କର୍ମଚାରୀଙ୍କୁ ଏନେଇ ପଚରାଉଚରା କରାଯାଇଥିବା ସୂଚନା ମିଳିଛି। ଇଓଡବ୍ଲ୍ୟୁ ପକ୍ଷରୁ ହୋଇଥିବା ତଦନ୍ତକୁ ବ୍ୟାଙ୍କ ସମ୍ପାଦକ ଅଜୟ ପଟ୍ଟନାୟକ ସ୍ୱୀକାର କରିଛନ୍ତି। ଓସିଏ ଆକ୍ଟ ୬୫ ତଦନ୍ତ ପରେ ରାଜ୍ୟ ସରକାର ଏହି ମାମଲାକୁ ଇଓଡବ୍ଲ୍ୟୁକୁ ହସ୍ତାନ୍ତର କରିଥିଲେ। ମଙ୍ଗଳବାର ତଦନ୍ତ ସମୟରେ ଯାହା କାଗଜପତ୍ର ଇଓଡବ୍ଲ୍ୟୁ ଅଧିକାରୀ ମାଗିଥିଲେ, ତାହା ପ୍ରଦାନ କରାଯାଇଥିବା ବ୍ୟାଙ୍କ ସମ୍ପାଦକ କହିଛନ୍ତି।

## ■ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନ

# ବ୍ଲକ୍ ପାଲଟିଲା ବିଜେପି ପାର୍ଟି ଅଫିସ୍ !

ନୟାଗଡ଼, ୧୭।୬(ସମିସ): ଭାପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହ ପାଲଟିଲା ବିଜେପି ପାର୍ଟି ଅଫିସ୍। ଦଳୀୟ ଚିହ୍ନ ଥିବା ବ୍ୟାନର ତଳେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଅନୁଷ୍ଠିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଅନେକ ବିଜେପି କର୍ମୀ ସାମିଲ ହୋଇଥିବାବେଳେ ଖୋଦ୍ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲ୍‌ଦାର ଅର୍ଜୁନ ପ୍ରଧାନ, ଅତିରିକ୍ତ ତହସିଲ୍‌ଦାର ରାଜାରାମ ଛତ୍ରିଆ ଉପସ୍ଥିତ ରହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମ କରିବାକୁ କିଏ ଅନୁମତି ଦେଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଥିବାବେଳେ ଭାପୁର ତହସିଲ୍‌ଦାର ଓ ବିଡିଓ ବିଜେପିରେ ମିଶିଗଲେ କି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିଡିଓ ଏବଂ ତହସିଲ୍‌ଦାର ଦୁଇ ଜଣ ସରକାରୀ ଅଧିକାରୀ ଯଦି ଏହି ସରକାରୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ତେବେ ଉକ୍ତ କାର୍ଯ୍ୟକ୍ରମରେ ବିଜେପି ଦଳୀୟ ଚିହ୍ନ ଥିବା ବ୍ୟାନର କିଭଳି ଲାଗିଲା ବୋଲି ପ୍ରଶ୍ନ ଉଠିଛି। ବିଧାୟକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାବେଳେ ଉକ୍ତ କାର୍ଯ୍ୟକ୍ରମ ମଞ୍ଚରେ ଦଳୀୟ କର୍ମୀଙ୍କୁ ବସାଇବାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି।



ବିଡିଓ ଓ ତହସିଲ୍‌ଦାରମାନେ କରୁଥିବା ଏଭଳି ମନମୁଖୀ କାର୍ଯ୍ୟ ଉପରେ ଜିଲ୍ଲା ପ୍ରଶାସନ ଲଗାମ ଲଗାଇବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ, ଏହି ଘଟଣାକୁ ନେଇ ଭାପୁର ବିଡିଓଙ୍କ ମତାମତ ନେବାରେ, ତହସିଲଦାର ଭଡ଼ା ସୂତ୍ରରେ ସଭାଗୃହ କାର୍ଯ୍ୟକ୍ରମ ପାଇଁ ନେଇଥିବା କହିଛନ୍ତି। ମଝିରେ କେତେବେଳେ ଆସି ଉକ୍ତ ବ୍ୟାନର ଲାଗିଲା ମୁଁ ଜାଣିନି ବୋଲି ବିଡିଓ କହିଛନ୍ତି। ଏନେଇ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତଙ୍କ ମତାମତ ନେବାରେ, ଏହା ଆଦୌ ଠିକ୍ କଥା ନୁହେଁ ବୋଲି କହିଛନ୍ତି।

# ଲୁଟ୍‌ବେଳେ ଲୋକଙ୍କ ହାବୁଡ଼ରେ ଲୁଟେରା

ଭାପୁର, ୧୭।୬(ସମିସ): ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କଠାରୁ ଅନ୍ୟ ଏକ ବାଇକ୍‌ରେ ଆସି ଦୁଇ ଯୁବକ ମୋବାଇଲ୍ ଝାମ୍ପି ନେଉଥିବାବେଳେ ଜଣେ ଦୁର୍ବୃତ୍ତକୁ ଧରି ଗ୍ରାମବାସୀ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଅନ୍ୟ ଜଣେ ଦୁର୍ବୃତ୍ତ ଫେରାର୍ ହୋଇଯାଇଛି।

ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କରବର ପଞ୍ଚାୟତ ବଡ଼ବର ଗ୍ରାମର ସୁନିଲ୍ ଭୋଳ ସୋମବାର ସନ୍ଧ୍ୟାରେ କଟକ ଜିଲ୍ଲା ବୈଦେଶ୍ୱର ଗ୍ରାମରୁ ବାଇକ୍‌ରେ ନିଜ ଘରକୁ ଫେରୁଥିବାବେଳେ ଅମରନାଥ ମନ୍ଦିର ନିକଟରେ ଫୋନ୍ କଲ୍ ଆସିଥିଲା। ସେଠାରେ ସେ ବାଇକ୍ ରଖି ଫୋନ୍‌ରେ କଥା ହେଉଥିବାବେଳେ ସେହି ଦିଗରୁ ଦୁଇ ଜଣ ଯୁବକ ଦ୍ରୁତଗତିରେ ଆସି ସୁନିଲଙ୍କ ମୋବାଇଲକୁ ଝାମ୍ପି ନେଇ ତାଙ୍କରି ଗାଁ ପଟକୁ ଚାଲି ଆସିଥିଲେ। ଏହି ଅବସ୍ଥାରେ ସୁନିଲ୍ ବାଇକ୍‌ରେ ତାଙ୍କୁ ଗୋଡ଼େଇ ମାଣିତ୍ରୀ ଗ୍ରାମ ନିକଟରେ ବଡ଼ମ୍ବା ଥାନା ଗୋପିନାଥପୁର ପଞ୍ଚାୟତ ଚଣ୍ଡୀମଙ୍ଗଳ ଗ୍ରାମର ଦେବ ମଲ୍ଲିକଙ୍କୁ ଧରିଥିଲେ। ତାଙ୍କଠାରୁ ଏକ ବାଇକ୍‌କୁ ଜବତ କରାଯାଇଛି। ଅନ୍ୟ ଜଣେ ସହଯୋଗୀ ଫେରାର୍ ହୋଇଯାଇଥିଲା। ଚୋରି ମୋବାଇଲ୍ ଗ୍ରାମବାସୀ ଉଦ୍ଧାର କରିବା ସହିତ ଉତ୍ତମ ମଧ୍ୟମ ଦେଇ ଅଭିଯୁକ୍ତକୁ ପୁଲିସକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

# ରଣପୁର ଅଞ୍ଚଳରେ କାଉ ମଡ଼କ; ବାର୍ଡ ଫ୍ଲୁ ଆଶଙ୍କା

ରଣପୁର, ୧୭।୬(ସମିସ): ରଣପୁର ବ୍ଲକ ସୁର୍କାବାଡ଼ି ପଞ୍ଚାୟତରେ କାଉ ମଡ଼କ ଦେଖିବାକୁ ମିଳିଛି। ଗ୍ରାମରେ ଏବଂ ଗ୍ରାମ ବାହାରେ ବ୍ୟାପକ କାଉ ମରି ପଡ଼ିଥିବା ଦେଖାଯିବା ସହ ରୋଗାଗ୍ରସ୍ତ ହୋଇ ଅନେକ କାଉ ଏଠି ସେଠି ପଡ଼ିଥିବା ସୂଚନା ମିଳିଛି। ମୃତ କାଉ ଏବଂ ରୋଗାଗ୍ରସ୍ତ କାଉଗୁଡ଼ିକୁ ଦେଖି ସ୍ଥାନୀୟ ଲୋକେ ବାର୍ଡ ଫ୍ଲୁ ଆଶଙ୍କା କରୁଥିବାବେଳେ ଅନ୍ୟ କୌଣସି ଅଜଣା ରୋଗର ଲକ୍ଷଣ ବୋଲି କହୁଛନ୍ତି। ନିୟମିତ ବର୍ଷା କିମ୍ବା ଅଞ୍ଚଳରେ ଅବାଧ ଦେଶୀ ମଦ ରନ୍ଧା ଯୋଗୁଁ ସେଥିରୁ ବାହାରୁଥିବା ଦୁର୍ଗନ୍ଧମୟ ପୋଚ ପରିବେଶକୁ ପ୍ରଦୂଷିତ କରୁଛି। ସେହି ପ୍ରଦୂଷଣ ଯୋଗୁଁ ଏହିପରି କାଉ ମରିପଡ଼ିଥିବା କିଛି ବୁଦ୍ଧିଜୀବୀ ମହଲରେ ସନ୍ଦେହ କରାଯାଉଛି। ଆଜକୁ ୮ ଦିନ ହେବ ଏପରି ଘଟଣା ଘଟିଥିଲେ ମଧ୍ୟ ପ୍ରଶାସନିକସ୍ତରରେ କୌଣସି ତଦାରଖ କରାଯାଇନାହିଁ। ତେଣୁ ସ୍ଥାନୀୟ ପ୍ରଶାସନ ଏ ଦିଗରେ ତଦାରଖ କରି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିବେଦନ କରାଯାଇଛି।

# ତାସ୍ ଟୁର୍ଣ୍ଣାମେଣ୍ଟ: କଇଁଫୁଲିଆ ଓ ରାମପଡ଼ା ବିଜୟୀ

ଭାପୁର, ୧୭।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ସୁଆମଢ଼ିପି ଗ୍ରାମରେ ରଜ ଉପଲକ୍ଷେ ଏକ ଦିବାରାତ୍ର ତାସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ୩୨ଟି ଦଳ ଭାଗ ନେଇଥିଲେ। ଗ୍ରାମର ନେତାଜୀ ଯୁବକ ସଂଘ ତରଫରୁ ତ୍ରିନାଥ ମନ୍ଦିର ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଯୁବକ ସଂଘ ସଭାପତି ପ୍ରଭାକର ବିହାରୀ ଓ ସମ୍ପାଦକ ସୁଦାମ ପାତ୍ରଙ୍କ ସହ ୨୫ ଜଣ ସଭ୍ୟ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବାଇଗୁଣିଆ, ଧଳାବନ୍ଧ, କେଶରସିଂ, ଲୁଣିଆଉଟି, ସୁଆମଢ଼ିପି, ଓଳାସ, କୁଞ୍ଜବନପ୍ରସାଦ, କୁଞ୍ଜବିହାରୀପୁର ଶାସନ, କଇଁଫୁଲିଆ, ବରପୁଟ, ଗୋଡ଼ିଆଳି, ନିମାଣୀ, ଅରଖପଲ୍ଲୀ, ବଡ଼ସହରା, ରାମପଡ଼ା, ଚକ୍ରଧରପ୍ରସାଦ ଗ୍ରାମର ଦଳଗୁଡ଼ିକ ଭାଗ ନେଇଥିଲେ। ଫାଇନାଲରେ କଇଁଫୁଲିଆ ଓ ରାମପଡ଼ା ପ୍ରବେଶ କରିଥିଲେ। ଉଭୟେ ଯୁଗ୍ମ ବିଜେତା ଘୋଷିତ ହୋଇଥିଲେ।

## ■ ଉମାଦେବୀ ରଜ ମହୋତ୍ସବ ଉଦ୍‌ଯାପିତ

# ଶୁଭଲକ୍ଷ୍ମୀ ଚଳିତ ବର୍ଷର ରଜ କୁଇନ୍




ଖଣ୍ଡପଡ଼ା, ୧୭।୬(ସମିସ): ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ମା’ ଉମାଦେବୀଙ୍କ ପୀଠରେ ୪ଦିନ ଧରି ଚାଲିଥିବା ରଜ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଭାରତ ସରକାରଙ୍କ କ୍ରୀଡ଼ା ପ୍ରଶାସକ ଭାରତୀ ଭୂଷଣ ମିଶ୍ର, ଯୁବ ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ସମାଜସେବୀ ଅଖିଳ ମହାରଣା ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମା’ ଉମାଦେବୀ ସେବକ ସଂଘ ପକ୍ଷରୁ ଗତ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ହୋମଯଜ୍ଞ, ପୂଜାର୍ଚ୍ଚନା, ପୌରାଣିକ ନାଟକ, କିଶୋରୀମାନଙ୍କ ଦ୍ୱାରା ରଜ କୁଇନ୍ ପ୍ରତିଯୋଗିତା ଖୁବ୍ ଧୁମ୍‌ଧାମରେ ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ରଜ କୁଇନ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶୁଭଲକ୍ଷ୍ମୀ ନାୟକ ଚଳିତ ବର୍ଷର ରଜ କୁଇନ୍ ବିବେଚିତ ହୋଇଥିବାବେଳେ ଅଙ୍କିତା ପଣ୍ଡା ଦ୍ୱିତୀୟ ଏବଂ ଅନ୍ନପୂର୍ଣ୍ଣା ବେହେରା ତୃତୀୟ ସ୍ଥାନରେ ରହି ସନ୍ତୁଷ୍ଟ ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଧର ଡାକୁଆ, ସୁଶାନ୍ତ ମହାରଣା, ଗୋପୀନାଥ ମହାରଣା, ଦଇତାରୀ ଦାସ, ଦିଲ୍ଲୀପ ସାହୁ, ତପନ ସାହୁ, ଜଗନ୍ନାଥ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ଓ ଲକ୍ଷ୍ମୀଧର ସାହୁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ସଭାପତି ଗିରିଜା ପ୍ରସାଦ ମିଶ୍ର ଏବଂ ସମ୍ପାଦକ ପ୍ରଦୀପ୍ତ କିଶୋର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା

# ସାଂଗଠନିକ ବୈଠକରେ କର୍ମୀଙ୍କୁ ମନ୍ତ୍ର ଦେଲେ ତାରା

ନୟାଗଡ଼, ୧୭।୬(ସମିସ):




ପ୍ରଦେଶ କଂଗ୍ରେସ ନିର୍ଦ୍ଦେଶ ଅନୁସାରେ ମଙ୍ଗଳବାର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା ଓ ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ, ପିସିସି ସମ୍ପାଦକ ୟାସିର ନୱାଜ୍ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠିତ ପଦଯାତ୍ରାରେ ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଓ ଯୁବ ସଂଗଠକ ଯୋଗଦେଇ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ନୂଆ ରାଜବାଟୀ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରାବେଳେ କଂଗ୍ରେସ କର୍ମୀଙ୍କ ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ ନାରା ଦେବା ସହ ମୋଦୀ ବିରୋଧୀ ନାରାରେ ନୟାଗଡ଼ ପ୍ରକମ୍ପିତ କରିଥିଲେ।

ଏକ ବର୍ଷର ବିଜେପି ସରକାର ନୟାଗଡ଼କୁ ଏକ ବର୍ଷ ଭିତରେ କ’ଣ ଦେଇଛନ୍ତି ବୋଲି ଶ୍ରୀ ବାହିନୀପତି ପ୍ରଶ୍ନ କରିବା ସହ ସରକାରଙ୍କ ଉପରେ ବର୍ଷିଥିଲେ। ୩୦୦ ୟୁନିଟ୍ ବିଦ୍ୟୁତ୍, ନୟାଗଡ଼ ଚିନିକଳ, ପ୍ରତି ପଞ୍ଚାୟତରେ ୧୦୦ ଯୁବକଙ୍କୁ ଚାକିରି, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଆଦି ପ୍ରତିଶ୍ରୁତି ପୂରଣ ନ କରି ଲୋକଙ୍କୁ ବିଜେପି ସରକାର ପ୍ରତାରଣା କରିଛି ବୋଲି ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ। ନୂଆ ରାଜବାଟୀଠାରେ ଅନୁଷ୍ଠିତ ସାଂଗଠନିକ ସଭା ଓ ସମାବେଶରେ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ମୋଦୀ ସରକାର ଓ ରାଜ୍ୟରେ ମୋହନ ସରକାର ଯେପରି ଭାବରେ ସମ୍ବିଧାନକୁ ଦୁରୁପଯୋଗ କରୁଛନ୍ତି, ଇଡି, ସିବିଆଇ ଲଗାଇ ନେତୃସ୍ଥାନୀୟ ଲୋକଙ୍କୁ ଭୟଭୀତ କରୁଛନ୍ତି ତାହା ଗଣତନ୍ତ୍ରର ହତ୍ୟା ବୋଲି କହିଥିଲେ। ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ୍ ଏବଂ ବିଧାୟକ ଶ୍ରୀ ବାହିନୀପତି ଆଗାମୀ ଦିନରେ ନୟାଗଡ଼ ସଂଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। କୃଷକ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ଜିଲ୍ଲା ସଂଯୋଜକ ସତ୍ୟବ୍ରତ ନାୟକ, ପୂର୍ବତନ ଜିଲ୍ଲା ସଭାପତି ରଣଜିତ୍ ଦାସ, ବରିଷ୍ଠ ନେତା ମନୋଜ ସାହୁ, ହୁସେନ ଖାଁ, ବିଭୁ ପ୍ରସାଦ ମିଶ୍ର, ବୈଜୟନ୍ତିମାଳା ମହାନ୍ତି, ସରୋଜ ପରିଡ଼ା, ସୁଶାନ୍ତ ଶତପଥି ପ୍ରମୁଖ ଯୋଗଦେଇ ସମାବେଶକୁ ସଫଳ କରିଥିଲେ।

# ଦୋକାନ ଭିତରକୁ ଚଢ଼ିଗଲା କାର୍; ଜଣେ ମୃତ

ଖୋର୍ଦ୍ଧା,୧୭।୬(ସମିସ): ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥର ପୁରୁସାହି ଛକରେ ମଙ୍ଗଳବାର ଅପରାହ୍ଣରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଲସି ଓ ପାନ ଦୋକାନ ଉପରେ ଏକ କାର୍ ଚଢ଼ିଯିବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପୁରୁସାହି ଚାନ୍ଦପୁର ଗ୍ରାମର ଶ୍ରୀନିବାସ ବେହେରା (୫୩)। ସେ ବିଦ୍ୟୁତ୍ ବିଭାଗରେ ଲାଇନ୍ସ ମ୍ୟାନ୍ ଭାବେ କାମ କରୁଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଆଦର୍ଶ ଥାନା ପୁଲିସ କାର୍ ଓ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।



ସୂଚନା ଅନୁସାରେ, ଭୁବନେଶ୍ୱରରୁ ନୟାଗଡ଼ ଟିକିରିପଡ଼ା ଅଭିମୁଖେ ଏକ କାର୍ ଯାଉଥିଲା। ପୁରୁସାହି ଛକରେ ଥିବା ଲସି ଓ ପାନ ଦୋକାନ ଆଗରେ ୪ ଜଣ ବାଇକ୍ ଚାଳକ ପାର୍କିଂ କରି ଠିଆ ହୋଇଥିଲେ। ଏହି ସମୟରେ ଉକ୍ତ କାର୍ ଦ୍ରୁତଗତିରେ ଆସି ଦୋକାନ ନିକଟରେ ଥିବା ଏକ କାର୍ ସମେତ ୩ଟି ବାଇକ୍‌କୁ ଧକ୍କା ଦେଇ ଆଗ ଚକାରେ ଏକ ବାଇକ୍‌କୁ ଘୋଷାରି ନେଇ ଦୋକାନ ଭିତରକୁ ପସିଯାଇଥିଲା। ଦୋକାନ ମାଲିକ, ବାଇକ୍ ଚାଳକ ସମେତ ୪ଜଣ ବାହାରକୁ ଛିଟିକି ପଡ଼ି କୌଣସି ମତେ ଜୀବନ ବଞ୍ଚାଇଥିଲେ। ଶ୍ରୀନିବାସଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲୋକେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ହୁଲ୍ଲାସଚନ୍ଦ୍ର ବେହେରାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି କାର୍ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। କାର୍ ଚାଳକ ନିୟନ୍ତ୍ରଣ ହରାଇବାରୁ ଏହି ଦୁର୍ଘଟଣା ଘଟାଇଥିବା ପୁଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି।

# ଶେଷ ପର୍ଯ୍ୟାୟରେ ଅନନ୍ତପୁରୁଷୋତ୍ତମ ଦେବଙ୍କ ରଥ ନିର୍ମାଣ

ଖୋର୍ଦ୍ଧା,୧୭।୬(ସମିସ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ଘୋଷଯାତ୍ରା। ରଥରେ ମହପ୍ରଭୁଙ୍କ ଦର୍ଶନ ଅପେକ୍ଷାରେ ଲକ୍ଷାଧିକ ଭକ୍ତ। ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ ଚଳଚଞ୍ଚଳ ହୋଇଥିବାବେଳେ ଖୋର୍ଦ୍ଧା ଉପକଣ୍ଠରେ ଥିବା ଜାଗୁଳେଇପାଟଣାସ୍ଥିତ ପୂର୍ଣ୍ଣ ବିଗ୍ରହ ଶ୍ରୀଅନନ୍ତପୁରୁଷୋତ୍ତମଙ୍କ ଘୋଷଯାତ୍ରାର ପ୍ରସ୍ତୁତି ଜାରି ରହିଛି। ଠାକୁରଙ୍କ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ସାଙ୍ଗକୁ ରଥଯାତ୍ରା ପ୍ରସ୍ତୁତି କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ ନିର୍ମାଣ। ନେତ୍ର ଉତ୍ସବ ପୂର୍ବରୁ ରଥ ନିର୍ମାଣ କାମ ସରିବ ବୋଲି ସେ ସୂଚନା ଦେଇଛନ୍ତି। ଶ୍ରୀ ମହାରଣା କହିଛନ୍ତି, ରଥର ଉଚ୍ଚତା ୪୦ ଫୁଟ୍ ଏବଂ ଚଉଡ଼ା ୨୨ ଫୁଟ୍ ରହିଛି। ୪ଟି ଚକ, ୨ଟି ଘୋଡ଼ା ଖଞ୍ଜାଯାଇଥାଏ। ଚକର ଉଚ୍ଚତା ୬ ଫୁଟ୍, ମୋଟେଇ ୮ଇଞ୍ଚ ଏବଂ ତୁମ୍ବ ୧୬ ଇଞ୍ଚ ରହିଛି। ବର୍ତ୍ତମାନ ସୁଦ୍ଧା ରଥର



ଚକଅଖ ଯୋଗ, ମୁହାଣ୍ଡି, ନାହାକ କୁମ୍ଭ ଓ ଚାରି ପୁରଛନ୍ଦ କାମ ସାଙ୍ଗକୁ ଅଁଳାଶ୍ରୀ, କଳସ ଉଠାଣ, ଶୁଆ ବନ୍ଧା ଓ ବେଦୀ ଘର କାମ ମଧ୍ୟ ସରିଥିବାବେଳେ ଅନ୍ୟାନ୍ୟ ଛୋଟ ଛୋଟ କାମ ବାକି ରହିଛି।

ବିଶ୍ୱକର୍ମା ଶ୍ରୀ ମହାରଣା କୁହନ୍ତି, ୨୨ବର୍ଷ ବୟସରେ ଅନନ୍ତପୁରୁଷୋତ୍ତମ ଦେବଙ୍କ ରଥ ନିର୍ମାଣ ଆରମ୍ଭ କରିଥିଲି ଓ ଏବେ ବୟସ ୬୮ରେ ପହଞ୍ଚିଲାଣି। ଏଠାରେ ୧୯୮୦ ମସିହାରେ ରଥଯାତ୍ରା ଆୟୋଜିତ ହୋଇଥିଲା। ସେବେଠାରୁ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଥିବା କହିଛନ୍ତି। ସେହି ସମୟରେ ୫ଟଙ୍କା ଦେଢ଼ା ମଜୁରିରେ କାମ ଆରମ୍ଭ କରିଥିଲି। ମହାପ୍ରଭୁଙ୍କ ସେବାରେ ଅପୂର୍ବ ଆନନ୍ଦ ମିଳେ। ଜୀବନର ଶେଷବିନ୍ଦୁ ଥିବା ପର୍ଯ୍ୟନ୍ତ ଓ ରଥ ନିର୍ମାଣ କରୁଥିବି ବୋଲି ସେ କୁହନ୍ତି। ଅନ୍ୟପକ୍ଷରେ ଠାକୁର ଅଣସର ଘରେ ଥିବାବେଳେ ବନକ କାର୍ଯ୍ୟ ମଧ୍ୟ ଚାଲୁରହିଛି। ମନ୍ଦିର ପରିଚାଳନା କମିଟିର ତତ୍ତ୍ୱାବଧାନରେ ରଥ କାର୍ଯ୍ୟ ଚାଲିଥିବାବେଳେ ଏ ବର୍ଷର ରଥଯାତ୍ରାକୁ ଲୋକେ ଉତ୍ସାହ ଓ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି।

## ଗୋଟିଏ ରଥରେ ଦର୍ଶନ ଦେବେ ପୂର୍ଣ୍ଣବିଗ୍ରହ ଅନନ୍ତ ପୁରୁଷୋତ୍ତମ ଦେବ

କେତେବେଳେ ପୂର୍ଣ୍ଣବିଗ୍ରହ (ହାତ, ଗୋଡ଼ ଥିବା) ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ରତ୍ନସିଂହାସନ ଛାଡ଼ି ରଥରୁଢ଼ ହେବେ। ସେଇ ଅପୂର୍ବ ଦର୍ଶନ ର ସମୟକୁ ଚାହିଁ ରହିଛନ୍ତି ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ। ମନ୍ଦିରର ପୂଜକ କମଳଲୋଚନ ଦାସ ମହାରାଜଙ୍କ ସୂଚନା ଅନୁଯାୟୀ, ୧୯୮୦ ମସିହାଠାରୁ ଏଯାବତ୍ ଗ୍ରାମବାସୀ ଓ କିଛି ଲୋକପ୍ରତିନିଧିଙ୍କ ସହାୟତାରେ ନିୟମିତ ଭାବେ ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ମଠକୁ ଇତିମଧ୍ୟରେ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ଠାକୁରଙ୍କର ସିଂହାସନର ଉତ୍ତରପାର୍ଶ୍ୱରେ ମା' ମହାଲକ୍ଷ୍ମୀ ପୂଜା ପାଉଥିବାବେଳେ ମଧ୍ୟଭାଗରେ ରହିଛି ଯଜ୍ଞବେଦୀ। ଦକ୍ଷିଣପାର୍ଶ୍ୱରେ ମହାଦେବ ଓ ମଠ ପ୍ରତିଷ୍ଠାତାଙ୍କ ଗୁରୁଗାଦିଙ୍କ ସମାଧି ରହିଛି। ପଶ୍ଚିମ ପାଶ୍ୱର୍ରେ ରୋଷଘର ଏବଂ କାରୁଣକୁଣ୍ଡ ଅବସ୍ଥାପିତ ଥିବାବେଳେ ପୂର୍ବରେ ଗୀତାଭବନ ଓ ଅରୁଣସ୍ତମ୍ଭ ରହିଛି। ବିଶ୍ୱାସ ରହିଛି କାରୁଣକୁଣ୍ଡରେ ସ୍ନାନ କରିବା ପରେ ମାନସିକ ରଖିଲେ ନିଃସନ୍ତାନମାନେ ସନ୍ତାନପ୍ରାପ୍ତ ହୋଇଥା'ନ୍ତି। ଆଜି ମଧ୍ୟ ମଠରେ ବହୁ ସାଧୁସନ୍ଥ ଅବସ୍ଥାପିତ ଅଛନ୍ତି। ମଠରେ ଆବଶ୍ୟକତା ସମ୍ବଳ ଯୋଗାଡ଼ କରିବା ସେମାନଙ୍କୁ କଷ୍ଟସାଧ ହୋଇପଡୁଛି। ତେଣୁ ସାଧୁସନ୍ଥମାନେ ଭକ୍ତମାନଙ୍କ ସାହାର୍ଯ୍ୟରେ ଯାହା ମିଳିଥାଏ, ସେଥିରେ ଠାକୁରଙ୍କ ରୀତିନୀତି ସମ୍ପନ୍ନ କରିଥା'ନ୍ତି ବୋଲି ଜଣାଯାଇଛି। ଘୋଷଯାତ୍ରା ମଧ୍ୟ ସମାନ ଅବସ୍ଥା ଦେଖାଯାଇଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଓ ମନ୍ଦିରରୁ ଆୟ ଅର୍ଥରେ ଏଠାରେ ଘୋଷଯାତ୍ରା ହେଉଥିବା ଜଣାଯାଇଛି।

### ମଙ୍ଗଳାଯୋଡ଼ି ଆର୍ଦ୍ରଭୂମିରେ ବେଆଇନ ବନ୍ଧ ନିର୍ମାଣ

# ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ପାଇଁ ତହସିଲ୍‌ଦାରଙ୍କ ତାଗିଦ୍

ଟାଙ୍ଗୀ,୧୭।୬(ସମିସ): ଟାଙ୍ଗୀ ବଣ୍ୟପ୍ରାଣୀ ବନାଞ୍ଚଳ ଅଧୀନସ୍ଥ ମଙ୍ଗଳାଯୋଡ଼ି ବିହଙ୍ଗ ବିହାର ଆର୍ଦ୍ରଭୂମି ଅଞ୍ଚଳରେ ଟାଙ୍ଗୀ ଥାନା ଅଧୀନସ୍ଥ ସୁନ୍ଦରପୁର ଗ୍ରାମର କିଛି ଜମି ମାଫିଆ ବର୍ଷ ବର୍ଷ ଧରି ବିହଙ୍ଗମାନଙ୍କର ଚାରଣ ଭୂମିକୁ ଜବରଦଖଲ କରି ମାଟି ବନ୍ଧ ନିର୍ମାଣ କରୁଛନ୍ତି। ଟାଙ୍ଗୀ ତହସିଲ୍‌ଦାରଙ୍କୁ ଅଭିଯୋଗ ପରେ ମଙ୍ଗଳବାର ଅଚାନକ ତହସିଲ୍‌ଦାର ନିଷ୍ଠା ମହାପାତ୍ର, ରାଜସ୍ୱ ନିରୀକ୍ଷକ (ଟାଙ୍ଗୀ) ଅକ୍ଷୟ କୁମାର ବେହେରା ଘଟଣାସ୍ଥଳ ପରିଦର୍ଶନ କରି ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମଙ୍ଗଳାଯୋଡ଼ିକୁ ପକ୍ଷୀ ଅଭୟାରଣ୍ୟ ଘୋଷଣା କରିବାକୁ ସରକାର ଯୋଜନା କରୁଥିବାବେଳେ ସୁନ୍ଦରପୁର ଅଞ୍ଚଳର କିଛି ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ବିଦେଶାଗତ ପକ୍ଷୀମାନଙ୍କ ଚାରଣ ଭୂମି ଉପରେ ପଡ଼ିଥିବା ଜଣାପଡ଼ିବା ପରେ ପରିବେଶବିତ୍, ବିଭିନ୍ନ ପକ୍ଷୀ ସୁରକ୍ଷା ସମିତି ଏବଂ ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟଙ୍କ ସମେତ ସ୍ଥାନୀୟ ଜନସାଧାରଣ ଟାଙ୍ଗୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲ୍‌ଦାର ନିଷ୍ଠା ମହାପାତ୍ର ଟାଙ୍ଗୀ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେବା ପରେ ଘଟଣା ଅନୁସନ୍ଧାନ କରି କାର୍ଯ୍ୟବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ମାଫିଆଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ଉଦ୍‌ବେଗର ବିଷୟ ଏବେ ଦେଶୀୟ ପକ୍ଷୀମାନଙ୍କର ପ୍ରଜନନ ଋତୁ ଚାଲିଥିବାବେଳେ ଏଭଳି ବେଆଇନ ନିର୍ମାଣ ଦ୍ୱାରା ପକ୍ଷୀମାନଙ୍କର ଅଣ୍ଡା ଏବଂ ଶାବକମାନଙ୍କୁ ଯଥେଷ୍ଟ କ୍ଷତି ପହଞ୍ଚିବାର ଆଶଙ୍କା ଥିବା ବନ୍ୟପ୍ରାଣୀ ବିଶେଷଜ୍ଞ ଓ ପରିବେଶବିତ୍ ମତବ୍ୟକ୍ତ କରିଛନ୍ତି। ଏଭଳି ଘଟଣା ଜଣାପଡ଼ିବା ପରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ମଧ୍ୟ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ମଙ୍ଗଳବାର ତହସିଲ୍‌ଦାରଙ୍କ ପରିଦର୍ଶନ ସମୟରେ ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ପରିବେଶବିତ୍ ମାନସ ପ୍ରଧାନ, ସୁଜ୍ଞାନ ବେହେରା, କବିରାଜ ବେହେରା, ପ୍ରଫୁଲ୍ଲ ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ସ୍ନାନ ଉତ୍ସବରେ ମା' ଭଗବତୀଙ୍କ ରାଜରାଜେଶ୍ୱରୀ ବେଶ

ବାଣପୁର,୧୭।୬(ସମିସ): ରଜ ଉତ୍ସବର ତିନି ଦିନ ଧରି ଏକ ବସ୍ତ୍ର ପିନ୍ଧି ଅଗାଧୁଆରେ ରହିଥିବା ମା' ଭଗବତୀ ମଙ୍ଗଳବାରରେ ବସୁମତୀ ସ୍ନାନ ଅବସରରେ ମହାସ୍ନାନ କରି ରାଜ ରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ପ୍ରତ୍ୟୁଷରୁ ମା'ଙ୍କ ମନ୍ଦିରର ଦ୍ୱାରଫିଟା ପରେ ସେବାୟତମାନେ ମା'ଙ୍କୁ ହଳଦୀ, ରାଶି ତେଲ, ଚୁଆ, ଚନ୍ଦନ, ଅଗୁରୁ, କର୍ପୂର ଓ ଅତର ମିଶ୍ରିତ ୧୧ଗରା ସୁବାସିତ ଜଳରେ ମା'ଙ୍କୁ ମହାସ୍ନାନ କରାଇଥିଲେ। ମହାସ୍ନାନ ପରେ ମା' ଭଗବତୀ ହଳଦିଆ ପାଟ ପତନି ପିନ୍ଧି ସୁବର୍ଣ୍ଣ କିରଟୀ, ତାବିଜ ମାଳି, ବେଲପତ୍ର ମାଳି, ମକର କୁଣ୍ଡଳୀ, ଅଣ୍ଟାସୁତା, ଓଡ଼ିଆଣି, ପାହୁଡ଼, ନୂପୁର ପରିଧାନ କରି ପଦ୍ମଫୁଲ ଉପରେ ଉପବେଶନ ସହ ଗଜଲକ୍ଷ୍ମୀ ବେଶରେ ମା' ପଦ୍ମଫୁଲ ବିମଣ୍ଡିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରେ ବଲ୍ଲଭ, ମଙ୍ଗଳାର୍ପଣ ବଢ଼ି ସର୍ବସାଧାରଣଙ୍କୁ ଦର୍ଶନ ଦେଇଥିଲେ ମା'। ଏହି ଅବସରରେ ଖେଚୁଡ଼ି, ଏଣ୍ଡୁରି, ମହୁର, ଡାଲି, ଖଜା, କାନ୍ତି, କାକରା, ସରପୁଳି, ମାଠପୁଳି ଇତ୍ୟାଦି ନୈବେଦ୍ୟ ଅର୍ପଣ ପରେ ପହୁଡ଼ ପଡ଼ିଥିଲା। ମା'ଙ୍କ ଏହି ଅପୂର୍ବ ବେଶ ଦର୍ଶନ ଲାଗି ଦିନତମାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।



### ● ରଜରେ ଜମୁଛି ଜୁଆ ଖେଳର ଆସର

# ୪୬ ହଜାର ଟଙ୍କା ଜବତ; ୧୧ ଜୁଆଡ଼ି ଗିରଫ

ବାଲୁଗାଁ,୧୭।୬(ସମିସ): ଚାରିଆଡ଼େ ରଜପର୍ବ ଧୂମ୍‌ଧାମରେ ପାଳନ ହେଉଥିବାବେଳେ ଜୁଆଡ଼ିମାନଙ୍କ ପାଇଁ ପୁଷ ମାସ ସଦୃଶ ହୋଇ ପଡ଼ିଛି। ବେଫିକର ଭାବେ ବିଭିନ୍ନ ସ୍ଥାନରେ ଜୁଆ ଖେଳର ଆସର ବେଶ୍ ଜମୁଛି। ପୁଲିସ ମଧ୍ୟ କଡ଼ା ନଜର ରଖି ବାରମ୍ବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଜୁଆଡ଼ିଙ୍କୁ ଧରୁଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ପୁଲିସ ଥାନା ଅନ୍ତର୍ଗତ ଦୁଇଟି ଗ୍ରାମର ଜୁଆ ଆଡ୍ଡା ଉପରେ ପୃଥକ ଭାବେ ଚଢ଼ଉ କରି ୧୧ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେଠାରୁ ୪୫ ହଜାର ୭ଶହ ଟଙ୍କା ଜବତ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚିତ୍ତରଞ୍ଜନ ବିଶୋଇ, ଧୀରେନ ପାଇକରାୟ, ବିଷ୍ଣୁ ଦଳବେହେରା, ଗଣେଶ ମାନସିଂହ, ତପନ ଜାଲି ଓ ମାନସ ହରିଚନ୍ଦନ ବୋଲି ଜଣାପଡ଼ିଛି।

ଖବର ମୁତାବକ, ରଜ ପର୍ବରେ ବିଭିନ୍ନ ଗ୍ରାମରେ ଜୁଆ ଖେଳର ଆସର ବେଶ୍ ଜମିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ବାଲୁଗାଁ ପୁଲିସର ଏକ ଟିମ୍ ଶନିବାର ରାତିରେ ବାଲୁଗାଁ ଚିଲିକା କୂଳରେ ଜୁଆ ଖେଳ ଚାଲିଥିବାବେଳେ ସେଠାର ଚଢ଼ଉ କରି ୫ ଜୁଆଡ଼ିଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ନଗଦ ୬ହଜାର ଟଙ୍କା ଓ ୩ ମୁଠା ତାସ୍ ଜବତ କରିଥିଲେ। ସେହିପରି ଅନୁରୂପ ଭାବେ ସୋମବାର ଭୋର୍ ସମୟରେ ବଡ଼କୂଳ ବଜାର ମନ୍ଦିର ନିକଟରେ ଜୁଆଖେଳ ଚାଲୁଥିବା ଖବର ପାଇ ବାଲୁଗାଁ ଥାନା ଅଧିକାରୀ ଶ୍ରୀ ପରିଡ଼ା ଓ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଅତର୍କିତ ଭାବେ ଚଢ଼ଉ କରି ୬ଜଣ ଜୁଆଡ଼ିଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ନଗଦ ୩୯ ହଜାର ୭ଶହ ଟଙ୍କା ସମେତ ୫ଟି ମୋବାଇଲ୍ ଓ ୩ ମୁଠା ତାସ୍ ଜବତ କରିବାରେ ସଫଳ ହୋଇଥିଲେ। ପୁଲିସକୁ ଦେଖି ଆଉ କିଛି ଜୁଆଡ଼ି ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପୁଲିସ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ବାଲୁଗାଁ ଥାନା କେସ ନମ୍ବର ୧୬୩/୨୫ରେ ମାମଲା ରୁଜୁ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

## ଗୋମାଂସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ; ଜଣେ ଅଟକ

ଖୋର୍ଦ୍ଧା,୧୭।୬(ସମିସ): ସଦର ଥାନା ଅନ୍ତର୍ଗତ ନନ୍ଦପୁର ଛକରୁ ଏକ ଗୋମାଂସ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ପୁଲିସ ଜବତ କରିଛି। ଏହି ଘଟଣାରେ ପୁଲିସ ଗାଡ଼ି ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଦିଗରୁ ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ୍‌ରେ ଗୋମାଂସ ଭର୍ତ୍ତି ହୋଇ ଆସୁଥିବା ବିଶେଷ ସୂତ୍ରରୁ ଗୋ-ସୁରକ୍ଷା କର୍ମୀ ଖବର ପାଇଥିଲେ। ତେଣୁ ଉକ୍ତ ଗାଡ଼ିକୁ ନନ୍ଦପୁର ଛକ ପୂର୍ବରୁ ରାତି ପ୍ରାୟ ୯ଟାବେଳେ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଚାଳକ ଗାଡ଼ିକୁ ଦ୍ରୁତଗତିରେ ନେଇଯାଇଥିଲେ ହେଁ ଛକ ନିକଟରେ ଧରି ସଦର ପୁଲିସ ଜିମା ଦେଇଥିଲେ। ପୁଲିସ ଗାଡ଼ିକୁ ଯାଞ୍ଚବେଳେ ଗାଡ଼ିରେ ପ୍ୟାକିଂ ହୋଇ ରହିଥିବା ମାଂସ ଦେଖିବାକୁ ପାଇଥିଲା। ପୁଲିସ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

ବେଗୁନିଆ,୧୭।୬(ସମିସ): ବୋଲଗଡ଼ ବ୍ଲକ୍ ମାଣିବନ୍ଧ ପଞ୍ଚାୟତ ବଡ଼ପଦର ଗ୍ରାମର ଆଦିବାସୀ ସାହିରେ ମଙ୍ଗଳବାର ମଧ୍ୟାହ୍ନରେ ବିଦ୍ୟୁତ୍ ବିଭ୍ରାଟ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ଫଳସ୍ୱରୂପ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଥିବାରୁ ଘଟଣାକୁ ସମାଧାନ କରିବା ପାଇଁ ବିଦ୍ୟୁତ୍ ବିଭାଗର ଜେଇ ଓ କର୍ମଚାରୀ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଏଥିରେ ଲୋକମାନେ ଉତ୍କ୍ଷିପ୍ତ ହୋଇ କର୍ମଚାରୀଙ୍କୁ ଅଟକ ରଖିଥିବା ଖବର ପାଇ ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ ମଲ୍ଲିକ ଓ ଟିମ୍ ପହଞ୍ଚି ଥିଲେ। ଆଗାମୀ ଦିନରେ ସମୟ ଧାର୍ଯ୍ୟ କରାଯାଇ ସମାଧାନ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

### ■ ବାଲୁଗାଁରେ ଖାଦ୍ୟ ଓ ସୁରକ୍ଷା ବିଭାଗର ଚଢ଼ଉ

# ବାସି ଖାଦ୍ୟ ନଷ୍ଟ ସହ ଜରିମାନା ଆଦାୟ

ବାଲୁଗାଁ,୧୭।୬(ସମିସ): ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ଝାଡ଼ାବାନ୍ତି, ଡାଇରିଆ ବ୍ୟାପୁଥିବାବେଳେ ଏହାକ ଗୁରୁତ୍ୱର ସହ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ଅଞ୍ଚଳର ବିଭିନ୍ନ ହୋଟେଲ ଓ ରେଷ୍ଟୋରାଁ ଉପରେ ଚଢ଼ଉ କରି ଖାଦ୍ୟର ମାନ ଯାଞ୍ଚ କରିବା ସହ ଜନସାଧାରଣଙ୍କୁ ବାହାରେ ଖାଇବାକୁ ବାରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଖାଦ୍ୟ ଓ ସୁରକ୍ଷା ବିଭାଗ ତରଫରୁ ଚିଲିକା ବ୍ଲକ୍, ବାଲୁଗାଁ ଏନ୍‌ଏସି ଏବଂ ପୁଲିସ ପ୍ରଶାସନ ସାମିଲ୍ ହୋଇ ମିଳିତ ଭାବେ ଗତ ଦୁଇ ଦିନ ଧରି ଚଢ଼ଉ କରି ସମଗ୍ର ବାଲୁଗାଁ ଏନ୍‌ଏସି ଅଞ୍ଚଳର ବିଭିନ୍ନ ବଜାରସ୍ଥିତ ହୋଟେଲ, ରେଷ୍ଟୋରାଁ, ଜଳଖିଆ ଦୋକାନ, ଠେଲା ଗାଡ଼ି ଓ ଆହାର କେନ୍ଦ୍ର ଆଦିରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥର ମାନ, ସ୍ୱଚ୍ଛତା ସହିତ ଫୁଡ ଲାଇସେନ୍ସ ଆଦି ଯାଞ୍ଚ କରିଥିଲେ। ଚଢ଼ଉବେଳେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ହୋଟେଲରୁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିବାବେଳେ ନିମ୍ନମାନର ଓ ଫ୍ରିଜରରେ ରଖିଥିବା ବାସି ଖାଦ୍ୟ ସବୁକୁ ନଷ୍ଟ କରିଦିଆଯାଇଛି। ଏହା ସହ ବିଭିନ୍ନ ହୋଟେଲ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨୩ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏପରି ଯାଞ୍ଚ କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଓଡ଼ିଆର୍ଟର ରଜ କୁମାରୀ ହେଲେ କ୍ରିତିକା

ବାଲୁଗାଁ,୧୭।୬(ସମିସ): ବାଲୁଗାଁ ନିକଟ ବଡ଼କୁଳସ୍ଥିତ ଓଡିଆର୍ଟ ସେଣ୍ଟର ପକ୍ଷରୁ ମ୍ୟୁଜିୟମ୍ ପରିସରରେ ରଜ କୁମାରୀ ଉତ୍ସବ ପହିଲି ରଜରେ ଶୁଭାରମ୍ଭ ହୋଇଥିଲା। ରଜ ୩ଦିନ ଧରି ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଓଡ଼ିଆ ପାରମ୍ପରିକ ପ୍ରତିଯୋଗିତା ମଧ୍ୟରେ ପହିଲି ରଜରେ ପାନ ଭଙ୍ଗା, ପାନ ଖିଆ, ରଜ ପିଠା ଓ ମେହେନ୍ଦୀ ଲଗାଇବା ଆଦି ପ୍ରତିଯୋଗତା ଅନୁଷ୍ଠିତ ହୋଇଥିବାବେଳେ ରଜର ଦ୍ୱିତୀୟ ଦିବସ ରଜ ସଂକ୍ରାନ୍ତିରେ ଓଡ଼ିଆଣି ପରମ୍ପରାର ଖୋଟି ପକା, ପୁଚି ଖେଳ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ଶେଷ ରଜରେ ସଂଗୀତ, ନୃତ୍ୟ ଓ ସଜବାଜ ଆଦି ଓଡ଼ିଆ କଳା ସଂସ୍କୃତିକୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ରଜ କୁମାରୀ ବଛାଯାଇଛି। ତିନି ଦିନରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଭାବେ ଅର୍ପିତ୍ ପଲେଇ, ଜସ୍ମିନ ରାଉତ, ରାଜଶ୍ରୀ ଦାସ ଓ ମଧୁସ୍ମିତା ବିଶୋଇ ପ୍ରମୁଖ ପୁରସ୍କୃତ ହୋଇଥିବାବେଳେ ସମସ୍ତଙ୍କୁ ପଛରେ ପକାଇ ଚଳିତ ବର୍ଷ କ୍ରିତିକା ସୁବୁଦ୍ଧି ପ୍ରଥମ ସ୍ଥାନ ଅଧିକାର କରି ଓଡିଆର୍ଟର ରଜ କୁମାରୀ ଭାବେ ବିବେଚିତ ହୋଇଥିବାବେଳେ ମନିସା ପଣ୍ଡା ରନର୍ସଅପ୍ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶନ କୁମାର ଦାଶ, ନିର୍ଦ୍ଦେଶକ ସୁଧାଂଶୁ ତ୍ରିପାଠୀ, ମ୍ୟାନେଜର ସୌରଭ ପଣ୍ଡା ପ୍ରମୁଖ ବିଜେତାଙ୍କୁ ପୁରସ୍କୃତ କରିଥିଲେ।




# ମୁକ୍ତମଞ୍ଚ ନାଟକ ଉତ୍ସବ ଉଦ୍‌ଘାଟିତ

ବେଗୁନିଆ,୧୭।୬(ସମିସ): ସିମୋର ପଞ୍ଚାୟତ ଗଁପୁର ଗ୍ରାମରେ ପବିତ୍ର ରଜପର୍ବ ଉପଲକ୍ଷେ ମୁକ୍ତମଞ୍ଚ ନାଟକ ଉତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟଅତିଥି, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଅସିତ୍ କୁମାର ତ୍ରିପାଠୀ, ସମିତିସଭ୍ୟ ନଳିନୀ ପଣ୍ଡା ଓ ନବନିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ଶିକ୍ଷା ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଜୟଦୁର୍ଗା ନାଟ୍ୟ ସଂସଦ ପକ୍ଷରୁ 'କହିବାକୁ ଲାଜ ଶୁଣିଲେ ପାପ' ନାଟକଟିକୁ ଗ୍ରାମ୍ୟ ଯୁବ କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା।



# ଜଳନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ଦାବି

ବେଗୁନିଆ,୧୭।୬(ସମିସ): ବେଗୁନିଆ ବ୍ଲକ୍ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ ଓ ନୀଳକଣ୍ଠପୁର ଗ୍ରାମ ଭିତରକୁ ଯିବା ରାସ୍ତାର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ବର୍ଷା ଯୋଗୁଁ ପାଣି ଜମିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ଏହି ରାସ୍ତାଟି ବାଙ୍କୀ- ସିମୋର ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବାରୁ ଗ୍ରାମର ଜନସାଧାରଣ ଓ ଛାତ୍ରଛାତ୍ରୀମାନେ ଜମିଥିବା ପାଣି ଭିତରେ ପଶି ଯାତାୟାତ କରିଥା'ନ୍ତି। ଅପରପକ୍ଷରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତ ଦେଖାଦେଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଅଭିଯୋଗ କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳି ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବର୍ଷା ଋତୁ ଯୋଗୁଁ ପାଣି ଜମି ମଶା ଓ ମାଛି ବଂଶ ବୃଦ୍ଧି ପାଇବା ସହ ବିଭିନ୍ନ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଜଳନିଷ୍କାସନ କରିବା ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ସଚେତନ ନାଗରିକମାନେ ଦାବି କରିଛନ୍ତି।




# ଘାତକ ସାଜିଛି କୃତ୍ରିମ କଟ୍ ଡିଭାଇଡର

ଟାଙ୍ଗୀ,୧୭।୬(ସମିସ)



ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପରବାଏ ନାହିଁ

ଚାରି ମହାନଗରୀକୁ ସଂଯୋଗ, ଦୁର୍ଘଟଣାକୁ ରୋକିବା, କମ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟକୁ ନେଇ ଜାତୀୟ ରାଜପଥକୁ ସମ୍ପ୍ରସାରଣ କରାଗଲା। ଏପରିକି ବିଭିନ୍ନ ସ୍ଥାନରେ ଓଭରବ୍ରିଜ୍, ଅଣ୍ଡରପାସ୍ ମଧ୍ୟ କରାଗଲା। ଏସବୁ ସତ୍ତ୍ୱେ ଜାତୀୟ ରାଜପଥରେ ଦୁର୍ଘଟଣାକୁ କିନ୍ତୁ ଏଡ଼ାଇ ଦିଆଯାଇପାରୁ ନାହିଁ। ଏକାଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ କୃତ୍ରିମ ଡିଭାଇଡର ହୋଇଥିବାରୁ ଦୁର୍ଘଟଣା ଘଟିବା ଏବେ ସ୍ୱାଭାବିକ ଘଟଣାରେ ପରିଣତ ହୋଇଛି। ଏହି କୃତ୍ରିମ ଡିଭାଇଡରରେ ତରବରିଆ ଭାବେ ରାସ୍ତା ଅତିକ୍ରମଣ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି।

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନସ୍ଥ ଚଣ୍ଡେଶ୍ୱରର ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପ୍ ନିକଟରେ କୁହୁଡ଼ି ଫାଣ୍ଡି ନିକଟ ଭଳି ବିଭିନ୍ନ ସ୍ଥାନରେ ଏହି କଟ୍ ଡିଭାଇଡର ରହିଛି। ଫଳରେ ଏହି କଟ୍ ଡିଭାଇଡର ଦେଇ ଟ୍ରାଫିକ୍ ନିୟମକୁ ଆଖି ବୁଜି ଦେଇ ଦୁଇ ଚକିଆଠାରୁ ଚାରି ଚକିଆ ପର୍ଯ୍ୟନ୍ତ ଗାଡ଼ି ମୋଟର ରାସ୍ତା ଅତିକ୍ରମ କରିବା ଯୋଗୁଁ ବିପରୀତ ଦିଗରୁ ଆସୁଥିବା ଦ୍ରୁତଗାମୀ ଗାଡ଼ି ସହ ଧକ୍କା ହେବା ଫଳରେ ଅକାଳରେ ଜୀବନ ଯାଉଛି। ଏହି ବ୍ୟତିକ୍ରମ ଫଳରେ କ୍ଷତିପୂରଣ ଦାବିରେ ଘଣ୍ଟା ଘଣ୍ଟା ରାଜପଥ ମଧ୍ୟ ଅବରୋଧ ହେଉଛି। ଏହି ସମସ୍ୟା ପ୍ରତି ଜାତୀୟ ରାଜପଥ ବିଭାଗର କୌଣସି କ୍ଷତି ଘଟୁ ନ ଥିବାବେଳେ ଦୀର୍ଘ ସମୟ ରାଜପଥ ଅବରୋଧ ଫଳରେ ଜିଲ୍ଲା ତଥା ବ୍ଲକ୍ ପ୍ରଶାସନର ମୁଣ୍ଡବିନ୍ଧା ହେବା ଅଭ୍ୟାସରେ ପରିଣତ ହୋଇଛି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି କଟ୍ ଡିଭାଇଡର କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ସହ ଏଭଳି କୃତ୍ରିମ ଡିଭାଇଡରଗୁଡ଼ିକ ତୁରନ୍ତ ବନ୍ଦ କରିବା ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

# ଘୋଷ ଯାତ୍ରା ପୂର୍ବରୁ ରେଳ ଫାଟକ ହମ୍ପସ ମରାମତି ହେଉ

ନିରାକାରପୁର,୧୭।୬(ସମିସ): ଆଉ ୯ ଦିନ ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ପୁରୀକୁ ଏବେଠାରୁ ଦୈନନ୍ଦିନ ଲକ୍ଷାଧିକ ଭକ୍ତଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆରକ୍ଷୀ ବାହିନୀ, ଦମକଳ ବାହିନୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ପୁରୀ ନୂଆ ଜଗନ୍ନାଥ ସଡ଼କରେ ନିରାକାରପୁର ଦେଇ ପୁରୀ ଯାଉଛନ୍ତି। କିନ୍ତୁ ବଡ଼ ବିଡ଼ମ୍ବନାର ବିଷୟ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଫାଟକର ଉଭୟ ପାଶ୍ୱର୍ରେ ଯାତାୟାତ କରୁଥିବା ଯାନବାହନର ଗତିକୁ ନିୟନ୍ତ୍ରଣ କରିବାକୁ ସିମେଣ୍ଟ କଂକ୍ରିଟରେ ଦୁଇଟି ବଡ଼ ବଡ଼ ହମ୍ପସ ନିର୍ମାଣ କରାଯାଇଛି। ଯାହାକି ବର୍ତ୍ତମାନ ଅତିକ୍ରମ କରୁଥିବା ଯାନବାହନ ପାଇଁ ଘାତକ ପାଲଟିଛି। ଏହି ହମ୍ପସ ଦୁଇଟି ଏତେ ବଡ଼ ଆକାରରେ ହୋଇଛି ଯେ, ଗାଡ଼ିଗୁଡ଼ିକ ଅତିକ୍ରମ କଲାବେଳେ ଏହି ହମ୍ପସରେ ଘଷି ହୋଇ ଗାଡ଼ିର କ୍ଷତି ଘଟୁଛି। ଏହି ରେଳ ଫାଟକଟି ଅତ୍ୟଧିକ ଗହଳି ରହୁଥିବାରୁ ଗାଡ଼ିଗୁଡ଼ିକ ବଲାତ୍ମ କରି ଗାଡ଼ିକୁ ଘଷି ହେବାରୁ ବଞ୍ଚାଇବା ପାଇଁ ବାମରୁ ଡାହାଣକୁ କାଟି ନେବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଫଳରେ ଗାଡ଼ି ଚାଳକଙ୍କ ମଧ୍ୟରେ କଥା କଟାକଟିରୁ ହାତାହାତି ପର୍ଯ୍ୟନ୍ତ ଯାଉଛି। ପୁଣି ଏବେ ଏହି ହମ୍ପସକୁ ଲାଗି ଉଭୟ ପାଶ୍ୱର୍ରେ ବଡ଼ବଡ଼ ଗାତ ହୋଇଛି। ଯାହାକି କଷ୍ଟକୁ ଦ୍ୱିଗୁଣିତ କରିଛି। ତେଣୁ ତୁରନ୍ତ ରଥଯାତ୍ରା ପୂର୍ବରୁ ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ପିଡବ୍ଲୁଡି ବିଭାଗ ଦ୍ୱାରା ଉଭୟ ପାଶ୍ୱର୍ର ହମ୍ପସକୁ ସିମେଣ୍ଟ କଂକ୍ରିଟ ଲଗାଇ ସ୍ଲୋପିଂ କରିବା ସହ ହୋଇଥିବା ଗାତଗୁଡ଼ିକୁ ପୋତି ମରାମତି କଲେ ଯାତ୍ରୀମାନଙ୍କ ଯାତାୟାତ ସୁଗମ ହୋଇପାରିବ ବୋଲି 'ସହଯୋଗ' ପରିବାର ତରଫରୁ ଦାବି କରାଯାଇଛି।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୨
- ୟୁରୋ ୯୯.୮୯ ● ୟେନ୍ ୦.୫୯


### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୦୦୦ (ଭୁବନେଶ୍ୱର)
- ରୁପା : ୧,୧୧,୭୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୮୩.୦୦
- ନିଫ୍ଟି ୨୪,୮୫୩.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଟ୍ରମ୍ପଙ୍କ ଘୋଷଣା

# ଔଷଧ ଉପରେ ବି ଲଗାଇବେ ଶୁଳ୍କ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)



ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଔଷଧ ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣା ପରେ ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକର ସେୟାର ମଙ୍ଗଳବାର ୪% ପର୍ଯ୍ୟନ୍ତ ହ୍ରାସ ପାଇଛି। ଟ୍ରମ୍ପ କହିଛନ୍ତି ଯେ ସେ ଖୁବ୍ ଶୀଘ୍ର ଔଷଧ ଆମଦାନୀ ଉପରେ ଭାରି ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଏହି ବିବୃତ୍ତି ପରେ ନିଫ୍ଟି ଫାର୍ମା ସୂଚକାଙ୍କ ୨% ହ୍ରାସ ପାଇ ୨୧,୬୦୦ ପଏଣ୍ଟ ସ୍ତରରେ ପହଞ୍ଚିଛି।

ଭାରତ ପ୍ରତିବର୍ଷ ୧୦ ବିଲିୟନ ଡଲାର (ପ୍ରାୟ ୮୬,୨୦୦ କୋଟି ଟଙ୍କା) ମୂଲ୍ୟର ଔଷଧ ଆମେରିକାକୁ ରପ୍ତାନି କରିଥାଏ, ଯାହା ଆମେରିକାର ମୋଟ ଔଷଧ ଆମଦାନୀର ୬%। ପୂର୍ବରୁ ଏପ୍ରିଲରେ ଟ୍ରମ୍ପ ଫାର୍ମା ଉପରେ ଶୁଳ୍କ ଲାଗୁ ବିଷୟରେ କହିଥିଲେ, କିନ୍ତୁ ପରେ ଏହାକୁ ୯୦ଦିନ ପାଇଁ ସ୍ଥଗିତ ରଖିଥିଲେ। ଏବେ ପୁଣି ଶୁଳ୍କ ହେଉଥିବା ନେଇ ବିବୃତ୍ତି ଦେବା ବଜାରରେ ଅନିଶ୍ଚିତତା ବୃଦ୍ଧି କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଔଷଧ ଶୁଳ୍କ ଲଗାଯାଏ, ତେବେ ଏହା ଭାରତୀୟ ଔଷଧ କମ୍ପାନୀଗୁଡ଼ିକର ଆୟ ଉପରେ ବଡ଼ ପ୍ରଭାବ ପକାଇପାରେ। କାରଣ ସେମାନଙ୍କ ଆୟର ଏକ ବଡ଼ ଅଂଶ ଆମେରିକାରୁ ଆସିଥାଏ। ଟ୍ରମ୍ପଙ୍କ ଔଷଧ ସାମଗ୍ରୀ ଉପରେ ଶୁଳ୍କ ଲାଗୁ ପରେ ଗ୍ରାନୁଏଲ୍ସ ଇଣ୍ଡିଆ, ଲୁପିନ୍, ନାଟ୍‌କୋଫାର୍ମ ଏବଂ ଅରବିନ୍ଦ ଫାର୍ମାର ସେୟାର ମୂଲ୍ୟରେ ସର୍ବାଧିକ ୪% ହ୍ରାସ ପାଇଛି। ଲୌରସ୍ ଲ୍ୟାବ୍ସ ଏବଂ ଡକ୍ଟର ରେଡ୍ଡିଜ୍ ଲ୍ୟାବ୍ସର ସେୟାର ମଧ୍ୟ ୩% ରୁ ଅଧିକ ହ୍ରାସ ପାଇଛି। ସନ୍ ଫାର୍ମା, ସିପ୍ଲା, ଗ୍ଲେନମାର୍କ ଏବଂ ନାଟକୋ ଫାର୍ମା ଭଳି ବଡ଼ ନାମ ମଧ୍ୟ ୨-୨.୬% ହ୍ରାସ ପାଇଛି। ଟ୍ରମ୍ପ କହିଛନ୍ତି ଯେ ବିଦେଶୀ ଦେଶ, ବିଶେଷ କରି ଭାରତ ଏବଂ ଚୀନରୁ ଆସୁଥିବା ଶସ୍ତା ଔଷଧ ଯୋଗୁଁ ଆମେରିକା ଔଷଧ ଶିଳ୍ପ ଦୁର୍ବଳ ହେଉଛି। ତାଙ୍କର ଲକ୍ଷ୍ୟ ହେଉଛି ବିଦେଶୀ କମ୍ପାନୀଗୁଡ଼ିକ ଆମେରିକାରେ ସେମାନଙ୍କର କାରଖାନା ସ୍ଥାପନ କରନ୍ତୁ, ଯାହା ଦ୍ୱାରା ଚାକିରି ବୃଦ୍ଧି ପାଇବ ଏବଂ ଔଷଧ ଉତ୍ପାଦନ ସ୍ୱାବଲମ୍ବୀ ହେବ। କିନ୍ତୁ ଟ୍ରମ୍ପ ପୂର୍ବରୁ ବୟାନ ଦେଇଛନ୍ତି ଯେ ସେ ଏତେ ଉଚ୍ଚ ଶୁଳ୍କ ଲାଗୁ କରିବେ ଯେ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ୟୁନିଟ୍ ସ୍ଥାପନ କରିବା ଶସ୍ତା ହେବ। କିଛି ରିପୋର୍ଟରେ ଅନୁମାନ କରାଯାଇଛି ଯେ ଏହି ଶୁଳ୍କ ୧୦% ରୁ ୨୫% ମଧ୍ୟରେ ହୋଇପାରେ। ତଥାପି, ଏ ନେଇ ସରକାରୀ ଘୋଷଣାକୁ ଅପେକ୍ଷା କରାଯାଇଛି।

## ଖସିଲା ଫାର୍ମା କମ୍ପାନୀ ସେୟାର
## କ୍ଷତି ସହିବେ ଭାରତୀୟ ଔଷଧ କମ୍ପାନୀ

ସୂଚନାଯୋଗ୍ୟ ଯେ, ଭାରତ ଆମେରିକାକୁ ଏକ ବଡ଼ ଔଷଧ ଯୋଗାଣକାରୀ। ଏଠାରୁ ଶସ୍ତା ଜେନେରିକ୍ ଔଷଧ ଆମେରିକାକୁ ଯାଏ, ଯାହା ସେଠାକାର ଲୋକଙ୍କୁ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇଥାଏ। ଯଦି ଶୁଳ୍କ ଲାଗୁ ହୁଏ, ତେବେ ଏହି ଔଷଧର ମୂଲ୍ୟ ବୃଦ୍ଧି ପାଇବ। ଏତାଛଡା ଫାର୍ମା କମ୍ପାନୀଙ୍କ ବିକ୍ରି ହ୍ରାସ ମଧ୍ୟ ପାଇବ। ଏଥିଯୋଗୁ ସନ୍ ଫାର୍ମା, ଡକ୍ଟର ରେଡ୍ଡିଜ୍ ଏବଂ ଅରବିନ୍ଦ ଫାର୍ମା ଭଳି ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ପ୍ରଭାବିତ ହେବେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ଏହି କମ୍ପାନୀଗୁଡ଼ିକର ସେୟାରରେ ଆହୁରି ହ୍ରାସ ଘଟାଇପାରେ। ହେଲେ ଭାରତ ସରକାର ଏହି ପ୍ରସଙ୍ଗରେ ସତର୍କ। ରିପୋର୍ଟ ଅନୁଯାୟୀ, ଭାରତ ବାଣିଜ୍ୟ ଚୁକ୍ତି ପୂର୍ବରୁ ଆମେରିକାଠାରୁ ପ୍ରତିଶ୍ରୁତି ମାଗିଛି ଯେ କୌଣସି ନୂତନ ଶୁଳ୍କ ଲାଗୁ କରାଯିବନାହିଁ। ଜୁଲାଇ ୯ ସୁଦ୍ଧା ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ପ୍ରୟାସ କରାଯାଉଛି, ଯାହା ଦ୍ୱାରା ଭାରତର ଔଷଧ ଶିଳ୍ପକୁ କ୍ଷତିରୁ ରକ୍ଷା ପାଇପାରିବ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ ଟ୍ରମ୍ପଙ୍କ ଅନିଶ୍ଚିତ ମନୋଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଆହୁରିମଧ୍ୟ ଯଦି ଔଷଧ ଉପରେ ଶୁଳ୍କ ଲଗାଯାଏ, ତେବେ ଆମେରିକାରେ ଔଷଧର ମୂଲ୍ୟ ବୃଦ୍ଧି ଘଟାଇବ। ଏହା ସେଠାକାର ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଭାରତରେ ଔଷଧ କମ୍ପାନୀଗୁଡ଼ିକ ମଧ୍ୟ କ୍ଷତି ସହିପାରନ୍ତି, ଯାହା ରପ୍ତାନି ହ୍ରାସ କରିପାରେ। ଯଦି ଭାରତ ଏବଂ ଆମେରିକା ମଧ୍ୟରେ ସଠିକ୍ ଚୁକ୍ତି ହୁଏ, ତେବେ ଏହି ପ୍ରଭାବ ହ୍ରାସ ହୋଇପାରେ।

# ସ୍ଥାୟୀ ଜମା ସୁଧ ହାର କମାଇଲା ଷ୍ଟେଟ୍ ବ୍ୟାଙ୍କ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ରେପୋ ହାର ୦.୫୦ ପ୍ରତିଶତ ହ୍ରାସ କରିବା ପରେ, ବ୍ୟାଙ୍କଗୁଡ଼ିକ ଏବେ ଋଣ ଏବଂ ସ୍ଥାୟୀ ଜମା ବା ଏଫଡି ଉପରେ ସୁଧ ହାର ହ୍ରାସ କରୁଛନ୍ତି। ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟ ଏବେ ଏଫଡି ଉପରେ ସୁଧ ହାର ହ୍ରାସ କରିଛି। ବ୍ୟାଙ୍କ ଏହାର ସମସ୍ତ ଏଫଡି ଉପରେ ସୁଧ ହାରକୁ ୦.୧୫ ପ୍ରତିଶତରୁ ୦.୨୫ ପ୍ରତିଶତ ହ୍ରାସ କରିଛି। କେବଳ ଏତିକି ନୁହେଁ, ବ୍ୟାଙ୍କ ଏହାର ୪୪୪ ଦିନର ସ୍ୱତନ୍ତ୍ର ଏଫ୍‌ଡି, ଅମୃତ ବୃଷ୍ଟି ଉପରେ ମଧ୍ୟ ୦.୨୫ ପ୍ରତିଶତ ସୁଧ ହ୍ରାସ କରିଛି। ଏସବିଆଇର ନୂତନ ସୁଧ ହାର ଚଳିତମାସ ୧୫ ତାରିଖରୁ ଲାଗୁ ହୋଇଛି। ଏସବିଆଇ ଏପ୍ରିଲ ଏବଂ ୨୦୨୫ ମେ’ ମାସରେ ମଧ୍ୟ ଏଫଡି ସୁଧ ହାର ହ୍ରାସ କରିଥିଲା। ୨୦୨୫ ମେ’ ୧୬ ରେ ବ୍ୟାଙ୍କ ଏଫଡି ହାରରେ ୨୦ ବେସିସ୍ ପଏଣ୍ଟ ଅର୍ଥାତ୍ ସମସ୍ତ ଅବଧି ପାଇଁ ୦.୨୦ ପ୍ରତିଶତ ହ୍ରାସ କରିଥିଲା। ଏବେ ମାତ୍ର ଗୋଟିଏ ମାସ ପରେ ବ୍ୟାଙ୍କ ସୁଧ ହାରରେ ୦.୨୫ ପ୍ରତିଶତ ହ୍ରାସ କରିଛି। ବିଶେଷ କଥା ହେଉଛି ଏଥର ଅମୃତ ବୃଷ୍ଟି ଉପରେ ସୁଧ ମଧ୍ୟ ହ୍ରାସ କରାଯାଇଛି। ଅମୃତ ବୃଷ୍ଟି ଏଫଡି ଯୋଜନା ହେଉଛି ୪୪୪ ଦିନର ଏକ ସ୍ୱତନ୍ତ୍ର ଏଫ୍‌ଡି। ବ୍ୟାଙ୍କ ଏହା ଉପରେ ସୁଧ ହରକୁ ୬.୮୫ ପ୍ରତିଶତରୁ ୬.୬୦ ପ୍ରତିଶତକୁ ହ୍ରାସ କରିଛି। ଅପରପକ୍ଷେ ଏହି ଏଫଡି ଉପରେ ବ୍ୟାଙ୍କ ବରିଷ୍ଠ ନାଗରିକମାନଙ୍କୁ ୭.୧୦ ପ୍ରତିଶତ ସୁଧ ମିଳିବ। ସୂଚନାଯୋଗ୍ୟ ଏସବିଆଇ ୭ ଦିନରୁ ୧୦ ବର୍ଷ ପର୍ଯ୍ୟନ୍ତ ଏଫଡି ପ୍ରଦାନ କରୁଛି। ବ୍ୟାଙ୍କ ୫ ରୁ ୧୦ ଦିନର ଏଫଡି ଉପରେ ବରିଷ୍ଠ ନାଗରିକମାନଙ୍କୁ ସର୍ବାଧିକ ସୁଧ ଦେଉଛି। ଏହି ଏଫଡି ଉପରେ ସୁଧ ୭.୩୦ ପ୍ରତିଶତ। ଏଥର ଏସବିଆଇ ଏହାର ସମସ୍ତ ଅବଧିର ଏଫଡି ଉପରେ ସୁଧକୁ ୦.୧୫ ପ୍ରତିଶତରୁ ୦.୨୫ ପ୍ରତିଶତକୁ ହ୍ରାସ କରିଛି।



# ଅଜିମ୍ ପ୍ରେମ୍‌ଜୀ ହେଲ୍‌ଥ ଇକ୍ୱିଟି ଫେଲୋସିପ୍

ଭୁବନେଶ୍ୱର,୧୭।୬(ସମିସ): ଅଜିମ ପ୍ରେମଜୀ ଫାଉଣ୍ଡେସନ ସ୍ନାତକୋତର ଡାକ୍ତର (ପିଜି) ମାନଙ୍କ ନିମନ୍ତେ ୧୮ ମାସର ନିମଗ୍ନକାରୀ ଶିକ୍ଷଣ ଅଭିଜ୍ଞତା ହାସଲ କରିବାକୁ ‘ଅଜିମ ପ୍ରେମଜୀ ହେଲ୍‌ଥ ଇକ୍ୱିଟି ଫେଲୋସିପ’ ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫେଲୋସିପ ଅଜିମ ପ୍ରେମଜୀ ଫାଉଣ୍ଡେସନ ଏବଂ ଦେଶର ବିଭିନ୍ନ ଭାଗରେ ଅବସ୍ଥିତ ୧୧ଟି ସମ୍ମାନଜନକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଏକ ସମ୍ମିଳିତ ପ୍ରୟାସ ହୋଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବରେ ଫେଲୋମାନଙ୍କୁ ଗ୍ରାମାଞ୍ଚଳରେ ରୋଗୀମାନଙ୍କ ସହିତ ଫଳପ୍ରଦ ଭାବରେ କାମ କରିବାର ଅନୁଭବ ସହିତ ଶିଖିବାର ସୁଯୋଗ ମିଳିବ। ବରିଷ୍ଠ ଡାକ୍ତରମାନଙ୍କ ଦ୍ୱାରା ବହୁବିଧ ରୋଗ ଚିକିତ୍ସା ଓ ମାର୍ଗଦର୍ଶନ ସେମାନଙ୍କୁ ସଫଳ ଚିକିତ୍ସା କୌଶଳ ଏବଂ ଗୋଷ୍ଠୀ ଅନୁଭୂତି ହାସଲ କରିବାରେ ଏହା ସୁଯୋଗ ପ୍ରଦାନ କରିବ। ଏହି ଫେଲୋସିପରେ ଯୋଗଦାନ କରି ଫେଲୋମାନେ ସ୍ୱାସ୍ଥ୍ୟସେବା ଯୋଗାଣର ସମ୍ମୁଖ ଭାଗରେ କାର୍ଯ୍ୟ କରିବାର କ୍ଷେତ୍ରସ୍ତରୀୟ ବହୁମୂଲ୍ୟ ଅନୁଭୂତି ଲାଭ କରିବେ। ସ୍ୱାସ୍ଥ୍ୟ ସୁବିଧାଗୁଡିକ ଆବଶ୍ୟକତା ମୁତାବକ ଉପଲବ୍ଧ କରାଇବା ଏବଂ ଲୋକଙ୍କ ନିକଟରେ ପହଞ୍ଚାଇବା ରାସ୍ତାରେ ରହୁଥିବା ଚାଲେଞ୍ଜଗୁଡିକୁ ବୁଝିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆସିବାକୁ ଥିବା ବହୁବିଧ ଚାଲେଞ୍ଜର ମୁକାବିଲା ଓ ସମାଧାନ ଶିଖିବା ଅବସରରେ ଏହି କ୍ଷେତ୍ରର ଅନୁଭବୀ ଲୋକ ଏବଂ ଜନସମୁଦାୟଙ୍କ ସହିତ ମିଳିତ ଭାବରେ କାମ କରିବା ଶିକ୍ଷାଲାଭ କରିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ଥାୟୀ ପରିବର୍ତ୍ତନ ଆଣିବା ନିମନ୍ତେ କାର୍ଯ୍ୟ କରୁଥିବା ଲୋକଙ୍କ ସହିତ ଯୋଡିହେବେ।

# ଦେଶର ବୃହତ୍ ଅଟୋମୋବାଇଲ ଗତିଶକ୍ତି ମଲ୍ଟି-ମୋଡାଲ କାର୍ଗୋ ଟର୍ମିନାଲ ଉଦ୍‌ଘାଟିତ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ହରିୟାଣାର ମାନେସରରେ ଥିବା ମାରୁତି ସୁଜୁକୀ ଇଣ୍ଡିଆ ଲିମିଟେଡଠାରେ ଦେଶରେ ବୃହତ୍ତମ ଅଟୋମୋବାଇଲ ଗତି ଶକ୍ତି ମଲଟି-ମୋଡାଲ କାର୍ଗୋ ଟର୍ମିନାଲର ଉଦଘାଟନ କରିଛନ୍ତି। ମାନେସରରେ ଥିବା ପ୍ଲାଣ୍ଟଟି ପାଟଲି ରେଳ ଷ୍ଟେସନ ସହିତ ୧୦ କିଲୋମିଟର ଡେଡିକେଟେଡ୍ ରେଳ ଲିଙ୍କ୍ ମାଧ୍ୟମରେ ସଂଯୁକ୍ତ, ଯାହା ହରିୟାଣା ରେଳ ଭିତ୍ତିଭୂମି ବିକାଶ ନିଗମ (ଏଚଆରଆଇଡିସି) ଦ୍ୱାରା ବିକଶିତ ୧୨୧.୭ କିଲୋମିଟର ଲମ୍ବ ହରିୟାଣା ଅର୍ବିଟାଲ୍ ରେଳ କରିଡରର ଏକ ଅଂଶ। ଏହି ୧୦ କିଲୋମିଟର ଲିଙ୍କ୍ ନିର୍ମାଣରେ ୮୦୦ କୋଟି ଟଙ୍କା ନିବେଶ ହୋଇଥିଲା, ଯେଉଁଥିରେ ଏଚଆରଆଇଡିସି ୬୮୪ କୋଟି ଟଙ୍କାର ଅବଦାନ ଦେଇଥିଲା ଏବଂ ବାକି ପରିମାଣ ମାରୁତି ସୁଜୁକି ଦ୍ୱାରା ଯୋଗାଇ ଦିଆଯାଇଥିଲା।

# ଭୁବନେଶ୍ୱରରେ ରେକର୍ଡ ଭାଙ୍ଗିଲା ରୁପା ଦର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)





ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ମାତ୍ର କିଛି ଦିନର ବ୍ୟବଧାନ ପରେ ଦେଶରେ ସୁନା ଓ ରୁପା ଦର ପୁଣି ଥରେ ବଢ଼ିଛି। ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ଉପରକୁ ଉଠିଥିବାବେଳେ ରୁପା ମୂଲ୍ୟ ମଧ୍ୟ ଲକ୍ଷେ ଟଙ୍କା ଉପରକୁ ଯାଇ ନୂଆ ରେକର୍ଡ କରିଛି। ଏଥିରେ ସୁନା ମୂଲ୍ୟକୁ ରୁପା ଦର ଟପିଯାଇଛି। ଯାହାଫଳରେ ଆଜି ଘରୋଇ ବଜାରରେ ରୁପା କିଲୋ ପିଛା ୧.୦୭ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ ଦିଲ୍ଲୀ ଦରକୁ ଟପିଯାଇଛି। ସହରରେ ରୁପା କିଲୋ ପିଛା ୧.୧୧ ଲକ୍ଷ ଟଙ୍କାରେ ପହଞ୍ଚି ଏକ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି।

ମଙ୍ଗଳବାର ଘରୋଇ ବଜାରରେ ପୁଣି ଥରେ ରୁପା ମୂଲ୍ୟରେ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଆଜି ରୁପା କିଲୋ ପିଛା ୧,୧୧,୭୦୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨,୦୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ସୁନା ଦର ୧,୦୦,୩୬୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ଆଜି ଗୋଟିଏ ଦିନରେ ରୁପା କିଲୋ ପିଛା ୨୪୦୦ ଟଙ୍କା ବୃଦ୍ଧି ପାଇ ୧,୦୭,୪୨୫ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ୯୯.୯ ପ୍ରତିଶତ ଶୁଦ୍ଧ ବା ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୧୨୦୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୧୦୦,୧୭୦ ଟଙ୍କା ହୋଇଛି। ଦୃଢ଼ ବିଶ୍ୱ ସଙ୍କେତ ମଧ୍ୟରେ ଦିଲ୍ଲୀରେ ରୁପା ମୂଲ୍ୟ ପୁଣି ଥରେ ଶୀର୍ଷ ସ୍ତର ଛୁଇଁଛି। ରୁପା ମୂଲ୍ୟ ୧.୧୧ ଲକ୍ଷ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିବା ଏକ ନୂତନ ରେକର୍ଡ ବୋଲି ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। କେଡିଆ ଆଡଭାଇଜରୀର

**କିଲୋ ୧,୧୧,୭୦୦ ଟଙ୍କା**

ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ମଧ୍ୟ ଯୁଦ୍ଧ ଆରମ୍ଭ ହୋଇଛି। ଏହା ସୁନାକୁ ସମର୍ଥନ କରୁଛି। ଏହା ସୁନାର ଚାହିଦା ବୃଦ୍ଧି କରୁଛି। ଏପରି ପରିସ୍ଥିତିରେ, ଏହି ବର୍ଷ ପ୍ରତି ୧୦ ଗ୍ରାମ ସୁନା ଦର ୧ ଲକ୍ଷ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସେହି ସମୟରେ, ଏହି ବର୍ଷ ରୁପା ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଅପରପକ୍ଷେ ଗତ ବର୍ଷ ଅର୍ଥାତ୍ ୨୦୨୪ ରେ ସୁନା ୧୨,୮୧୦ ଟଙ୍କା ମହଙ୍ଗା ହୋଇଥିଲା।

# ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଗ୍ରୀଷ୍ମ ଶିବିର ଏବଂ ସ୍କୁଲ ପ୍ରସ୍ତୁତି ମେଳା





ଭୁବନେଶ୍ୱର,୧୭।୬(ସମିସ): ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ, ପ୍ରଥମ ଶିକ୍ଷା ଫାଉଣ୍ଡେସନ ସହିତ ମିଳିତ ଭାବରେ ଏହାର ଫ୍ଲାଗ୍‌ଶିପ୍ ଗୋଷ୍ଠୀ ବିକାଶ ପଦକ୍ଷେପ ଅନ୍ତର୍ଗତ ହମାରା ଗାଁଓ ପ୍ରକଳ୍ପ ଅଧୀନରେ ଘିଚାମୁରାର ଗୁମକର୍ମାଠାରେ ଗ୍ରୀଷ୍ମ ଶିବିର ଏବଂ ସ୍କୁଲ ପ୍ରସ୍ତୁତି ମେଳା ଉଦଘାଟନ କରିଛି। ଏହି କାର୍ଯ୍ୟକ୍ରମ ୫ଟି ଗ୍ରାମ ପଞ୍ଚାୟତରେ ବିସ୍ତାରିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପ୍ଲାଣ୍ଟର ୨୦ଟି ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ପିଲାମାନଙ୍କ ପାଇଁ ଏକ ଆକର୍ଷଣୀୟ ଗ୍ରୀଷ୍ମ ଶିକ୍ଷା ଅଭିଜ୍ଞତାର ଆରମ୍ଭ। ଏହି ପଦକ୍ଷେପକୁ ଘିଚାମୁରା - ସରପଞ୍ଚ ରାଜୀବ କିଷାନ ଏବଂ ରେଙ୍ଗାଲିର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ସହିତ ଲାଇଡା, ଲପଙ୍ଗା ଏବଂ କତାରବାଗା କ୍ଲଷ୍ଟର ସିଆର୍‌ସିସିମାନଙ୍କର ଉପସ୍ଥିତିରେ ବିଶାଳ ରାଜ, ମୁଖ୍ୟ ସିଏସ୍‌ଆର୍ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ - ସମ୍ବଲପୁର; ଝାରସୁଗୁଡା ଦ୍ୱାରା ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଶିକ୍ଷାକୁ ବୃଦ୍ଧି କରିବା ପାଇଁ ଦୁଇଟି ପ୍ରମୁଖ ଉପାଦାନ ରହିଛି। ଚତୁର୍ଥରୁ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଡିଜାଇନ୍ ହୋଇଥିବା ଗ୍ରୀଷ୍ମକାଳୀନ ଶିବିର, ତାଲିମପ୍ରାପ୍ତ ସମ୍ପ୍ରଦାୟ ସ୍ୱେଚ୍ଛାସେବକଙ୍କ ଦ୍ୱାରା ପରିଚାଳିତ ମଜାଦାର, କାର୍ଯ୍ୟକଳାପ-ଭିତ୍ତିକ ଅଧିବେଶନ ମାଧ୍ୟମରେ ମୌଳିକ ଶିକ୍ଷା ଗଠନ ଉପରେ ଧ୍ୟାନ ଦିଆଯାଇଛି।

ଏହି ସମୟରେ, ସ୍କୁଲ୍ ପ୍ରସ୍ତୁତି ମେଳା ଶ୍ରେଣୀ ୧ ଏବଂ ୨ ର ନୂତନ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟ କରେ, ସେମାନଙ୍କର ଶିକ୍ଷଣ ସ୍ତର ମୂଲ୍ୟାଙ୍କନ କରେ ଏବଂ ସେମାନଙ୍କ ମା’ମାନଙ୍କୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ହୋଇଥିବା ସ୍କୁଲ୍ ପ୍ରସ୍ତୁତି ପୁସ୍ତକ ସହିତ ସଜ୍ଜିତ କରେ। ଏହି କାର୍ଯ୍ୟକ୍ରମ ସମୟରେ, ୨୦ ଟି ଗ୍ରାମରୁ ସମସ୍ତ ମନୋନୀତ ଏବଂ ପ୍ରଶିକ୍ଷିତ ସ୍ୱେଚ୍ଛାସେବକଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା। ଏହି ସ୍ୱେଚ୍ଛାସେବକମାନେ ସେମାନଙ୍କ ସମ୍ପ୍ରଦାୟର ପିଲାମାନଙ୍କ ସହିତ ନିୟମିତ ଅଧିବେଶନଗୁଡ଼ିକୁ ସହଜ କରିବେ। ସ୍କୁଲ୍ ପ୍ରସ୍ତୁତି ମେଳା ପାଇଁ, ପିଲାଙ୍କ ଶିକ୍ଷଣ ସ୍ତରକୁ ବୁଝିବା ପାଇଁ ଏକ ପ୍ରାରମ୍ଭିକ ମୂଲ୍ୟାଙ୍କନ କରାଯିବ, ତା’ପରେ ଗ୍ରୀଷ୍ମ ଶେଷରେ ପ୍ରଗତି ମାପିବା ପାଇଁ ଆଉ ଏକ ପର୍ଯ୍ୟାୟ କରାଯିବ।

ସର୍ଭେ ରିପୋର୍ଟ

# ଆଗାମୀ ୫ବର୍ଷରେ ଆର୍ଥିକ ଲକ୍ଷ୍ୟ ହାସଲ କରିନେବେ ନିମ୍ନ ମଧ୍ୟବିତ୍ତ ପରିବାର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ରୋଜଗାର ବଢୁଥିବାରୁ ଭାରତୀୟ ନିମ୍ନମଧ୍ୟବିତ୍ତଙ୍କ ଆତ୍ମବିଶ୍ୱାସ ବଢୁଥିବା ଏକ ସର୍ଭେ ରିପୋର୍ଟରୁ ସାମ୍ନାକୁ ଆସିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଭାରତର ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକ ସେମାନଙ୍କର ପ୍ରମୁଖ ଆର୍ଥିକ ଲକ୍ଷ୍ୟଗୁଡିକୁ ହାସଲ କରିନେବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ହୋମ୍ କ୍ରେଡିଟ୍ ଇଣ୍ଡିଆର ସର୍ଭେର ତୃତୀୟ ସଂସ୍କରଣ, ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫ରେ ସର୍ଭେ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ସର୍ଭେରେ କମ୍ପାନୀର ଫାଇନାନ୍ସ ୱେଲବିଙ୍ଗ ଇଣ୍ଡେକ୍ସରେ ପ୍ରାୟ ୭୩ ପ୍ରତିଶତ ଉତ୍ତରଦାତା ସେମାନଙ୍କର ବର୍ଦ୍ଧିତ ରୋଜାଗର ନେଇ ଆଶାବାଦୀ ଥିବା ଦର୍ଶାଯାଇଛି। ଏହି ସର୍ଭେ ସୂଚକାଙ୍କରେ “ଭବିଷ୍ୟତର ଆଶା” କ୍ୟାଟେଗୋରୀରେ ୫୯ ସ୍କୋର ରହିଛି। ତେଣୁ ଲୋକେ ଭବିଷ୍ୟତର ଉତ୍ତମ ପ୍ରଦର୍ଶନ ନେଇ ଆଶାବାଦୀ ଥିବା ଜଣାପଡିଛି। ମହଙ୍ଗା ବଜାରରେ ବି ଗ୍ରାହକଙ୍କ ବିଶ୍ୱାସ ଭାଙ୍ଗି ନାହିଁ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ପରିବାରର ଆୟ ବୃଦ୍ଧି ପାଇବା ହେତୁ ଲୋକମାନେ ଅଧିକ ସକାରାତ୍ମକ ଅନୁଭବ କରୁଛନ୍ତି। ଚଳିତ ବର୍ଷ ୫୭ ପ୍ରତିଶତ ଉତ୍ତରଦାତା କହିଛନ୍ତି ଯେ ସେମାନଙ୍କ ପରିବାର ଅଧିକ ରୋଜଗାର କରିଛନ୍ତି। ୨୦୨୪ ମସିହାରେ ଏହି ସଂଖ୍ୟା ମାତ୍ର ୫୨ ପ୍ରତିଶତ ଥିଲା।

ଏ ନେଇ ହୋମ୍ କ୍ରେଡିଟ୍ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଆଶିଷ ତିୱାରୀ କହିଛନ୍ତି, ଯେତେବେଳେ ଆମେ ୨୦୨୩ରେ ‹ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ଷ୍ଟଡି’ ଆରମ୍ଭ କରିଥିଲୁ, ଆମେ ଭାରତର ଆର୍ଥିକ ସ୍ପନ୍ଦନକୁ ବୁଝିବାକୁ ଚେଷ୍ଟା କରିଥିଲୁ। ଆମେ ଯାହା ପାଇଲୁ ତାହା ହେଲା ଏହି ଦେଶ ହେଉଛି ଏକ ନୀରବ ବିପ୍ଳବୀଙ୍କ ଦେଶ। କାରଣ ଏଠି ଲକ୍ଷ ଲକ୍ଷ ପରିବାର ପ୍ରତିବନ୍ଧକକୁ ପଦକ୍ଷେପରେ ଓ ଆହ୍ୱାନକୁ ସୁଯୋଗରେ ପରିଣତ କରୁଛନ୍ତି। ଆଶିଷ ଆହୁରି କହିଛନ୍ତି “ଏହି ବର୍ଷର ଫଳାଫଳ କିଛି ଅସାଧାରଣ ପ୍ରକାଶ କରୁଛି: ଆର୍ଥିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଭାରତର ନିମ୍ନ ମଧ୍ୟବିତ୍ତ ବର୍ଗ ପୂର୍ବ ଅପେକ୍ଷା ଅଧିକ ଆଶାବାଦୀ, ଅଧିକ ଡିଜିଟାଲ୍ ଏବଂ ଅଧିକ ଦୃଢ଼। ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫’ ଫେବୃଆରୀ ଏବଂ ଏପ୍ରିଲ ୨୦୨୫ ମଧ୍ୟରେ ୧୭ ଟି ସ୍ଥାନରେ କରାଯାଇଥିଲା।

# ୨୧୨ ପଏଣ୍ଟ ଉଠିଲା ସେନ୍‌ସେକ୍ସ

ମୁମ୍ବଇ,୧୭।୬(ଏଜେନ୍ସି): ଭାରତୀୟ ସେୟାର ବଜାର ମଙ୍ଗଳବାର ହ୍ରାସ ସହ ବନ୍ଦ ହୋଇଛି। ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ନିବେଶକଙ୍କ ଚିନ୍ତା ବଢାଇଛି। ଯେଉଁଥିପାଇଁ ବଜାରରେ ବିକ୍ରି ଦେଖିବାକୁ ମିଳିଛି । କାରବାର ଶେଷରେ ସେନସେକ୍ସ ୨୧୨.୮୫ ଅଙ୍କ ବା ୦.୨୬ ପ୍ରତିଶତ ହ୍ରାସ ପାଇ ୮,୧୪,୫୮୩.୩୦ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ, ନିଫ୍ଟି ୯୩.୧୦ ଅଙ୍କ ବା ୦.୩୭ ପ୍ରତିଶତ ଖସି ୨୪,୮୫୩.୪୦ ସ୍ତରରେ ବନ୍ଦ ହୋଇଛି। ଆଇଟି ସେୟାରକୁ ଛାଡ଼ି ଅନ୍ୟ ସବୁ ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି । ସବୁଠୁ ଅଧିକ ହ୍ରାସ ଫାର୍ମା ଓ ହେଲ୍ଥକେୟାର ସେୟାରରେ ଦେଖିବାକୁ ମିଳୁଛି । ଫାର୍ମା ଆମଦାନୀ ଉପରେ ଟାରିଫ୍ ଲଗାଇବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ଏହି ହ୍ରାସ ଦେଖିବାକୁ ମିଳିଛି । ଏହା ବ୍ୟତୀତ ମେଟାଲ, ବ୍ୟାଙ୍କିଂ ଓ ଅଟୋ ଇଣ୍ଡେକ୍ସ ବି ଅଧା ପ୍ରତିଶତରୁ ଅଧିକ ହ୍ରାସ ଘଟିଛି ।ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସରେ ବଡ଼ ହ୍ରାସ ଦେଖିବାକୁ ମିଳିଛି । ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଓ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ପ୍ରାୟ ୦.୭ ପ୍ରତିଶତ ଯାଏ ହ୍ରାସ ପାଇ ବନ୍ଦ ହୋଇଛି । ବିଶେଷଜ୍ଞଙ୍କ ମତରେ ପଶ୍ଚିମ ଏସିଆର ସ୍ଥିତି ନସୁଧୁରିବା ଯାଏ ବଜାର ଦୁର୍ବଳ ରହିବ । ଅନ୍ୟପଟେ ଆମେରିକୀୟ ଫେଡେରାଲ୍ ରିଜର୍ଭ ବୈଠକର ପରିଣାମକୁ ବି ନିବେଶକ ଅପେକ୍ଷା କରିଛନ୍ତି ।ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ଜୁନ୍ ୧୭ରେ ହ୍ରାସ ପାଇ ୪୪୭.୭୯ ଲକ୍ଷ କୋଟି ଟଙ୍କା ହୋଇଛି ।ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ସୋମବାର ୪୫୦.୫୨ ଲକ୍ଷ କୋଟି ଟଙ୍କା ଥିଲା ।

ନୂଆ ସାପ୍ତାହିକ ଏକ୍ସପାଏରୀକୁ ସେବିର ମଞ୍ଜୁରି

# ଏନ୍‌ଏସ୍‌ଇକୁ ମଙ୍ଗଳବାର, ବିଏସ୍‌ଇକୁ ଗୁରୁବାର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)





ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜକୁ ମଙ୍ଗଳବାର ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଗୁରୁବାର ଡେରିଭେଟୋରି ଏକ୍ସପାଏରୀ ପାଇଁ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ଠାରୁ ମଞ୍ଜୁରି ମିଳିଛି।

ଏ ସମ୍ପର୍କରେ ଏନ୍‌ଏସ୍‌ଇର ଚିଫ୍ ବିଜେନସ୍ ଅଫିସର ଶ୍ରୀରାମ କୃଷ୍ଣନ କହିଛନ୍ତି, ଯଦି ଆପଣ ଏହାକୁ ଓଲଟାଇ ଦେଖିବେ ଓ ଏନ୍‌ଏସ୍‌ଇ ଏକ୍ସପାଏରୀ ମଙ୍ଗଳବାର ସ୍ଥିର ହୋଇଛି, ତେବେ ଏହା ଆମ ପାଇଁ ବଡ଼ ପଜିଟିଭ। ମାର୍କେଟ୍ ଇକୋ ସିଷ୍ଟମ୍ ଏହା ହିଁ ଡିମାଣ୍ଡ କରୁଥିଲା। ପୂର୍ବରୁ ଆମକୁ ଏଥିପାଇଁ ସକାରାତ୍ମକ ମତାମତ ମିଳିସାରିଛି। ସେ କହିଛନ୍ତି, ‘ଆମ ପାଖରେ ସୁଯୋଗ ଥିଲା, ତଥାପି ଆମେ କେବେ ବି ଆମର ଏକ୍ସପାଏରୀ ଦିନ ପରିବର୍ତ୍ତନ କରିନଥିଲୁ। ଯେତେବେଳେ ଅନ୍ୟ ଏକ୍ସଚେଞ୍ଜ ଶୁକ୍ରବାରରୁ ମଙ୍ଗଳବାର ଶିଫ୍ଟ କରିଥିଲେ, ସେତେବେଳେ ଆମେ କୌଣସି ପରିବର୍ତ୍ତନ କରିନଥିଲୁ।

ପ୍ରଥମେ ଆମେ ସୋମବାର ଉପରେ ବିଚାର କରିଥିଲୁ, କିନ୍ତୁ ଫିଡବ୍ୟାକ୍ ପରେ ମଙ୍ଗଳବାର ବାଛିଲୁ। ଏବେ ଏହାକୁ ମଞ୍ଜୁରି ମିଳିଛି। ଗ୍ଲୋବାଲ ବ୍ରୋକରେଜ୍ ଫାର୍ମା ଗୋଲ୍ଡମ୍ୟାନ୍ ସାକ୍ସ ନିଜ ରିପୋର୍ଟରେ କହିଛି, ସେବିର ଏହି ନିଷ୍ପତ୍ତି ବିଏସଇ ପାଇଁ ଏକ ‘ବାଇନରୀ ଇଭେଣ୍ଟ’ ହୋଇପାରେ। ଏଥିରେ ଲାଭ ସୀମିତ କିନ୍ତୁ ବଡ଼ କ୍ଷତି ହୋଇପାରେ। ବ୍ରୋକରେଜ୍ ଫାର୍ମା ବିଏସ୍‌ଇରେ ନ୍ୟୁଟ୍ରଲ୍ ରେଟିଂ ବଜାୟ ରଖିଛି। ଗୋଲ୍ଡମ୍ୟାନ ସାକ୍ସ ଅନୁସାରେ, ଯଦି ବିଏସ୍‌ଇ ନିଜର ମଙ୍ଗଳବାର ଏକ୍ସପାଏରୀ ବଜାୟ ରଖେ, ତେବେ ଏହାର ମାର୍କେଟ୍ ଅଂଶଧନ ପ୍ରାୟ ସ୍ଥିର ରହିଥାନ୍ତା। କିନ୍ତୁ ଏବେ ଗୁରୁବାରକୁ ଶିଫ୍ଟ ହେବା କାରଣରୁ ଏହାକୁ ପ୍ରାୟ ୩ ପ୍ରତିଶତ ମାର୍କେଟ୍ ସେୟାର ହରାଇବାକୁ ପଡ଼ିପାରେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାରର ସହଯୋଗ ମିଳିବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିପାରେ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୮୧୫- ୱାଟର୍ ଲୁ ଯୁଦ୍ଧରେ ନେପୋଲିଅନ୍ ବୋନାପାର୍ଟଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା।
- ୧୮୩୭- ସ୍ପେନ୍ ନୂଆ ସମ୍ବିଧାନ ଆପଣାଇଲା।
- ୧୯୫୬- ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହେଲା।
- ୨୦୦୯ - ନାସା ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଁ ଏକ ବିଶେଷ ଯାନକୁ ପ୍ରେରିତ କଲା।
- ୨୦୧୩- ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ଆତ୍ମଘାତୀ ଆକ୍ରମଣରେ ୩୧ଜଣଙ୍କ ପ୍ରାଣହାନି।

## ଭାରତରୁ ବ୍ରିଟେନ ଗଲା ବୁଲେଟ୍
## ଖର୍ଚ୍ଚ ସାଢ଼େ ଚାରି ଲକ୍ଷ



ଗୋଟିଏ ଭାରତୀୟ ପରିବାର ଫର୍ଣ୍ଣିଚର ଓ ରୟାଲ ଏନଫିଲ୍ଡ ବୁଲେଟ୍‌କୁ ଭାରତରୁ ବ୍ରିଟେନକୁ ଆଣିଛନ୍ତି। ଏ ଲାଗି ସେମାନେ ସାଢ଼େ ଚାରିଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହି ପରିବାର ବ୍ରିଟେନରେ ରୁହନ୍ତି। ଭିଡିଓରେ କୁହାଯାଇଛି, ଭାରତରେ ଫର୍ଣ୍ଣିଚର ଉନ୍ନତମାନର ହୋଇଥାଏ। ତେଣୁ ଫର୍ଣ୍ଣିଚର ସବୁକୁ ପଞ୍ଜାବର କରତାପୁରରୁ ଇଂଲଣ୍ଡ ଅଣାଯାଇଛି। ଅନ୍ୟପଟେ ଭିଡିଓରେ ଦେଖିବାକୁ ମିଳିଛି ଯେ, ଗୋଟିଏ ବଡ଼ ଟ୍ରକ୍‌ରେ ଫର୍ଣ୍ଣିଚର ଏବଂ ମୋଟରସାଇକଲ ବ୍ରିଟେନ ସ୍ଥିତ ୱଲଭରହାମ୍ପଟନ ସ୍ଥିତ ଘରକୁ ଅନଲୋଡ୍ କରାଯାଉଛି। ଏଥିରେ ପଞ୍ଜାବ ନମ୍ବର ପ୍ଲେଟ୍ ଥିବା କଳା ରଙ୍ଗ ବୁଲେଟ୍ ଦେଖିବାକୁ ମିଳିଛି। ତେବେ ୪୦ ଦିନର ଯାତ୍ରା ପରେ ଭାରତରୁ ସମସ୍ତ ଜିନିଷ ବ୍ରିଟେନରେ ପହଞ୍ଚିଛି। ବୁଲେଟ୍ ସମେତ ଟ୍ରକ୍‌ରେ ସୋଫା, ଖଟ, ଚୌକି, ଡାଇନିଂ ଟେବୁଲ ଭଳି ଅନ୍ୟାନ୍ୟ ଜିନିଷ ସାମିଲ ଅଛି। ତେବେ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଭାରତରୁ ଏସବୁ ଜିନିଷ ବ୍ରିଟେନ ପଠାଇବା ଲାଗି ସାଢେ ଚାରି ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଅନ୍ୟପଟେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ‘ରାମାୟଣ’ରେ କାମ କରିବାକୁ ମନା କରିଥିଲେ ପ୍ରିୟଙ୍କା



ନୀତେଶ ତିୱାରୀଙ୍କ ‘ରାମାୟଣ’କୁ ନେଇ ନିୟମିତ ଖବର ଆସୁଛି। ପୌରାଣିକ କାହାଣୀକୁ ନେଇ ଏଭଳି ଏକ ବିଗ୍ ବଜେଟ୍‌ର ଫିଲ୍ମ ନିର୍ମାଣ କରାଯାଉଥିବାରୁ ଉତ୍ତର ଠୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ଦର୍ଶକେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଏଥିରେ ବଲିଉଡ୍‌ର ଏକାଧିକ କଳାକାର କାମ କରୁଛନ୍ତି। ‘ରାମାୟଣ’ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ଓ ରାବଣ ଭୂମିକାରେ ୟଶ୍ ନଜର ଆସିବେ। ଏଥିରେ ରକୁଲ୍ ପ୍ରୀତ ସିଂହ ସୂପର୍ଣ୍ଣଖା ଭୂମିକାରେ ଅଭିନୟ କରୁଛନ୍ତି। ରକୁଲ୍‌ଙ୍କ ପୂର୍ବରୁ ଏହି ଭୂମିକା ପ୍ରିୟଙ୍କା ଚୋପ୍ରାଙ୍କୁ ଅଫର୍ ହୋଇଥିଲା। କିନ୍ତୁ ପ୍ରିୟଙ୍କା ଅନେକ ଆନ୍ତର୍ଜାତୀୟ ସ୍ତରୀୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ସେ ଏହି ଫିଲ୍ମ ପାଇଁ ସମୟ ବାହାର କରିପାରି ନ ଥିଲେ। ଏହାପରେ ରକୁଲ୍‌ଙ୍କୁ ଏହି ଅଫର୍ ମିଳିଥିଲା। ସେ ମଧ୍ୟ ଏହି ଭୂମିକାରେ ପୂରାପୂରି ଫିଟ୍ ହୋଇ ଯାଇଥିଲେ। ତେବେ ପ୍ରିୟଙ୍କାଙ୍କୁ ହିନ୍ଦୀ ଫିଲ୍ମରେ ଦେଖିବା ପାଇଁ ଭାରତୀୟ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ସେ ଶେଷ ଥର ପାଇଁ ‘ସ୍କାଏ ଇଜ୍ ପିଙ୍କ୍’ ଫିଲ୍ମରେ ନଜର ଆସିଥିଲେ।

## ହୋଟେଲ ରୁମ୍‌ରେ ନ ଥାଏ ଘଣ୍ଟା

ସାଧାରଣତଃ ହୋଟେଲରେ ରହିବାବେଳେ ଲୋକଙ୍କ ନଜର ସବୁବେଳେ ରୁମ୍, ବାଥରୁମ୍, ଟିଭି ଉପରେ ରହିଥାଏ। ଯେଭଳି ରହିବାରେ କୌଣସି ସମସ୍ୟା ହେବ ନାହିଁ। ହେଲେ ଅଧିକାଂଶ ହୋଟେଲ ରୁମ୍‌ର କାନ୍ଥ କି ଟେବୁଲରେ ଘଣ୍ଟା ଦେଖିବାକୁ ମିଳି ନ ଥାଏ। ଏହା ଉପରେ ଅନେକେ ସେତେ ବେଶି ଗୁରୁତ୍ୱ ଦେଇ ନ ଥାନ୍ତି। ତେବେ ହୋଟେଲ ରୁମ୍‌ରେ ଘଣ୍ଟା ନ ରହିବା ପଛରେ ଠୋସ୍ କାରଣ ଅଛି। ହୋଟେଲ ଗ୍ରାହକଙ୍କୁ ଆରାମ ଓ ଶାନ୍ତିପୂର୍ଣ୍ଣ ଅନୁଭୂତି ଦେବାକୁ ଘଣ୍ଟା ରଖି ନ ଥାଏ। ଯଦ୍ୱାରା ଗ୍ରାହକ ହୋଟେଲରେ ନିଜର ବ୍ୟସ୍ତପୂର୍ଣ୍ଣ ଜୀବନ ଓ କର୍ମଚାପକୁ କିଛି ସମୟ ପାଇଁ ଭୁଲାଇ ଦେଇ ପାରିବେ। ହୋଟେଲ ରୁମ୍‌ରେ ଘଣ୍ଟା ନ ଥିଲେ, ବାରମ୍ବାର ସମୟ ଦେଖିବାକୁ ପଡ଼ି ନ ଥାଏ। ଏହାଦ୍ୱାରା କେଉଁ ସମୟରେ କେଉଁ କାମ କରିବା ଦରକାର, ତାହା ଉପରେ ଲୋକଙ୍କ ନଜର ରହେ ନାହିଁ। ସେହିପରି ସମୟ ସହିତ ବାନ୍ଧି ହୋଇ ନ ରହିବା ଦ୍ୱାରା ଜଣେ ଅଧିକ ସମୟ ଶୋଇଥାଏ, ଧୀରେ ଧୀରେ କୌଣସି କାମ ପାଇଁ ନିଜକୁ ପ୍ରସ୍ତୁତ କରିଥାଏ ଏବଂ ପ୍ରତିଟି ମୁହୂର୍ତ୍ତର ଆନନ୍ଦ ନିଏ। ସମୟର ଚାପ ନ ରହିବା ଦ୍ୱାରା ଲୋକେ ହୋଟେଲରେ ବେଶି ସମୟ ରହନ୍ତି। ସ୍ପା ଏବଂ ସୁଇମିଂ ପୁଲ୍ ଭଳି ହୋଟେଲର ସେବାକୁ ମନଭରି ଉପଭୋଗ କରନ୍ତି। ଅବଶ୍ୟ ଏବେ କିଛି ହୋଟେଲରେ ଆଲାର୍ମ କିମ୍ବା ଡିଜିଟାଲ ଘଣ୍ଟା ଦେଖିବାକୁ ମିଳୁଛି। ହେଲେ ହୋଟେଲ ରୁମ୍‌ରେ ଲୋକଙ୍କୁ ପାରମ୍ପରିକ ଭାବେ ଘଣ୍ଟାଠୁ ଦୂରେଇ ରଖାଯାଏ। ଅବଶ୍ୟ ଲୋକେ ମୋବାଇଲ, ସ୍ମାର୍ଟୱାଚ୍ ବ୍ୟବହାର କରିଥାନ୍ତି। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ହୋଟେଲ ରୁମ୍‌ରେ ଘଣ୍ଟା ନ ରହିବାର ଅର୍ଥ ଲୋକଙ୍କୁ ଆରାମ ସହ ହୋଟେଲ ବ୍ୟବସାୟ ବୃଦ୍ଧି କରିବାର ଏହା ଏକ ରଣନୀତି।




# ସମ୍ଭାବନା



## ଭଲ ଲାଗୁନି କି ଅଫିସ୍ ପରିବେଶ

**ଅଫିସ୍ ହେଉଛି ଏମିତି ଏକ ସ୍ଥାନ, ଯେଉଁଠି କର୍ମଜୀବୀଙ୍କ ଅଧିକାଂଶ ସମୟ ବିତିଥାଏ। ହେଲେ ବେଳେ ବେଳେ ଅଫିସ୍ ପରିବେଶ ଏଭଳି ହୋଇଯାଏ ଯେ, କାମ କରିବାକୁ ଇଚ୍ଛା ହୁଏ ନାହିଁ। ଅଫିସ୍ ଜେଲ୍ ଭଳି ମନେ ହୁଏ। ଅବଶ୍ୟ ଏହା ପଛର କାରଣ ଅନେକ କିଛି ହୋଇପାରେ।**



ଅଫିସ୍ ପରିବେଶରେ ଏ ପ୍ରକାର ସମସ୍ୟା କାହିଁକି ଆସେ ଏହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ? କମ୍ପାନି ନିଯୁକ୍ତି ଦେବା ବେଳେ କେବଳ ପ୍ରାର୍ଥୀଙ୍କ ଯୋଗ୍ୟତା ଉପରେ ଧ୍ୟାନ ଦିଏ। ହେଲେ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେଇ ନ ଥାଏ। ତେବେ ନିଯୁକ୍ତିଦାତାଙ୍କୁ ନିଯୁକ୍ତି ସମୟରେ ଉଭୟ ଯୋଗ୍ୟତା ଏବଂ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେବା ଜରୁରି। ସେହିପରି ଅଫିସ୍‌ରେ କିଛି କର୍ମଚାରୀ ଏଭଳି ଥାନ୍ତି, ଯେଉଁମାନେ ମାନସିକ ସ୍ତରରେ ଅସୁସ୍ଥ ହୋଇଥାନ୍ତି। ଏହା ସାମ୍ନାକୁ ଜଣାପଡ଼ି ନ ଥାଏ। ପରବର୍ତ୍ତୀ ସମୟରେ ସେମାନଙ୍କ ବ୍ୟବହାର, ଆଚରଣ ଅନ୍ୟ ସହକର୍ମୀ ଏବଂ ସଦସ୍ୟଙ୍କ ପାଇଁ ଏଭଳି ଥାଏ, ଯାହାକି ଅସହନୀୟ ହୋଇଥାଏ। ଏହାବାଦ୍ ଏଭଳି ସ୍ୱଭାବ ଦେଖାଉଥିବା କର୍ମଚାରୀଙ୍କ ଆଚରଣ ବି ଅଲଗା ହୋଇଥାଏ। ସେମାନେ ଆବଶ୍ୟକତାଠୁ ଅଧିକ ରାଗନ୍ତି, କାହାକୁ ଭୟ କରନ୍ତି ନାହିଁ। ଏପରିକି ହିଂସା ଓ ଅପରାଧ କରିବା ପରେ ଅନୁତାପ କରି ନ ଥାନ୍ତି ଏବଂ ଅନ୍ୟର ଦୁଃଖକୁ ବୁଝି ନ ଥାନ୍ତି। ଏଭଳି ପରିବେଶରେ କର୍ମଚାରୀମାନେ କାମ କରିବାକୁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ଯାହାକି ଅଫିସ୍ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ଏ ସଂକ୍ରାନ୍ତରେ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟରେ କାମ କରୁଥିବା ୨୬୧ କର୍ମଚାରୀଙ୍କ ଉପରେ ଗବେଷଣା କରାଯାଇଥିଲା। ଏଥିରୁ ଜଣାପଡ଼ିଲା ୨୧ ପ୍ରତିଶତ କର୍ମଚାରୀଙ୍କ ମଧ୍ୟରେ ସହାନୁଭୂତିର ଅଭାବ, ସ୍ୱାର୍ଥବାଦର ଲକ୍ଷଣ ଥିଲା। ଏହି ଲକ୍ଷଣ କାର୍ଯ୍ୟାଳୟରେ ଭଲ ବ୍ୟବହାର ପ୍ରଦର୍ଶନ ନ କରିବା, ଅସ୍ୱାସ୍ଥ୍ୟକର ପରିବେଶ, ଖରାପ କାମ କରିବା ପରିବେଶ ଯୋଗୁଁ ହୋଇପାରେ। ଏନେଇ ଗବେଷକମାନେ ଏକ ଟୁଲ୍ ବିକଶିତ କରିଛନ୍ତି। ଯଦ୍ୱାରା ମନୋରୋଗୀ ଲୋକଙ୍କୁ ଚିହ୍ନଟ କରାଯାଇ ପାରିବ।

## ଅଜବ କୋର୍ସ

**ଆଜିକାଲି ଏମିତି ପାଠ୍ୟକ୍ରମ ଆସୁଛି, ଯାହାକି ପାରମ୍ପରିକ ଶିକ୍ଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏପରି କିଛି ପାଠ୍ୟକ୍ରମ ସମ୍ପର୍କରେ...**



- କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ହ୍ୟାରି ପଟରକୁ ନେଇ ଏକ କୋର୍ସ ଅଛି। ଏଠାରେ ହ୍ୟାରି ପଟର ସୁପରଫ୍ୟାନ୍ସ ହଗବଟସର ଯାଦୁଗର ଦୁନିଆକୁ ସମର୍ପିତ କୋର୍ସରେ ନାମ ଲେଖାଇପାରିବେ। ଏହି ବିଷୟ ସମ୍ପୂର୍ଣ୍ଣ ଅଲଗା ଓ ରୋମାଞ୍ଚକର ଲାଗେ।
- ବ୍ରିଟିଶ କଲେଜ ଅଫ୍ କୋନାଇନ ଷ୍ଟଡିଜ୍ କୁକୁର ପ୍ରେମୀଙ୍କ ଲାଗି କହିଲେ କିଛି ଭୁଲ୍ ହେବନି। କୁକୁରଙ୍କୁ ବୁଲାଇବା ଲାଗି ପ୍ରଫେସନାଲ କୋର୍ସ ଅଛି।
- ମାସାଚୁସେଟସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଷ୍ଟ୍ରିଟ୍ ଫାଇଟିଂ ମ୍ୟାଥ୍‌ମେଟିକ୍ସ ନାମର କୋର୍ସ ଅଛି। ଏଥିରେ ମ୍ୟାଥ୍‌ମେଟିକାଲ ଆଇଡିଆକୁ ସୁଧାରିବାକୁ ଶିଖାଯାଏ।
- ସାଉଥ୍ କ୍ୟାରିଲୋନା ୟୁନିଭର୍ସିଟିରେ ସମାଜଶାସ୍ତ୍ରର ଏକ କୋର୍ସ ଅଛି। ଏହା ପପ୍ ଷ୍ଟାର୍ ଲେଡି ଗାଗାଙ୍କ ଜୀବନ ଏବଂ ତାଙ୍କ ପ୍ରସିଦ୍ଧି ଉପରେ ଆଧାରିତ।
- ପେନ୍ ୟୁନିର୍ଭସିଟି ଟର୍ଫଗ୍ରାସ ସାଇନ୍ସରେ ଗ୍ରାଜୁଏସନ ଡିଗ୍ରୀ ପ୍ରଦାନ କରେ। ଏଥିରେ ଘାସ ଓ ବଗିଚାର ଦେଖାଶୁଣା କରିବା ବାବଦରେ ଶିକ୍ଷା ପ୍ରଦାନ କରାଯାଏ।
- ଲିଭରପୁଲ୍ ହୋପ୍ ୟୁନିର୍ଭସିଟି ଦ ବିଟଲସ, ପପୁଲାର ମ୍ୟୁଜିକ୍ ଆଣ୍ଡ ସୋସାଇଟି ନାମକ କୋର୍ସ ରହିଛି। ଏଥିରେ ବିଦ୍ୟାର୍ଥୀଙ୍କୁ ସଂଗୀତ ଏବଂ ସଂସ୍କୃତି ଉପରେ ବ୍ୟାଣ୍ଡ ପ୍ରଭାବ ପଡ଼ା ଉପରେ ସୁଯୋଗ ପ୍ରଦାନ କରେ।

## ପ୍ରତିଶ୍ରୁତି ରକ୍ଷା କରୁ ନ ଥିଲେ...



ଯେଉଁ ଲୋକ ପ୍ରତିଶ୍ରୁତି ଠାରୁ ପଳାୟନ କରନ୍ତି, ସେମାନଙ୍କଠାରେ କିଛି ସ୍ୱତନ୍ତ୍ର ଅଭ୍ୟାସ ବା ଲକ୍ଷଣ ଥାଏ। ଏଭଳି ଲୋକ ସମ୍ପର୍କ ଏବଂ ଦାୟିତ୍ୱବୋଧରୁ ରକ୍ଷା ପାଇବାକୁ ଚାହାଁନ୍ତି। ସାଧାରଣତଃ ଭବିଷ୍ୟତ ଯୋଜନା ଯେଭଳି ବିବାହ, ଏକାଠି ରହିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସଙ୍କୋଚ କରିଥାନ୍ତି। ଏଭଳି ଲୋକ ସବୁବେଳେ ଏକଥା ଭାବନ୍ତି ଯେ, ସେମାନଙ୍କ ପାଇଁ ସବୁ ଭଲ ବିକଳ୍ପ ଅଛି। ତେଣୁ ଗୋଟିଏ ସମ୍ପର୍କରେ ସେମାନେ ବାନ୍ଧି ହୋଇ ରହି ନ ଥାନ୍ତି। ସେମାନଙ୍କର ଗୋଟିଏ ସମ୍ପର୍କରେ ଶୀଘ୍ର ମୋହଭଙ୍ଗ ହୁଏ ଏବଂ ନୂଆର ସନ୍ଧାନରେ ରହନ୍ତି। ଛୋଟ ଛୋଟ କଥାରେ ଅଯଥାରେ ଝଗଡ଼ା କରନ୍ତି। ସେମାନେ ନିଜ ଜୀବନସାଥୀ ଏବଂ ସାଙ୍ଗସାଥୀଙ୍କ ସହ ଭାବନାତ୍ମକ ସ୍ତରରେ ଯୋଡ଼ି ହୋଇ ରହିବା ପାଇଁ ଇଚ୍ଛା କରନ୍ତିନି। ସେମାନଙ୍କୁ ନିଜ ଭାବନାକୁ ବ୍ୟକ୍ତ କରିବା କଷ୍ଟ ହୁଏ। ଏଭଳି ଲୋକଙ୍କ କଥା ସବୁବେଳେ ଅସ୍ପଷ୍ଟ ହୋଇଥାଏ। କୌଣସି କଥାକୁ ସିଧାସଳଖ ନ କହି ବୁଲେଇ ବଙ୍କେଇ କହିଥାନ୍ତି। ସମ୍ପର୍କକୁ କେଉଁ ଆଡକୁ ନେବେ ସେ କଥା ସ୍ପଷ୍ଟ ଭାବେ କିଛି କହି ନ ଥାନ୍ତି।

## ଆପଲ୍‌ର ନୂଆ ଫିଚର୍

ଆଇଫୋନ୍ ବ୍ୟବହାରକାରୀଙ୍କ ଲାଗି ଆପଲ ଏକ ନୂଆ ଫିଚର୍ ଆଣିଛି। ଏଥିରୁ ଏକଥା ଜଣାପଡ଼ିବ ଯେ, ଆଇଫୋନ୍ ୮୦ ପ୍ରତିଶତ ଚାର୍ଜ ହେବା ପାଇଁ କେତେ ସମୟ ଲାଗିବ। ଏହି ତଥ୍ୟ ହୋମ୍‌ସ୍କ୍ରିନ୍ ଉପରେ ହିଁ ଦେଖାଇବ। ଏହା ଆଇଓଏସ୍ ୨୬ ଅପଡେଟ୍‌ର ଅଂଶ। ଆଇଓଏସ୍ ୨୬ ସହିତ ଏକ ନୂଆ ଇଣ୍ଟେଲିଜେଣ୍ଟ ବ୍ୟାଟେରି ସେଭର୍ ମୋଡ୍ ଆସୁଛି। ଏହାର ନାଁ ଆଡପଟିଭ୍ ପାୱାର। ଏହି ମୋଡକୁ ଆଇଫୋନ୍ ବ୍ୟବହାରକାରୀଙ୍କୁ ଫୋନ୍‌ରେ ଚାଲୁ କରିବାକୁ ହେବ। ଏହା ସାହାଯ୍ୟରେ ବ୍ୟବହାରକାରୀ ବ୍ୟାଟେରିରର ବ୍ୟବହାର ଏବଂ ପ୍ୟାଟର୍ଣ୍ଣକୁ ବୁଝିପାରିବେ। ଏହି ନୂଆ ପାୱାର ମୋଡ୍ ବ୍ୟବହାରକାରୀଙ୍କୁ ଏକଥା କହିବ ଆଇଫୋନ୍ ୮୦ ପ୍ରତିଶତ ଚାର୍ଜ ହେବାରେ କେତେ ସମୟ ଲାଗିବ। ଏଥିରୁ ଏକଥା ଜଣାପଡ଼ିବ, ଫୋନ୍‌କୁ ଚାର୍ଜିଂରେ କେତେ ସମୟ ରଖିବାକୁ ହେବ। ସେହିପରି କେଉଁ ଆପ୍ ସାମାନ୍ୟଠୁ ଅଧିକ ବ୍ୟାଟେରି ବ୍ୟବହାର କରୁଛି ଏବଂ ଅଚାନକ ପରିବର୍ତ୍ତନର କାରଣ କହିବ।

# ୧୮ ବର୍ଷ ହେଲା ଇଂଲଣ୍ଡରେ ସିରିଜ୍ ଜିତିନି ଭାରତ

ଲଣ୍ଡନ,୧୭।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କିଏ ଜିତିବ ତାହା ଏବେଠାରୁ କହିବା କଷ୍ଟକର। କିନ୍ତୁ ଘରୋଇ ମାଟିରେ ଖେଳୁଥିବା ଇଂଲଣ୍ଡ ଏହି ସିରିଜ୍ ଜିତିବ ବୋଲି ପୂର୍ବାନୁମାନ କରାଯାଉଛି। ଟେଷ୍ଟ କ୍ରିକେଟରେ ଭାରତ ୧୯୩୨ରେ ପ୍ରଥମେ ଇଂଲଣ୍ଡ ସହ ଇଂଲଣ୍ଡରେ ଖେଳିଥିଲା। ଏହି ମ୍ୟାଚ୍ ପରେ ଭାରତକୁ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ଜିତିବାକୁ ୪ ଦଶନ୍ଧିରେ ୨୨ଟି ଟେଷ୍ଟ ଖେଳିବାକୁ ପଡ଼ିଥିଲା। ଶେଷରେ ଅଜିତ ୱାଡେକରଙ୍କ ନେତୃତ୍ୱରେ ଓଭାଲରେ ୧୯୭୧ରେ ଖେଳାଯାଇଥିବା ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଭାରତ ଏହି ଟେଷ୍ଟକୁ ୪ ୱିକେଟରେ ଜିତିଥିଲା ଓ ୧-୦ରେ ପ୍ରଥମ ସିରିଜ୍ କବ୍‌ଜା କରିଥିଲା। ଏହାପରେ ଇଂଲଣ୍ଡ ମାଟିରେ ଦ୍ୱିତୀୟଥର ସିରିଜ୍ ଜିତିବାକୁ ଦଳକୁ ୧୫ ବର୍ଷ ଲାଗି ଯାଇଥିଲା। ୧୯୮୬ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ଏହି ସିରିଜ୍‌କୁ ୨-୦ରେ ଜିତିନେଇଥିଲା। ତୃତୀୟ ସିରିଜ୍ ଜିତିବାକୁ ଭାରତକୁ ୨୦୦୭ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା। ରାହୁଲ ଦ୍ରାବିଡ଼ଙ୍କ ନେତୃତ୍ୱରେ ଭାରତ ଶେଷଥର ଇଂଲଣ୍ଡକୁ ଇଂଲଣ୍ଡ ମାଟିରେ ସିରିଜ୍ ହରାଇଥିଲା। ଶେଷ ସିରିଜ୍ ବିଜୟ ପରଠାରୁ ଇଂଲଣ୍ଡ ମାଟିରେ ଭାରତ ଦୟନୀୟ ପ୍ରଦର୍ଶନ କରିଛି। ୨୦୧୧ରେ ୦-୪, ୨୦୧୪ରେ ୧-୩, ୨୦୧୮ରେ ୧-୪ରେ ଟେଷ୍ଟ ସିରିଜ୍ ହାରିଥିଲା। ଏହା ପରେ ଶେଷଥର ୨୦୨୧-୨୨ରେ ମୁକାବିଲା ହୋଇଥିଲା। କରୋନା ପ୍ରଭାବିତ ସମୟରେ ଦୁଇଟି ଦଫାରେ ଖେଳାଯାଇଥିବା ଏହି ସିରିଜ୍ ୨-୨ରେ ଅମିମାଂସିତ ରହିଥିଲା। ଇଂଲଣ୍ଡରେ ଭାରତ ଏଯାଏ ସର୍ବାଧିକ ୬୭ଟି ଟେଷ୍ଟ ମ୍ୟାଚ୍ ଖେଳିଛି। କିନ୍ତୁ ଦଳ ମାତ୍ର ୯ଟି ଟେଷ୍ଟରେ ବିଜୟୀ ହୋଇ ପାରିଛି। ଏବେ ଦଳରେ ବରିଷ୍ଠ ଖେଳାଳିଙ୍କର ଅନୁପସ୍ଥିତି ରହିଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଏହି ସିରିଜ୍‌କୁ କବ୍‌ଜା କରିବ ବୋଲି କେହି ପୂର୍ବାନୁମାନ କରୁଥିଲେ ମଧ୍ୟ ଏଥିଲାଗି ଯେ ଅନେକ କଷ୍ଟସ୍ୱୀକାର କରିବାକୁ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

● ଏଫ୍‌ଆଇଏଚ୍ ପ୍ରୋ ଲିଗ୍

## ଭାରତୀୟ ମହିଳା ଦଳର ୭ମ ପରାଜୟ

ଲଣ୍ଡନ, ୧୭।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ମହିଳା)ରେ ଭାରତୀୟ ଦଳ ୭ମ ପରାଜୟବରଣ କରିଛି। ୟୁରୋପ୍ ପର୍ଯ୍ୟାୟରେ ମଙ୍ଗଳବାର ଲଣ୍ଡନରେ ଅନୁଷ୍ଠିତ ଏକ ମ୍ୟାଚରେ ଆର୍ଜେଣ୍ଟିନା ମହିଳା ହକି ଦଳ ୪-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଦୀପିକା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍ ୧-୧ ଗୋଲ୍‌ରେ ବରାବର୍ ରହିଥିଲା। କିନ୍ତୁ ପରବର୍ତ୍ତୀ ୩ ମିନିଟ୍‌ରେ ଆର୍ଜେଣ୍ଟିନା ଦମ୍‌ଦାର ପ୍ରଦର୍ଶନ କରି ଆଉ ୩ଟି ଗୋଲ୍ ଦେବା ସହ ୪-୧ରେ ମ୍ୟାଚକୁ କବ୍‌ଜା କରିନେଥିଲା। ଏଥିରୁ ପେନାଲ୍ଟି ଷ୍ଟୋକ୍‌ରୁ ୨ଟି ଗୋଲ୍ ହୋଇଥିଲା। ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ୧୧ ମ୍ୟାଚରୁ ୭ମ ପରାଜୟ ଏବଂ ୨ଟି ଲେଖାଏ ବିଜୟ ଓ ଡ୍ର ସହ ୯ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ବୁଧବାର ପୁଣିଥରେ ଆର୍ଜେଣ୍ଟିନାକୁ ଭେଟିବ।

● ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ

## ନାଜମୁଲ-ମୁସଫିକରଙ୍କ ରେକର୍ଡ ପାର୍ଟନରସିପ୍




ଗଲ୍,୧୭।୬ (ଏଜେନ୍ସି): ଅଧିନାୟକ ନାଜମୋଲ ହୋସେନ୍ ସାଣ୍ଟୋ ଓ ମୁସଫିକର ରହିମ ଚତୁର୍ଥ ୱିକେଟ ଯୋଡ଼ିରୁ ରେକର୍ଡ ୨୪୭ ରନ ସଂଗୃହୀତ ହେବା ଫଳରେ ଏଠାରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ବାଂଲାଦେଶ ମଜଭୁତ ସ୍ଥିତିରେ ପହଞ୍ଚିଛି। ଗଲ୍‌ରେ ଖେଳାଯାଇଥିବା ଏହି ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୫ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହା ପରେ ନାଜମୋଲ ୧୩୬ ଓ ମୁସ୍‌ଫିକର ୧୦୫ ରନ୍ କରି ଅପରାଜିତ ଶତକ ହାସଲ କରିବା ସହ ଚତୁର୍ଥ ୱିକେଟରେ ନିଜ ଦେଶ ପକ୍ଷରୁ ସର୍ବାଧିକ ଭାଗୀଦାରି କରିବା ଫଳରେ ଦଳ ପ୍ରଥମ ଦିନ ଖେଳ ଶେଷ ବେଳକୁ ୩ ୱିକେଟରେ ୨୯୨ ରନ୍ କରି ଭଲ ସ୍ଥିତିରେ ରହିଛି। ଶ୍ରୀଲଙ୍କା ପକ୍ଷରୁ ତାରିନ୍ଦୁ ରତନାୟକେ ୨ଟି ୱିକେଟ ପାଇଛନ୍ତି।

### ଆଉ ୨ ଦିନ ପରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ

# ଭାରତୀୟ ଦଳରେ ହର୍ଷିତ ସାମିଲ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି)



ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଆଉ ମାତ୍ର ୨ ଦିନ ବାକି ରହିଛି। ଜୁନ ୨୦ରୁ ଲିଡ୍ସରେ ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଯୁବ ଅଧିନାୟକ ଶୁବମାନ ଗିଲ୍‌ଙ୍କ ନେତୃତ୍ୱରେ ଭ୍ରମଣକାରୀ ଭାରତୀୟ ଦଳ ଗତ ଦୁଇ ସପ୍ତାହ ହେବ ଇଂଲଣ୍ଡରେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ସଦ୍ୟ ରିପୋର୍ଟ ମୁତାବକ, ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ଇଂଲଣ୍ଡରେ ଦଳ ସହ ରହିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ପୂର୍ବରୁ ମେ ୨୪ରେ ଘୋଷିତ ୧୮ ଜଣିଆ ଦଳରେ ହର୍ଷିତଙ୍କ ନାମ ନ ଥିଲା। ହର୍ଷିତ କିନ୍ତୁ ଭାରତ-ଏ ଦଳ ସହ ଇଂଲଣ୍ଡ ଗସ୍ତରେ ରହିଥିଲେ। ସେଠାରେ ଭାରତ-ଏ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିସାରିଛି। କିନ୍ତୁ ୨୩ ବର୍ଷୀୟ ହର୍ଷିତଙ୍କୁ ସ୍ୱଦେଶ ଫେରିବା ପରିବର୍ତ୍ତେ ଭାରତୀୟ ଟେଷ୍ଟ ଦଳ ସହ ରହିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ଫଳରେ ଭାରତୀୟ ଟେଷ୍ଟ ସଦସ୍ୟଙ୍କ ସଂଖ୍ୟା ୧୮ରୁ ୧୯କୁ ବଢ଼ିଯାଇଛି। ତେବେ ବସିସିଆଇ ତାଙ୍କୁ ଅନ୍‌ଅଫିସିଆଲ୍ ସଦସ୍ୟ ଭାବେ ଦଳରେ ସାମିଲ କରିଛି। ଭାରତୀୟ ଦଳର କିଛି ସଦସ୍ୟ ସାମାନ୍ୟ ଆହତ ଥିବାରୁ ହର୍ଷିତଙ୍କୁ ବ୍ୟାକ୍‌ଅପ୍ ଭାବେ ଇଂଲଣ୍ଡରେ ରହିବାକୁ କୁହାଯାଇଥିବା ଜଣାପଡ଼ିଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ଅନଅଫିସିଆଲ୍ ଟେଷ୍ଟରେ ରାଣା ୯୯ ରନ ବ୍ୟୟରେ ଗୋଟିଏ ୱିକେଟ୍ ନେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ପୂର୍ବରୁ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳରେ ୫ଜଣ ଦ୍ରୁତ ବୋଲିଂ ସ୍ପେଶାଲିଷ୍ଟ ରହିଥିଲେ। ସେମାନେ ହେଲେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ୍ ଓ ଅର୍ଶଦୀପ୍ ସିଂହ। ସେହିଭଳି ଶାର୍ଦ୍ଦୁଳ ଠାକୁର ଓ ନୀତୀଶ ରେଡ୍ଡୀଙ୍କ ରୂପେ ଦୁଇଜଣ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଦଳରେ ସ୍ଥାନ ପାଇଛନ୍ତି। ତେବେ ରାଣା ବ୍ୟାକ୍‌ଅପ୍ ଭାବେ ଦଳ ସହ ରହିବେ। ହର୍ଷିତ ଭାରତ ପାଇଁ ୨ଟି ଟେଷ୍ଟ ଖେଳି ୪ଟି ୱିକେଟ୍ ନେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୭ ପରେ ଭାରତ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଟେଷ୍ଟ ସିରିଜ ଜିତିବାକୁ ଲକ୍ଷ୍ୟ ରଖିଛି।

■ ସିରିଜ ବିଜୟୀ ଅଧିନାୟକଙ୍କୁ ମିଳିବ 'ପଟୌଦୀ ପଦକ'

ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଆଗାମୀ ଟେଷ୍ଟ ସିରିଜରେ ଯେଉଁ ଦଳ ବିଜୟୀ ହେବ ସେହି ଦଳର ଅଧିନାୟକଙ୍କୁ 'ପଟୌଦୀ ପଦକ' ପ୍ରଦାନ କରାଯିବ। ପଟୌଦୀ ଐତିହ୍ୟକୁ ବଜାୟ ତଥା ଅକ୍ଷୁର୍ଣ୍ଣ ରଖିବା ଲାଗି ଏହା ଏକ ବ୍ୟକ୍ତିଗତ ସମ୍ମାନ ହେବ। ଦୁଇ ଅଂଶଗ୍ରହଣକାରୀ ଦେଶର କ୍ରିକେଟ୍ ବୋର୍ଡ ବିସିସିଆଇ ଓ ଇସିବି ପକ୍ଷରୁ 'ପଟୌଦୀ ପଦକ' ପ୍ରଦାନ ନେଇ ସମ୍ମତି ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଯେଉଁ ଟେଷ୍ଟ ସିରିଜ ଖେଳିଥାଏ ତାହା ପୂର୍ବତନ କ୍ରିକେଟର୍ ଏମ୍‌ଏକେ ପଟୌଦୀଙ୍କ ସମ୍ମାନାର୍ଥେ 'ପଟୌଦୀ ଟ୍ରଫି' ନାମରେ ନାମିତ ଥିଲା। ଏଥର କିନ୍ତୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପାରମ୍ପରିକ ପଟୌଦୀ ଟ୍ରଫିର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲା। ଆଗାମୀ ସିରିଜର ନାମ 'ଆଣ୍ଡରସନ-ତେନ୍ଦୁଲକର ଟ୍ରଫି' ନାମରେ ନାମିତ କରାଯାଇଥିଲା। କିନ୍ତୁ କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକର ଏହି ସିରିଜରେ ପଟୌଦୀ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଉଭୟ ବିସିସିଆଇ ଓ ଇସିବିକୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ଶେଷରେ ସଚିନଙ୍କ କଥା ରକ୍ଷା କରି 'ପଟୌଦୀ ପଦକ' ଭାବେ ଏକ ନୂଆ ବ୍ୟକ୍ତିଗତ ସମ୍ମାନ ସିରିଜ ବିଜୟୀ ଦଳର ଅଧିନାୟକଙ୍କୁ ପ୍ରଦାନ କରାଯିବ।



### 'ଦଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନେତୃତ୍ୱ ନେବାକୁ ମନା କରିଥିଲି'

ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଶେଷରେ ଭାରତୀୟ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ନ ହେବାକୁ ନେଇ ମୁହଁ ଖୋଲିଛନ୍ତି। କାର୍ଯ୍ୟଭାରକୁ ନଜରରେ ରଖି ଇଂଲଣ୍ଡ ଗସ୍ତରେ ଦଳର ନେତୃତ୍ୱ ନେବା ଲାଗି ମିଳିଥିବା ଅଫରକୁ ପ୍ରତ୍ୟାଖାନ କରିଥିଲି ବୋଲି ବୁମ୍‌ରା ଏକ ସାକ୍ଷାତ୍‌କାର ଅବସରରେ ଏହା କହିଛନ୍ତି। ବୁମ୍‌ରା ନେତୃତ୍ୱ ନେବାକୁ ମନା କରିବା ପରେ ଯୁବ ବ୍ୟାଟର୍ ଶୁବମନ ଗିଲ୍‌ଙ୍କୁ ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ କରାଯାଇଥିଲା। ଇଂଲଣ୍ଡରେ ସ୍କାଏ ସ୍ପୋର୍ଟ୍ସକୁ ଦେଇଥିବା ଏହି ସାକ୍ଷାତ୍‌କାରେ ବୁମ୍‌ରା କହିଛନ୍ତି, 'ରୋହିତ୍ ଓ ବିରାଟଙ୍କ ଅବସର ଘୋଷଣା ପୂର୍ବରୁ ଆଇପିଏଲ୍ ମଝିରେ ମୁଁ ବିସିସିଆଇ ସହିତ ମୋର କାର୍ଯ୍ୟଭାର ନେଇ ଆଲୋଚନା କରିଥିଲି। ମୋ ଅଣ୍ଟାଜନିତ ସମସ୍ୟାର ଯତ୍ନ ନେଉଥିବା ଲୋକଙ୍କ ସହ ଆଲୋଚନା କରିଥିଲି। ଶେଷରେ ନିଷ୍ପତ୍ତି ନେଇଥିଲୁ ଅଣ୍ଟାଜନିତ ସମସ୍ୟାକୁ ନେଇ ଆମକୁ ସତର୍କ ରହିବାକୁ ପଡ଼ିବ। ଏହାପରେ ବିସିସିଆଇକୁ ଜଣାଇ ଦେଇଥିଲି ଇଂଲଣ୍ଡ ଗସ୍ତରେ ସମସ୍ତ ୫ଟି ଯାକ ଟେଷ୍ଟ ମ୍ୟାଚ୍ ଖେଳିପାରିବି ନାହିଁ। ତେଣୁ ମୋତେ ଦଳର ନେତୃତ୍ୱ ଲାଗି ଏକ ବିକଳ୍ପ ଭାବେ ନ ରଖାଯାଉ। ବିସିସିଆଇ ମୋତେ ଅଧିନାୟକ ଭାବେ ଇଂଲଣ୍ଡରେ ଦେଖିବାକୁ ଚାହୁଁଥିଲା। କିନ୍ତୁ ମୋତେ ଶେଷରେ ଏହାକୁ ପ୍ରତ୍ୟାଖାନ କରିବାକୁ ପଡ଼ିଥିଲା। କାରଣ ୫ଟି ଟେଷ୍ଟରୁ ତିନୋଟିରେ ଜଣେ ଏବଂ ଆଉ ୨ଟି ମ୍ୟାଚରେ ଅନ୍ୟଜଣେ ନେତୃତ୍ୱ ନେଉ ତାହା ଦଳ ପାଇଁ ଭଲ ଲକ୍ଷଣ ନୁହେଁ। ଯେଉଁଥି ପାଇଁ ମୁଁ ଅଧିନାୟକ ଭାର ସମ୍ଭାଳିବାକୁ ମନା କରିଥିଲି' ବୋଲି ବୁମ୍‌ରା କହିଛନ୍ତି।

## ଆଜିଠୁ ପୁରୁଷ ହକି ମାଷ୍ଟର୍ସ କପ୍

ଚେନ୍ନାଇ, ୧୭।୬ (ଏଜେନ୍ସି): ହକି ଇଣ୍ଡିଆ ଆନୁକୂଲ୍ୟରେ ବୁଧବାରଠାରୁ ଏଠାରେ ପୁରୁଷ ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ପଞ୍ଜାବ ଓ ପୁଡୁଚେରୀ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେହିଭଳି ଓଡ଼ିଶା ଦଳ ଗୁରୁବାର ପୁଡୁଚେରୀ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଅବସରପ୍ରାପ୍ତ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଦେଶର ୧୧ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପୁଲ୍-ବି'ରେ ପଞ୍ଜାବ ଓ ପୁଡୁଚେରୀ ସହ ଓଡ଼ିଶା ସ୍ଥାନ ପାଇଛି। ସେହିଭଳି ପୁଲ୍-ଏ'ରେ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଓ କେରଳ, ପୁଲ-ସି'ରେ ଚଣ୍ଡିଗଡ଼, ମହାରାଷ୍ଟ୍ର ଓ ମଣିପୁର ଏବଂ ପୁଲ୍-ଡି'ରେ ହରିୟାଣା ଓ କର୍ଣ୍ଣାଟକ ରହିଛନ୍ତି। ଓଡ଼ିଶା ଏହାର ଶେଷ ପୁଲ୍ ମ୍ୟାଚରେ ଜୁନ ୨୦ରେ ପଞ୍ଜାବକୁ ଭେଟିବ। ପ୍ରତି ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବେ।

## ୬ ବର୍ଷ ପରେ ଶୀର୍ଷକୁ ଫେରିଲେ ମନ୍ଧାନା



ଦୁବାଇ, ୧୭।୬ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ଆଇସିସି ଦିନିକିଆ ର୍‍ୟାଙ୍କିଂର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାର ବ୍ୟାଟିଂ ତାଲିକାରେ ମନ୍ଧାନା ଗୋଟିଏ ପାହାଚ ଉପରକୁ ଉଠି ୭୨୭ ରେଟିଂ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟ ୧୯ ରେଟିଂ ପଏଣ୍ଟ ହରାଇ ଶୀର୍ଷ ମାନ୍ୟତା ହରାଇଛନ୍ତି। ବର୍ତ୍ତମାନ ଲୌରା ଓ ଇଂଲଣ୍ଡ ଅଧିନାୟିକା ନାତାଲୀ ସ୍କିଭର-ବ୍ରଣ୍ଟ ୭୧୯ ରେଟିଂ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନା ଶେଷଥର ଲାଗି ୨୦୧୯ରେ ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ସ୍ଥାନରେ ରହିଥିଲେ। ପୂର୍ବରୁ ପୁରୁଷ ବିଭାଗରେ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ମଧ୍ୟ ଦିନିକିଆ ମାନ୍ୟତାରେ ଏକ ନମ୍ବର ସ୍ଥାନ ଅଧିକାର କରିଥିଲେ।

## ଏସୀୟ ରୌପ୍ୟ ବିଜୟିନୀ ଶ୍ରାବଣୀଙ୍କୁ ସମ୍ବର୍ଦ୍ଧନା

କଟକ,୧୭।୬(ସମିସ): କୋରିଆର ଗୁମିରେ ଆୟୋଜିତ ୨୬ତମ ଏସିଆନ ଆଥଲେଟିକ ଚାମ୍ପିଅନସିପ୍‌ରେ ରୌପ୍ୟ ବିଜୟୀ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦଙ୍କୁ ଓଡ଼ିଶା ଆଥଲେଟିକ ସଂଘ(ଓଏଏ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୪୦୦ମିଟର ରିଲେ ଦୌଡ଼ରେ ଶ୍ରାବଣୀ ଏହି ସଫଳତା ପାଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷ ଗେଟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଏଏ ଅଧ୍ୟକ୍ଷ ଆଶୀର୍ବାଦ ବେହେରା ଉପଢୌକନ ସହ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶିକ୍ଷକ ଅରୁଣ ଦାସ, ନୀଳମାଧବ ରାଓ ଉପସ୍ଥିତ ଥିଲେ। ଓଏଏର କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## କ୍ୱାର୍ଟରଫାଇନାଲ ଘୁଞ୍ଚିଲା ଗୋଟିଏ ଦିନ

କଟକ,୧୭।୬(ସମିସ): ଲଗାଣ ବର୍ଷା ଯୋଗୁଁ ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ଟି ଯାକ କ୍ୱାର୍ଟରଫାଇନାଲ ମ୍ୟାଚ୍ ବାତିଲ ହୋଇଛି। ବୁଧବାର ମ୍ୟାଚ୍ ପୁନଃ ଆୟୋଜନ ନିମନ୍ତେ ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ସ୍ଥିର ହୋଇଥିବା ସତ୍ତ୍ୱେ ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ନିର୍ଭର କରିବ। କଟକରେ ବର୍ଷା ଜାରି ରହିଥିବା ବେଳେ ବିଭିନ୍ନ ଗ୍ରାଉଣ୍ଡରେ ପାଣି ଜମା ହୋଇ ରହିଛି। ପ୍ରକାଶଯୋଗ୍ୟ, ଟୁର୍ଣ୍ଣାମେଣ୍ଟର ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥାନ୍ତା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଝାରସୁଗୁଡା ଓ ଭୁବନେଶ୍ୱର-ଏ, ବିଡାନାସୀ ଗ୍ରାଉଣ୍ଡରେ କଟକ-ବି ଓ ଭୁବନେଶ୍ୱର-ବି, ନିମପୁର ଗ୍ରାଉଣ୍ଡରେ କଟକ-ଏ ଓ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଗ୍ରାଉଣ୍ଡରେ ସୁନ୍ଦରଗଡ ଏବଂ କେନ୍ଦ୍ରାପଡା ମଧ୍ୟରେ ମୁକାବିଲା ହୋଇଥାନ୍ତା। ଆସନ୍ତାକାଲି ଏହି ମ୍ୟାଚ୍ ଆୟୋଜନର ସମ୍ଭାବନା ରହିଛି।

**କ୍ରିକେଟ୍ ଇତିହାସରେ ପ୍ରଥମ**

## ତୃତୀୟ ସୁପର୍ ଓଭରରେ ଜିତିଲା ନେଦରଲାଣ୍ଡସ

ଗ୍ଲାସଗୋ, ୧୭।୬ (ଏଜେନ୍ସି)




ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ଟି-୨୦ ମ୍ୟାଚ୍ ଟାଇ ରହିବା ପରେ ତୃତୀୟ ସୁପର୍ ଓଭରରେ ଶେଷରେ ମ୍ୟାଚ୍‌ର ଫଳାଫଳ ବାହାରିଛି। ସ୍କଟଲାଣ୍ଡରେ ଚାଲିଥିବା ଟି-୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଖେଳାଯାଇଥିବା ଏହି ହାଇଡ୍ରାମା ମୁକାବିଲାରେ ଶେଷରେ ନେପାଳକୁ ହରାଇଛି ନେଦରଲାଣ୍ଡସ। ମ୍ୟାଚ୍ ଟାଇ ରହିବା ପରେ ପ୍ରଥମ ଓ ଦ୍ୱିତୀୟ ସୁପର୍ ଓଭର ମଧ୍ୟ ଟାଇ ରହିଥିଲା।

ତ୍ରି-ରାଷ୍ଟ୍ରୀୟ ସିରିଜର ଏହି ଦ୍ୱିତୀୟ ମ୍ୟାଚ୍‌ରେ ନେପାଳ ବିପକ୍ଷରେ ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୫୨ ରନ କରିଥିଲା। ଜବାବରେ ଅଧିନାୟକ ରୋହିତ୍ ପୌଡେଲଙ୍କ ୪୮ ରନ ବଲରେ ନେପାଳ ୮ ୱିକେଟ୍‌ରେ ସମାନ ୧୫୨ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ରହିଥିଲା। ଏହାପରେ ପ୍ରଥମ ସୁପର୍ ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ପ୍ରତିପକ୍ଷ ଡାନିଏଲ୍ ଡୋରାମଙ୍କ ଓଭରରୁ ୧୯ ରନ ସଂଗ୍ରହ କରିଥିଲା। ଜବାବରେ ନେଦରଲାଣ୍ଡସ ଓପନର୍ ମାକ୍ସ ଓ'ଡୋଡ୍ ୨ ଛକା ଓ ଗୋଟିଏ ଚୌକା ସହ ସମାନ ୧୯ ରନ ସଂଗ୍ରହ କରିବା ଫଳରେ ପ୍ରଥମ ସୁପର୍ ଓଭର ମଧ୍ୟ ଟାଇରେ ସମାପ୍ତ ହୋଇଥିଲା। ଫଳାଫଳ ପାଇଁ ଦ୍ୱିତୀୟ ସୁପର୍ ଓଭର ଖେଳାଯାଇଥିଲା। ଏଥର କିନ୍ତୁ ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୧୮ ରନ କରିଥିଲା। ଜବାବରେ ନେପାଳ ପାଇଁ ଓପନର୍ ରୋହିତ ଓ ଦୀପେନ୍ଦ୍ର ସିଂ ଧୁଆଁଧାର ବ୍ୟାଟିଂ କରି ୬ ବଲ୍‌ରେ ୧୮ ରନ କରି ପୁନର୍ବାର ମ୍ୟାଚ୍‌କୁ ଟାଇ ରଖିଥିଲେ। ଶେଷରେ ୩ୟ ସୁପର୍ ଓଭର ଆୟୋଜିତ ହୋଇଥିଲା। ଏଥିରେ କିନ୍ତୁ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ କୌଣସି ରନ ସଂଗ୍ରହ କରିବା ପୂର୍ବରୁ ପ୍ରଥମ ୪ଟି ବଲ୍‌ରେ ଦୁଇ ବ୍ୟାଟରଙ୍କୁ ହରାଇଥିଲା। ଫଳରେ ନେଦରଲାଣ୍ଡସ ସାମ୍ନାରେ ମାତ୍ର ୧ ରନ ଲକ୍ଷ୍ୟ ରହିଥିଲା। ଦଳ ଏହାକୁ ପ୍ରଥମ ବଲ୍‌ରେ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡସ- ୧୫୨/୭, ୨୦ ଓଭର
ନେପାଳ- ୧୫୨/୮, ୨୦ ଓଭର

**ପ୍ରଥମ ସୁପର୍ ଓଭର**

ନେପାଳ- ୧୯/୧, ୧ ଓଭର
ନେଦରଲାଣ୍ଡସ- ୧୯/୦

**ଦ୍ୱିତୀୟ ସୁପର ଓଭର**

ନେଦରଲାଣ୍ଡସ- ୧୭/୧, ୧ ଓଭର
ନେପାଳ- ୧୭/୦, ୧ ଓଭର

**ତୃତୀୟ ସୁପର ଓଭର**

ନେପାଳ- ୦/୨, ୦.୪ ଓଭର
ନେଦରଲାଣ୍ଡସ- ୬/୦, ୦.୧ ଓଭର

### ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

## ଭାରତ ଖେଳିବ ୬ ସିରିଜ୍, ୧୮ ଟେଷ୍ଟ



ଦୁବାଇ,୧୭।୬ (ଏଜେନ୍ସି): ଗଲ୍‌ରେ ଆଜି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବା ସହ ୨୦୨୫-୨୭ ସାଇକଲର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଆରମ୍ଭ ହୋଇଯାଇଛି। ଆଜି ମଧ୍ୟ ଆଇସିସି ପକ୍ଷରୁ ଟେଷ୍ଟ ଚାମ୍ପିଅନସିପ୍‌ର ବିସ୍ତୃତ ଖେଳସୂଚୀ ଘୋଷଣା କରାଯାଇଛି। ଏହି ଖେଳସୂଚୀ ଅନୁଯାୟୀ ଭାରତ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ୬ଟି ସିରିଜ୍ ଓ ୧୮ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଏବଂ ୨୦୨୭ ଜାନୁୟାରୀରୁ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍ ୫ ମ୍ୟାଚ୍ ବିଶିଷ୍ଟ ହେବ। ଇଂଲଣ୍ଡ ସହ ବିଦେଶ ମାଟିରେ ଖେଳି ଏହି ସାଇକଲ୍‌ରେ ଅଭିଯାନ ଆରମ୍ଭ କରିବ। ଏହା ପରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ସହ ୨ଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ୨୦୨୬ ଅକ୍ଟୋବର ଓ ନଭେମ୍ବରରେ ଏହି ମ୍ୟାଚ୍ ଖେଳାଯିବ। ଏହା ପରେ ଆଉ ୨ଟି ସିରିଜ୍ ଭାରତ ବାହାରେ ଖେଳିବ। ଏହା ମଧ୍ୟରୁ ୨୦୨୬ ଅଗଷ୍ଟରେ ଶ୍ରୀଲଙ୍କା ସହ ଓ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ସହ ବିଦେଶ ମାଟିରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଯୋଗ୍ୟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ୨ଟି ସଂସ୍କରଣରେ ଫାଇନାଲ ଖେଳିଥିଲା। ଏହି ଦୁଇଟି ସଂସ୍କରଣରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲେ। କିନ୍ତୁ ତୃତୀୟ ସଂସ୍କରଣରେ ଫାଇନାଲ ଯାଇ ପାରି ନ ଥିଲା। ଏଥିରେ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ତୃତୀୟ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତର ଖେଳସୂଚୀ**

| ଟେଷ୍ଟ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଖେଳ ଆରମ୍ଭ |
|---|---|---|---|
| ୫ | ଇଂଲଣ୍ଡ | ଇଂଲଣ୍ଡ | ଜୁନ୍ ୨୦୨୫ |
| ୨ | ୱେଷ୍ଟଇଣ୍ଡିଜ୍ | ଭାରତ | ଅକ୍ଟୋବର ୨୦୨୬ |
| ୨ | ଦକ୍ଷିଣ ଆଫ୍ରିକା | ଭାରତ | ନଭେମ୍ବର ୨୦୨୬ |
| ୨ | ଶ୍ରୀଲଙ୍କା | ଶ୍ରୀଲଙ୍କା | ଅଗଷ୍ଟ ୨୦୨୬ |
| ୨ | ନ୍ୟୁଜିଲାଣ୍ଡ | ନ୍ୟୁଜିଲାଣ୍ଡ | ଅକ୍ଟୋବର ୨୦୨୬ |
| ୫ | ଅଷ୍ଟ୍ରେଲିଆ | ଅଷ୍ଟ୍ରେଲିଆ | ଜାନୁଆରୀ ୨୦୨୭ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS